R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୩
ତିଥି : ସପ୍ତମୀ
୨୨ ମାର୍ଚ୍ଚ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 163
22 March 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବ ଅନୁମୋଦନ

# ଏବିପିଏମ୍‌ଜେଏୱାଇ-ଜିଜେଏୱାଇକୁ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର, ୨୧।୩ (ସବ୍ୟୁ) : ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ରାଜ୍ୟରେ ମିଳିତ ଭାବେ ଲାଗୁ କରାଯିବ । ଏହାଛଡ଼ା ୭୦ ବର୍ଷରୁ ତଦୁର୍ଦ୍ଧ ବୟସ୍କଙ୍କ ଲାଗି ଆର୍ଥିକ ବର୍ଗ ନିର୍ବିଶେଷରେ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ଲାଗୁ କରାଯିବ । ଏହି ଯୋଜନାରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ମିଳିବ । ଉପରୋକ୍ତ ପ୍ରସ୍ତାବ ସମେତ ୭ ବିଭାଗର ୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଏହି ନୂଆ ସମନ୍ୱିତ ଯୋଜନାରେ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ପରିବାର ଲାଭ ପାଇବେ । ହିତାଧିକାରୀମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ । ଏବିପିଏମ୍‌ଜେଏୱାଇ ଯୋଜନାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ କେନ୍ଦ୍ରୀୟ ଅଂଶ ଧନ ପାଇବେ । ଓଡ଼ିଶାରେ ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି । ଉଭୟ ଯୋଜନା ଲାଗି ସରକାର ୫ ବର୍ଷ ବାବଦକୁ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରିଛନ୍ତି ।

### ୭୦ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ବୟୋ-ବନ୍ଦନା ଯୋଜନା
### ଡିଏମ୍‌ଏଫ୍ ନିୟମରେ ପରିବର୍ତ୍ତନ
### ରାଜ୍ୟ ସଡ଼କ ନୀତିକୁ ଅନୁମୋଦନ
### ବିକଶିତ ଗାଁ, ବିକଶିତ ଓଡ଼ିଶା ପରିସର ବ୍ୟାପକ
### ୧୯୯୦ ଅନୁଯାୟୀ ଲାଗୁ ହେବ ଥଇଥାନ ସହାୟତା ଯୋଜନା

ସେହିଭଳି କ୍ୟାବିନେଟ୍‌ରେ କେନ୍ଦ୍ର ସରକାରଙ୍କ ପ୍ରଚଳିତ ଡିଏମ୍‌ଏଫ୍ ନିୟମରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି । ଏହି ସଂଶୋଧନରେ ଅନେକ ନୂତନ (୯ ପୃଷ୍ଠାରେ)

# ଆଜିଠୁ ଆଇପିଏଲ୍ @୧୮




କୋଲକାତା, ୨୧।୩ (ଏଜେନ୍ସି): ଆଇପିଏଲ୍‌ର ୧୮ତମ ସଂସ୍କରଣ ଶନିବାର ଠାରୁ ଆରମ୍ଭ ହେବ । ଏହାକୁ ନେଇ କ୍ରିକେଟ୍ ଜଗତରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଇଡେନ୍‌ରେ ଗତଥରର ବିଜେତା କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ । ଗତ ସଂସ୍କରଣ ପରେ ଏଥର ମଧ୍ୟ ୧୦ଟି ଦଳ ଆଇପିଏଲ୍‌ରେ ଅଂଶଗ୍ରହଣ କରିବେ । ୬୫ ଦିନ ଧରି ଚାଲିବାକୁଥିବା ଆଇପିଏଲ୍ ମହାକୁମ୍ଭରେ ମୋଟ୍ ୭୪ଟି ମ୍ୟାଚ ଖେଳାଯିବ । ଏହି ସମସ୍ତ ମ୍ୟାଚ ଭାରତର ୧୩ଟି ଭେନ୍ୟୁରେ ଆୟୋଜିତ ହେବ । ଏସବୁ ମ୍ୟାଚ ମଧ୍ୟରୁ ୬୨ଟି ମ୍ୟାଚ ରାତିରେ ଖେଳାଯିବା ଓ ଅବଶିଷ୍ଟ ୧୨ଟି ମ୍ୟାଚ ଅପରାହ୍ଣ ୩.୩୦ରୁ ଆରମ୍ଭ ହେବ । ବିଶେଷକରି ଡବଲ ହେଡର ମ୍ୟାଚ ଗୁଡ଼ିକ ଶନିବାର ଓ ରବିବାର ଛୁଟି ଦିନରେ ଖେଳାଯିବ । ଏଥର ଏକାଧିକ ପରିବର୍ତ୍ତନ ସହ ଆଇପିଏଲ୍ ଆରମ୍ଭ ହେବାକୁଯାଉଛି । ପୂର୍ବ ପରି ବୋଲର ବଲରେ ଛେପ ଲଗାଇ ପାରିବେ । ତେଣୁ ଏଥର ଆଇପିଏଲ୍‌ରେ ରିଭର୍ସ ସୁଇଂ ଦେଖିବାକୁ ମିଳିବ । ଏତଦ୍‌ବ୍ୟତୀତ ମହେନ୍ଦ୍ର ସିଂ ଧୋନି, ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ କ୍ରିକେଟର କ୍ୟାରିୟର ଶେଷ ଆଇପିଏଲ୍ ଖେଳିପାରନ୍ତି । ୬୫ ଦିନ ଧରି ଚାଲିବାକୁଥିବା ଆଇପିଏଲ୍ ମାର୍ଚ୍ଚ୨୨ରୁ ଆରମ୍ଭ (୯ ପୃଷ୍ଠାରେ)

# ଜଷ୍ଟିସ୍ ହରିଶ୍ ଟଣ୍ଡନ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ



କଟକ, ୨୧।୩ (ସବ୍ୟୁ) : କୋଲକତା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ଦେଇଥିବା ପ୍ରସ୍ତାବରେ କେନ୍ଦ୍ର ସରକାର ମୋହର ମାରିଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଥିବା ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ତାରିଖରେ ଅବସର ଗ୍ରହଣ କରିବା ପରେ ଏହି ପଦ ପୂରଣ ହୋଇପାରି ନଥିଲା ।

୨୦୧୦ ମସିହା ଏପ୍ରିଲ ୧୩ ତାରିଖରେ ଜଷ୍ଟିସ୍ ଟଣ୍ଡନ କୋଲକତା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତ ପାଇଥିଲେ । ସେବେଠାରୁ ସେହି ହାଇକୋର୍ଟରେ ସେ ବିଚାରପତି ଭାବେ କାର୍ଯ୍ୟ କରି ଆସୁଛନ୍ତି । ସର୍ବଭାରତୀୟ ସ୍ତରରେ ସମସ୍ତ ହାଇକୋର୍ଟର ବିଚାରପତିଙ୍କ ବରିଷ୍ଠତା ଆଧାରରେ ଜଷ୍ଟିସ୍ ଟଣ୍ଡନ ୭ତମ ରାଙ୍କରେ ଅଛନ୍ତି ।

ବର୍ତ୍ତମାନ ସେ କୋଲକତା ହାଇକୋର୍ଟର ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟରତ । ସେ କୋଲକତା ହାଇକୋର୍ଟରେ ବିଚାରପତି ପଦରେ ନିଯୁକ୍ତି ପାଇବା ପୂର୍ବରୁ ସେହି କୋର୍ଟରେ ସିଭିଲ୍ ମାମଲା ପରିଚାଳନାରେ ଜଣେ ଦକ୍ଷ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ । ନ୍ୟାୟ ପ୍ରଦାନ କ୍ଷେତ୍ରରେ ତାଙ୍କର ବହୁ ଅଭିଜ୍ଞତା ରହିଛି । ଏସବୁକୁ ଦେଖୁଲେ ଜଷ୍ଟିସ୍ ହରିଶ୍ ଟଣ୍ଡନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଲାଗି ଉପଯୁକ୍ତ ବୋଲି କଲେଜିୟମ୍ ମତ ଦେଇଥିଲା । ଫଳରେ ତାଙ୍କ ନାମକୁ ଏହି ପଦ ଲାଗି ସୁପାରିସ୍ କରାଯାଇଛି ବୋଲି କୁହାଯାଇଥିଲା । ସୁପ୍ରିମକୋର୍ଟ କଲେଜିୟମ୍ ଅନୁମୋଦନ ପରେ କେନ୍ଦ୍ର ସରକାର ଏହା ଉପରେ ମୋହର ମାରିଛନ୍ତି । ଖୁବ୍‌ଶୀଘ୍ର ସେ ଓଡ଼ିଶା ହାଇକୋର୍ଟରେ ଯୋଗଦେଇ ପାରନ୍ତି ।

## ବିଧାନସଭାରେ କଂଗ୍ରେସର ଅଭିନବ ପ୍ରତିବାଦ

# ଘଣ୍ଟ, ମହୁରି, ଗିନି ଧରି ହଟ୍ଟଗୋଳ



ଭୁବନେଶ୍ୱର, ୨୧।୩ (ସବ୍ୟୁ) : ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ଦାବିରେ କଂଗ୍ରେସ ବିଧାୟକମାନେ ଅଟଳ ଅଛନ୍ତି । କଂଗ୍ରେସ ବିଧାୟକମାନେ ଶୁକ୍ରବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି । ଘଣ୍ଟ, କାହାଳି, ଗିନି ଧରି ଗୃହର ମଧ୍ୟଭାଗରେ ପ୍ରତିବାଦ କରିବାରୁ ଗୃହର କାର୍ଯ୍ୟ ବସ୍ତୁତଃ ଅଚଳ ହୋଇପଡ଼ିଥିଲା । କେବଳ ଅପରାହ୍ଣ ଅଧିବେଶନ ଦୁଇଥର ମୁଲତବୀ ହେବାପରେ ୫ଟାରୁ ବଜେଟ୍ ଆଲୋଚନା ଆରମ୍ଭ ହେବା ସମ୍ଭବପର ହୋଇଥିଲା । କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁ ଶୂନ୍ୟକାଳ, ପ୍ରଶ୍ନକାଳ, ମୁଲତବୀ ଚାଲିପାରି ନଥିଲା ।

ଶୁକ୍ରବାର ଗୃହର କାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଗୃହ କମିଟି ଦାବି କରିଥିଲେ । ବିଶୃଙ୍ଖଳା ଲାଗି ଗୃହରୁ ୭ ଦିନ ଲାଗି ନିଲମ୍ବିତ ହୋଇଥିବା ବିଧାୟକ ତାରାପ୍ରସାଦ ବାହିନୀପତି ଅବଧି ସରିଲା । ପରେ ଆଜି ଗୃହକୁ ଆସିଥିଲେ । ସମସ୍ତ କଂଗ୍ରେସ ବିଧାୟକମାନେ କଳା ପୋଷାକ ପିନ୍ଧିଥିଲେ । ଗୃହ କମିଟି ଗଠନ ଦାବିରେ ଗୃହର ମଧ୍ୟଭାଗରେ ଘଣ୍ଟ ବାଡ଼େଇବା ସହ ତୁରୀ ବଜାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉତ୍ତର ରଖିବାକୁ ଡାକିଥିଲେ । ହେଲେ ବିରୋଧୀ କଂଗ୍ରେସ ହଟ୍ଟଗୋଳ ଜାରି ରଖିବାରୁ ପ୍ରଥମେ ଗୃହକୁ ୧୦.୩୨ରୁ ୧୧.୩୦ ଯାଏ ମୁଲତବୀ କରିଥିଲେ । ଗୃହ ମୁଲତବୀ ପରେ କଂଗ୍ରେସ ବିଧାୟକମାନେ ଘଣ୍ଟ ଗିନି ଧରି ତୁରୀ ବଜାଇ ବିଧାନସଭାର (୯ ପୃଷ୍ଠାରେ)

### ଗୃହ ବାରମ୍ବାର ମୁଲତବୀ
### ବିଧାନସଭା ପରିକ୍ରମା କଲେ ବିଧାୟକ

# ମଦ ବ୍ୟବସାୟୀଙ୍କ ଘରୁ ୧୭ କୋଟି ଜବତ

ଭୁବନେଶ୍ୱର, ୨୧।୩ (ସବ୍ୟୁ) : ମଦ ବ୍ୟବସାୟୀ ବିକ୍ରମ ସାହୁଙ୍କ ଘରେ ଆୟକର ବିଭାଗ ଦୁଇଦିନ ହେବ ଚଢ଼ାଉ ଜାରି ରଖିଛି । ଭୁବନେଶ୍ୱର, ଅନୁଗୁଳ, ତାଳଚେର, ପୁରୀ ସମେତ ୧୫ଟି ସ୍ଥାନରେ ଏକ ସଂଗେ ଚଢ଼ାଉ କରାଯାଇଛି । ତାଙ୍କ ଘରୁ ଓ ଏକ ବ୍ୟବସାୟ ପ୍ରତିଷ୍ଠାନରୁ ନଗଦ ୧୭ କୋଟି ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି । ଏଥିସହ ପୁରୀ ଓ ଅନୁଗୁଳରେ ବିଳାସପୂର୍ଣ୍ଣ ହୋଟେଲ ଓ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ବିଳାସପୂର୍ଣ୍ଣ ଘର ଥିବା ଠାବ କରିଛି ଆୟକର ବିଭାଗ । ଏହା ପୂର୍ବରୁ ୨୦୨୩ ମସିହାରେ ବିକ୍ରମ ସାହୁଙ୍କ ଘରେ ମଧ୍ୟ ଆୟକର ଚଢ଼ାଉ ହୋଇଥିଲା । ଆୟ ଅନୁଯାୟୀ ଟିକସ ଦେଉନଥିବାରୁ ବିକ୍ରମ ସାହୁଙ୍କ ଘରେ ୨୦୨୫ ମସିହା ମାର୍ଚ୍ଚ ୨୦ ଓ ୨୧ ତାରିଖରେ (୯ ପୃଷ୍ଠାରେ)

# ଗୁଳି ଫୁଟାଇ, ଖଣ୍ଡା ବୁଲାଇ ଗୋରୁ ମାଫିଆଙ୍କ ଆତଙ୍କରାଜ

ବାଲେଶ୍ୱର, ୨୧।୩ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗ ଛକରେ ଗୁରୁବାରର ବିଳମ୍ବିତ ରାତିରେ ଗୋରୁ ମାଫିଆ ଆତଙ୍କ ସୃଷ୍ଟି କରିଛନ୍ତି । ମାଫିଆମାନେ ଢେଲାପଥର ମାଡ଼ ସହ ଖଣ୍ଡା ବୁଲାଇବା ଓ ଗୁଳି ଚାଳନା କରି ଲୋକଙ୍କୁ ଭୟଭୀତ କରିଛନ୍ତି। ଲୋକଙ୍କ ଦୋକାନ ସହ ଏକାଧିକ ଗାଡ଼ିକୁ ଭାଙ୍ଗି ଦିଆଯାଇଛି।ତେବେ ପୁଲିସ ବିଳମ୍ବରେ ସେଠାରେ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ରାସ୍ତାରୋକ କରିଥିଲେ।

### ପୋଲିସ ଗାଡ଼ି ଭଙ୍ଗାରୁଜା, ରାସ୍ତାରୋକ

ସୂଚନା ଅନୁଯାୟୀ, ବାସୁଦେବପୁରରୁ ବାଲେଶ୍ୱର ଭାୟା ବାହାନଗା ଦେଇ ଗୁରୁବାର ରାତିରେ ଏକ ଗୋରୁ ବୋଝେଇ ଗାଡ଼ି ଆସୁଥିବା ବେଳେ କିଛି ଯୁବକ ଅଟକାଇବାକୁ ଚେଷ୍ଟା କରିଥିଲେ। ଗୋରୁ ମାଫିଆ ମାରଣାସ୍ତ୍ର ଧରି ସେମାନଙ୍କୁ ଆକ୍ରମଣ କରୁଥିବା ବେଳେ ଭାରସାମ୍ୟ ହରାଇ ଗୋରୁ ବୋଝେଇ ଗାଡ଼ିଟି ଶ୍ରୀଜଙ୍ଗ ଛକ ରାସ୍ତାପାର୍ଶ୍ୱରେ ଥିବା ଏକ ସେଲୁନ୍ ଉପରେ ଚଢ଼ିଯିବାରୁ ଦୋକାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକ ଏକାଠି ହୋଇ ଗୋରୁ ମାଫିଆଙ୍କୁ ଧରିବାକୁ (୯ ପୃଷ୍ଠାରେ)

# ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



ଭୁବନେଶ୍ୱର, ୨୧।୩ (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଶୁକ୍ରବାର ସନ୍ଧ୍ୟା ୭ଟା ୫୦ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ଦୀର୍ଘ ଦିନ ହେଲା ସେ କ୍ୟାନସରରେ ପୀଡ଼ିତ ଥିଲେ। ମୃତ୍ୟୁ (୯ ପୃଷ୍ଠାରେ)

# ଆଜି ଚେନ୍ନାଇରେ ସୀମା ପୁନଃନିର୍ଦ୍ଧାରଣ ବିରୋଧରେ ବୈଠକ

ନୂଆଦିଲ୍ଲୀ, ୨୧।୩ : ଆସନ୍ତାକାଲି ଚେନ୍ନାଇରେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରି ୭ ରାଜ୍ୟର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଚେନ୍ନାଇରେ ସ୍ୱାଗତ କରାଯାଉଛି । ବୈଠକରେ କେରଳ, ତେଲେଙ୍ଗାନା ଓ ପଞ୍ଜାବର ମୁଖ୍ୟମନ୍ତ୍ରୀ ଯୋଗ ଦେଉଛନ୍ତି । ଏହାଛଡ଼ା କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ ଓଡ଼ିଶାର ବରିଷ୍ଠ ନେତାମାନେ ମଧ୍ୟ

### ଯୋଗଦେବ ୭ ରାଜ୍ୟ

ବୈଠକରେ ଏକ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି ଗଠନ ନେଇ ପ୍ରସ୍ତାବ ଦେବାସହ ଏହାକୁ ଭାରତୀୟ ସଂସଦୀୟ ବ୍ୟବସ୍ଥାର ଐତିହାସିକ ଦିବସ ବୋଲି ବର୍ଣ୍ଣନା କରିଛନ୍ତି । ପହଞ୍ଚୁଥିବା ନେତାମାନଙ୍କୁ ଏହି ବୈଠକରେ ସାମିଲ ହେବେ । ଏକ୍ସରେ ପୋଷ୍ଟ କରି ଷ୍ଟାଲିନ୍ ଉଲ୍ଲେଖ କରିଛନ୍ତି ଯେ ତାମିଲନାଡୁ ଆରମ୍ଭ କରିଥିବା ଏହି ପଦକ୍ଷେପ ଏବେ ମୁକ୍ତ ପ୍ରତିନିଧିତ୍ୱ ଲାଗି ଏକ ଜାତୀୟ ଆନ୍ଦୋଳନ (୯ ପୃଷ୍ଠାରେ)

## ସାମିଲ ହେଲା ବିଜେଡି



ଭୁବନେଶ୍ୱର, ୨୧।୩ (ସବ୍ୟୁ) : ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରି ଆସନ୍ତାକାଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଡାକିଥିବା ସର୍ବଦଳୀୟ ବୈଠକରେ ବିଜେଡି ସାମିଲ ହୋଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଅଧକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟସଭା ସାଂସଦ ଡ. ଅମର (୯ ପୃଷ୍ଠାରେ)

## ବିଚାରପତିଙ୍କ ଘରୁ ଅର୍ଥ ଜବତ ମାମଲା

# ରିପୋର୍ଟ ତଲବ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୧।୩ : ଦିଲ୍ଲୀ ହାଇକୋର୍ଟର ବରିଷ୍ଠ ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ଘରୁ ଅର୍ଥ ଜବତ ସମ୍ପର୍କରେ ପ୍ରକାଶିତ ଖବର ଉପରେ ସ୍ପଷ୍ଟୀକରଣ ଦେଇ ସୁପ୍ରିମକୋର୍ଟ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି ।ଏହି ପ୍ରେସ ବିଜ୍ଞପ୍ତିରେ ସୁପ୍ରିମକୋର୍ଟ କହିଛନ୍ତି ଯେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ବର୍ମା ମାମଲା ଉପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କଠାରୁ ଏକ ରିପୋର୍ଟ ମାଗିଛନ୍ତି । ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନିଜ ସ୍ତରରେ ସୂଚନା ସଂଗ୍ରହ କରୁଛନ୍ତି ଏବଂ ସେ ତୁରନ୍ତ ତାଙ୍କର ସୁପ୍ରିମକୋର୍ଟରେ ତାଙ୍କର ରିପୋର୍ଟ ଦାଖଲ କରିବେ ।ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ବ୍ୟତୀତ, ଜଷ୍ଟିସ୍ ବର୍ମାଙ୍କଠାରୁ ମଧ୍ୟ ସ୍ପଷ୍ଟୀକରଣ ମଗାଯାଇଛି । ଏହି ଉତ୍ତରଗୁଡ଼ିକୁ ଦେଖିବା ଏବଂ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରିବା ପରେ ସୁପ୍ରିମକୋର୍ଟ କଲେଜିୟମ୍ ଏ ସମ୍ପର୍କରେ ଆହୁରି ଏକ ପ୍ରସ୍ତାବ ପାସ୍ କରିବେ ।ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଜଷ୍ଟିସ୍ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର ପ୍ରସ୍ତାବ ଏହି ଆଭ୍ୟନ୍ତରୀଣ ତଦନ୍ତଠାରୁ ଏକ ପୃଥକ ପ୍ରକ୍ରିୟା । ଯେହେତୁ ଏହି ଘଟଣା ଦିଲ୍ଲୀରେ ଘଟିଛି, ତେଣୁ ତାଙ୍କୁ ଏଠାରେ ପଦବୀରେ ରଖିବା ଠିକ୍ ହେବ ନାହିଁ । ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟରେ ବରିଷ୍ଠତା ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି, ଯେତେବେଳେ କି ଆହ୍ଲାବାଦ ହାଇକୋର୍ଟରେ ସେ ବରିଷ୍ଠତା ତାଲିକାରେ ନବମ ସ୍ଥାନରେ ରହିବେ ।

ଉଲ୍ଲେଖଯୋଗ୍ୟ ଯେଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାରେ ନିଆଁ ଲାଗି ଯାଇଥିଲା । (୯ ପୃଷ୍ଠାରେ)

**ସାମଗ୍ରୀ–** ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ଅଧା ଚାମଚ ଅଦା ପେଷ୍ଟ, ଅଧା ଚାମଚ ରସୁଣ ପେଷ୍ଟ, ଏକ ଚାମଚ ଗ୍ରେଟେଡ୍ କଞ୍ଚା ଅମୃତଭଣ୍ଡା, ଏକ ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ଗରମ ମସଲା, ଏକ ଚାମଚ ବେସନ, ୨ଚାମଚ ଲେମ୍ବୁ ରସ, ଅଧା ଚାମଚ ଧନିଆ ଗୁଣ୍ଡ, ଏକ ଚାମଚ ଜୀରା ଗୁଣ୍ଡ, ୨ଚାମଚ ତେଲ, ଅଧା କପ ଦହି, ଅଧା ଚାମଚ ହଳଦୀ, ଅଳ୍ପ ପରିମାଣ ଗୋଲମରିଚ ଗୁଣ୍ଡ ।

**ପ୍ରଣାଳୀ–** ଗୋଟିଏ ପିଆଜର ଅଧାକୁ ଗ୍ରେଟ କରିବା ସହିତ ଆର ଅଧାକୁ କାଟିନିଅନ୍ତୁ । ଏହି କଟା ପିଆଜକୁ ତେଲରେ ଛାଣି ନିଅ । ଛାଣିବା ପରେ ଏହାକୁ ଗୁଣ୍ଡ କରିନିଅନ୍ତୁ । ପରେ ଏହି ଗୁଣ୍ଡ ପିଆଜକୁ ଗ୍ରେଟେଡ୍ ପିଆଜ ସହିତ ମିଶାଇନିଅ । ଏହାପରେ ପିଆଜ ଓ ଅନ୍ୟାନ ସମସ୍ତ ସାମଗ୍ରୀକୁ ଗୋଟିଏ ପାତ୍ରରେ ମିଶାଇନିଅନ୍ତୁ । ଏହାପରେ ଏଥିରେ ଚିକେନ୍ ଖଣ୍ଡକୁ ମିଶାଇ ଭଲକରି ଗୋଳାଇନିଅନ୍ତୁ । ଏହି ମ୍ୟାରିନେଟେଡ୍ ଚିକେନ୍‌କୁ ରାତିସାରା ଫ୍ରିଜ୍‌ରେ ରଖନ୍ତୁ । ଏହାପରେ ଏହାକୁ କାଢି ଗ୍ରିଲ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ବିହାରି ବଟି । ଏହାକୁ ସାଲାଡ ଓ ନାନ୍ ସହିତ ପରଷିପାରିବେ ।

## ଚିକେନ୍ ବିହାରୀ ବୁଟି



## ସୋସିଆଲ କୋଟ୍ସ



"ମୁଁ ଚାହୁଁ ନଥିଲି ମୁଁ ଯେଉଁ ଭୁଲ କରିଛି ସେହି ଭୁଲ ମୋ ଝିଅ ଆଉ ଥରେ କରୁ । ତେଣୁ ମୁଁ ମଶାବାକୁ ଲିଭ୍‌ଇନ୍ ରହିବା ପାଇଁ ମନା କରିଥିଲି । ଏହା ତାପାଇଁ ଭଲ ଥିଲା ।

ନୀନା ଗୁପ୍ତା, ଅଭିନେତ୍ରୀ



"କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଗଦର-୨କୁ ପ୍ରଶଂସା ମିଳିଛି । ସମସ୍ତେ କହୁଛନ୍ତି ଅନେକ ସମୟ ପରେ ଏଭଳି ଏକ ଫିଲ୍ମ ରିଲିଜ୍ ହୋଇଛି ଯାହାକୁ ପୂରା ପରିବାର ବସିକି ଦେଖିପାରିବେ ।

ଅନିଲ୍ ଶର୍ମା, ନିର୍ଦ୍ଦେଶକ



"ଆକ୍ଟିଂ ସବୁବେଳେ ମୋର ଫାଷ୍ଟ ଲଭ ଥିଲା, ଆଗକୁ ରହିବ ମଧ୍ୟ । ଏହି ୧୫ ବର୍ଷର ଜର୍ଣ୍ଣି ବେଶ୍ ରୋମାଞ୍ଚକର ଓ ସ୍ମରଣୀୟ ଥିଲା ।

ତମନ୍ନା ଭାଟିଆ, ଅଭିନେତ୍ରୀ

## ବିଶ୍ୱ ଜଳ ଦିବସ



ବିଶ୍ୱ ଜଳ ଦିବସ ପ୍ରତିବର୍ଷ ୨୨ ମାର୍ଚ୍ଚରେ ବିଶ୍ୱ ସାରା ପାଳିତ ହୁଏ । ବିଶ୍ୱର ସମସ୍ତ ବିକଶିତ ଦେଶରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ସହ ଜଳ ସଂରକ୍ଷଣର ମହତ୍ତ୍ୱ ତଥା ଆବଶ୍ୟକତା ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ । ପ୍ରଥମଥର ପାଇଁ ୧୯୯୨ ମସିହାରେ ବ୍ରାଜିଲସ୍ଥିତ ରିଓ ଡି ଜେନିରୋଠାରେ ମିଳିତ ଜାତିସଂଘର ଆୟୋଜିତ ପର୍ଯ୍ୟାବରଣ ଓ ବିକାଶ ସମ୍ମିଳନୀରେ ବିଶ୍ୱ ଜଳ ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ପୁଣି ମିଳିତ ଜାତିସଂଘର ସାଧାରଣ ସଭାରେ ୧୯୯୩ ମସିହାରେ ଏହି ନିଷ୍ପତ୍ତି ଅନୁମୋଦନ ଲାଭ କଲା । ସ୍ୱଚ୍ଛ ତଥା ସୁରକ୍ଷିତ ଜଳର ଆବଶ୍ୟକତା ବିଷୟରେ ଜନ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଦିନଟିକୁ ପ୍ରତିବର୍ଷ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବେ ପାଳିବାକୁ ସର୍ବ ସମ୍ମତି କ୍ରମେ ଗୃହିତ ହେଲା । ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳର ଉପାଦେୟତା ସଂପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶିବିର, ଶୋଭାଯାତ୍ରା, ଆଲୋଚନାଚକ୍ର ଇତ୍ୟାଦିର ଆୟୋଜନ କରାଯାଏ । ଏପରିକି ଜଳ ସଂରକ୍ଷଣର ଆବଶ୍ୟକତା ସହ ହାତର ସ୍ୱଚ୍ଛତା ନେଇ ଅନେକ କର୍ମଶାଳାର ବି ଆୟୋଜନ କରାଯାଏ ।

## ମ୍ୟୁଜିକାଲ ସ୍କୁଟର




ଏହି ଭିଡିଓରେ ଏକ ସ୍କୁଟର ରହିଛି ଯାହାର ପୁରା ଶରୀର ରଙ୍ଗବେରଙ୍ଗର ଲାଇଟ୍‌ରେ ସଜା ହୋଇଥିବାବେଳେ ଏହାର ଡିସ୍‌ପ୍ଲେରେ ଏକ ଗୀତ ଲାଗିଥିବାର ଦେଖିବାକୁ ମିଳୁଛି । ଗାଡିଟି ଗୋଟିଏ ପେଟ୍ରୋଲପମ୍ପରେ ରଖାଯାଇଛି । ତେବେ ଗାଡିଟି କେଉଁଠାର ଜଣା

ସୋସିଆଲ ମିଡିଆରେ ମହିନ୍ଦ୍ରାଗ୍ରୁପ୍‌ର ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା ସବୁବେଳେ ବେଶ୍ ଆକ୍ଟିଭ ରହିଥାଆନ୍ତି । ବିଭିନ୍ନ ସମୟରେ ତାଙ୍କର ଭିନ୍ନଭିନ୍ନ ଭିଡିଓ ଭାଇରାଲ ହୋଇଥାଏ । ବର୍ତ୍ତମାନ ତାଙ୍କର ଏକ ମ୍ୟୁଜିକାଲ ସ୍କୁଟର ଭିଡିଓ ଭାଇରାଲ ହେବାରେ ଲାଗିଛି । ପଡିନାହିଁ , ହେଲେ ଗାଡିଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଆନନ୍ଦ ମହିନ୍ଦ୍ରା ଭିଡିଓଟି ପୋଷ୍ଟ କରି ଲେଖିଛନ୍ତି କେବଳ ଭାରତ ହିଁ ଜୀବନ ଏଭଳି ରଙ୍ଗୀନ ଓ ମଜାଦାର ହୋଇପାରିବ ।

୧୮୮୨ – ଘାତକ ସଂକ୍ରାମକ ଟିବିକୁ ଚିହ୍ନଟ କରାଗଲା ।
୧୮୮୮ – ଇଂଲିଶ ଫୁଟବଲ ଲିଗ୍‌ର ସ୍ଥାପନା ।
୧୮୯୦ – ରାମଚନ୍ଦ୍ର ଚାଟାର୍ଜୀ ପ୍ରଥମ ଭାରତୀୟ ରୂପେ ପାରାଚ୍ୟୁଟ୍‌ରେ ତଳକୁ ଓହ୍ଲାଇଲେ ।
୧୯୨୩ – ରେଡିଓରେ ପ୍ରଥମ ଥର ପାଇଁ ଆଇସ୍ ହକି ମ୍ୟାଚ୍‌ର ପ୍ରସାରଣ କରାଗଲା ।
୧୯୪୨ – ସାର୍ ଷ୍ଟାଫୋର୍ଡ କ୍ରିପ୍ସଙ୍କ ନେତୃତ୍ୱରେ କ୍ରିପ୍ସ ମିଶନ ଭାରତ ଆସିଥିଲା ।
୧୯୫୬ – ଏକ ଆତଙ୍କୀ ଆଇନକୁ ବିରୋଧ କରିଥିବାରୁ ଆମେରିକାର ରଙ୍ଗଭେଦ ବିରୋଧୀ ନେତା ମାର୍ଟିନ ଲୁଥର କିଙ୍ଗଙ୍କୁ ଜେଲଦଣ୍ଡ ଦିଆଗଲା ।
୧୯୭୭ – ପ୍ରଧାନମନ୍ତ୍ରୀ ପଦବୀରୁ ଇନ୍ଦିରା ଗାନ୍ଧୀ ଇସ୍ତଫା ଦେଲେ ।
୧୯୯୩ – ପ୍ରଥମଥର ପାଇଁ ଏହି ଦିନକୁ ବିଶ୍ୱ ଜଳ ଦିବସ ରୂପେ ପାଳନ କରାଗଲା ।

## ବିଲୁପ୍ତ ହୋଇଯିବେ ସରୀସୃପ !

ପ୍ରାକୃତିକ ପରିବର୍ତ୍ତନ ଧୀରେଧୀରେ ସମସ୍ତଙ୍କୁ ଡରାଇବାରେ ଲାଗିଛି । ଏ ସମ୍ପର୍କିତ ଏଭଳି ଅନେକ ତଥ୍ୟ ସାମନାକୁ ଆସୁଛି ଯାହା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଉଛି । ପତ୍ରିକା ନେଚର୍ ହାଇଲାଇଟସ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଦୁନିଆରେ ଥିବା ବିଭିନ୍ନ ସରୀସୃପ ପ୍ରଜାତି ବିଲୁପ୍ତ ସ୍ଥିତିରେ ଅଛନ୍ତି । ଏହି ଗବେଷଣା ଅନୁଯାୟୀ ପ୍ରାୟ ୧୦,୧୯୬ ସରୀସୃପ ପ୍ରଜାତିରୁ ୧୮୨୯ପ୍ରଜାତି ବିଲୁପ୍ତ ସ୍ଥିତିରେ ଥିବା ଆକଳନ କରାଯାଉଛି । ଏହି ତାଲିକାରେ ୪୧ ପ୍ରତିଶତ ଉଭୟଚରପ୍ରାଣୀ, ୨୧ପ୍ରତିଶତ ସ୍ତନ୍ୟପାୟୀ, ୧୪ ପ୍ରତିଶତ ପକ୍ଷୀ, ୫୮ ପ୍ରତିଶତ କୁମ୍ଭୀର, ୫୦ ପ୍ରତିଶତ କଇଁଛ ପ୍ରଜାତି ସାମିଲ ଅଛନ୍ତି । ଏସିଆର ଦକ୍ଷିଣଭାଗ, ଭାରତ, ପଶ୍ଚିମଆଫ୍ରିକା ଏବଂ କ୍ୟାରେବିଆନ ଅଞ୍ଚଳ ହେଲା ସର୍ବାଧୀକ ୧୫ ପ୍ରତିଶତ ଅଞ୍ଚଳ ଯେଉଁଠି ଏହି ସମସ୍ୟା ଅଧିକା । ତେବେ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ସରୀସୃପଙ୍କ ତୁଳନାରେ ସୁଖାଅଞ୍ଚଳର ସରୀସୃପ ଅଧିକା ସୁରକ୍ଷିତ । ତେବେ ଏହାର କାରଣ ବିଭିନ୍ନ ପ୍ରକାରର ରହିଛି, ଏହାକୁ ଖୁବ୍ ଜଲଦି ଧ୍ୟାନ ଦେବା ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।





## ପେପର ସଦୃଶ ସ୍ପିକର

ବିଜ୍ଞାନର କାର୍ଯ୍ୟକ୍ଷମତା ଧୀରେ ଧୀରେ ବଢିଚାଲିଛି । ବୈଜ୍ଞାନିକମାନେ ପ୍ରତିଟି ସମୟରେ ଏଭଳି କିଛି ଉଦ୍ଭାବନ କରୁଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏଥିରେ ଯୋଡିହୋଇଛି ଆଉ ଏକ ନୂଆ ଉଦ୍ଭାବନ । ବୈଜ୍ଞାନିକମାନେ ଏଭଳି ଏକ ଲାଉଡସ୍ପିକରର ଉଦ୍ଭାବନ କରିଛନ୍ତି, ଯାହା ପେପର ଭଳି ପତଳା । ଏହା ସହିତ କୌଣସି ବି ସ୍ଥାନରେ ଏହା ଅଡିଓର କାମ କରିପାରିବ । ଏହି ସ୍ପିକରର ଓଜନ ମଧ୍ୟ ବହୁତ ହାଲୁକା ରହିଛି । ସେହିଭଳି ଏହାକୁ ଫେବ୍ରିକେସନ୍ ପଦ୍ଧତି ବ୍ୟବହାର କରି ପ୍ରସ୍ତୁତ କରାଯାଇଛି । ତେବେ ଅଧିକାଂଶ ସ୍ପିକର ଉପରେ ଏହା ରଖାଯାଉଥିବା ସ୍ଥାନର ପ୍ରଭାବ ରହିଥାଏ। ଏଥିରୁ ନିର୍ଗତ ଭାଇବ୍ରେସନ୍ ଉପରେ ଏହି ସ୍ଥାନର ପ୍ରଭାବ ରହିଥାଏ । ହେଲେ ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ସ୍ପିକର ଉପରେ ଏହାକୁ ରଖାଯାଉଥିବା ସ୍ଥାନର କୌଣସି ପ୍ରଭାବ ରହିବ ନାହିଁ । ଏଥିରେ ପିଜୋଇଲେକଟ୍ରିକର ବ୍ୟବହାର କରାଯାଇ ଏକ ଥିନ୍ ଲେୟାର ପ୍ରସ୍ତୁତ କରାଯାଇଛି । ଏଥିରେ ବିଭିନ୍ନ ଜ୍ଞାନକୌଶଳର ବ୍ୟବହାର କରାଯାଇଛି, ଯାହା ଏହାର କାର୍ଯ୍ୟକ୍ଷମତା ବଢାଇଛି । ସେହିଭଳି ଏହାକୁ କିଭଳି ଅଧିକ ଦିନ ବ୍ୟବହାର କରିହେବ ସେ ନେଇ ବ୍ୟବସ୍ଥା କରାଯାଇଛି । ଏହି ସ୍ପିକରକୁ ଏକ ପିଇଟି ପ୍ଲାଷ୍ଟିକର ଥିନ୍ ସିଟ୍‌ରେ ଲେଜର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଇଛି । ସ୍ପିକରଟିକୁ ପିଜୋଇଲେକଟ୍ରିକ୍ ମେଟେରିଆଲ ବ୍ୟବହାର କରାଯାଇ ଲାମିନେଟ୍ କରାଯାଇଛି । ବୈଜ୍ଞାନିକ ଏବେ ମଧ୍ୟ ଏହାଉପରେ ଗବେଷଣା ଜାରି ରଖିଛନ୍ତି, ଆଗକୁ ଏହାର କାର୍ଯ୍ୟଦକ୍ଷତା ଆହୁରି ବଢାଯିବା ନେଇ ସେମାନେ ମତଦେଇଛନ୍ତି ।

## ରେଖାଙ୍କୁ ପ୍ରଶଂସା



ରାକେଶ ରୋଶନ ନିଜ କ୍ୟାରିୟରରେ ଅଭିନେତ୍ରୀ ରେଖାଙ୍କ ସହିତ ଅନେକ ପ୍ରୋଜେକ୍ଟରେ କାମ କରିଛନ୍ତି । କେବଳ ନିର୍ଦ୍ଦେଶକ ନୁହେଁ ଅଭିନେତା ଭାବେ ମଧ୍ୟ ସେ ରାକେଶଙ୍କ ସହିତ କାମ କରିଛନ୍ତି । ହେଲେ ଅନେକ ସମୟରେ ରାକେଶଙ୍କୁ ଅନ୍ୟମାନେ ପରାମର୍ଶ ଦେଇଥାଆନ୍ତି ରେଖାଙ୍କୁ ନିଜ ପ୍ରୋଜେକ୍ଟରେ ନ ନେବାକୁ । ଏନେଇ ନିଜେ ରାକେଶ ରୋଶନ ପ୍ରକାଶ କରିଛନ୍ତି । ରେଖା ସୁଟିଂ ସେଟ୍‌କୁ ଖୁବ ବିଳମ୍ବରେ ଆସନ୍ତି ତେଣୁ ତାଙ୍କୁ ଫିଲ୍ମରେ କାଷ୍ଟ ନ କରିବାକୁ ସମସ୍ତେ ପରାମର୍ଶ ଦେଇଥାଆନ୍ତି । ହେଲେ ରେଖାଙ୍କୁ ନେଇ ରାକେଶଙ୍କର ମତ ଭିନ୍ନ । ସେ କହିଛନ୍ତି ରେଖା ଖୁବ ସୁରୁଖୁରୁରେ ସୁଟିଂ କରନ୍ତି ହେଲେ ତାଙ୍କୁ ଯିଏ ଫିସ୍ ସଠିକ୍ ସମୟରେ ଦିଅନ୍ତି ନାହିଁ ସେମାନଙ୍କୁ ସେ ହଇରାଣ କରନ୍ତି ବୋଲି ରାକେଶ ରୋଶନ ମତ ଦେଇଛନ୍ତି । ରାକେଶଙ୍କୁ ସେ କେବେ ବି ହଇରାଣ କରି ନାହାନ୍ତି ବୋଲି ସେ ମତ ଦେଇଛନ୍ତି । ସୂଚନା ଅନୁସାରେ ରାକେଶ ରୋଶନ ରେଖାଙ୍କ ସହିତ ଅଭିନେତା ଭାବେ ୨ ରୁ ୩ଟି ଫିଲ୍ମ ଓ ନିର୍ଦ୍ଦେଶକ ଭାବେ ଅନେକ ଫିଲ୍ମ କରିଛନ୍ତି ଏବଂ ଫିଲ୍ମ ଗୁଡିକ ସୁପରହିଟ୍ ମଧ୍ୟ ରହିଛି ।

## ବିଦେଶୀ ତାଜମହଲ

ଭାରତର ତାଜମହଲ ବିଶ୍ୱରେ ପ୍ରେମର ବାର୍ତ୍ତା ପ୍ରଚାର କରିଥାଏ । ତେବେ ଆଗ୍ରାରେ ଥିବା ଏହି ତାଜମହଲ ଭଳି ବିଶ୍ୱରେ ଆଉ କେତୋଟି ଦେଶରେ ଅବିକଳ ତାଜମହଲ ରହିଛି । ଯାହା ଦେଖିବାକୁ ପୁରା ଭାରତର ତାଜମହଲ ଭଳି ।



**ଚାଇନା–** ଭାରତର ପଡୋଶୀ ଦେଶ ଚାଇନାରେ ରହିଛି ଅବିକଳ ତାଜମହଲ ସଦୃଶ କଳାକୃତି । ଚାଇନାରେ ଥିବା ପାର୍କ ୱିଇଣ୍ଡୋ ଅଫ୍ ଦି ୱାର୍ଲଡ ଅଫ ସେହଜାହାଁରେ ଏହି ନକଲି ତାଜମହଲର ନିର୍ମାଣ କରାଯାଇଛି । ଏହି ପାର୍କରେ କେବଳ ତାଜମହଲ ନୁହେଁ, ବିଶ୍ୱର ଆହୁରି ଅନେକ ପରିଚିତ କଳାକୃତିର ନକଲ ପ୍ରତିକୃତି ମଧ୍ୟ ରହିଛି ।



**ୟୁକେ–** ଭାରତକୁ ୨୦୦ ବର୍ଷ ଶାସନ କରିଥିବା ବ୍ରିଟିସରସ ମାନେ ମଧ୍ୟ ତାଜମହଲକୁ କପି କରିଛନ୍ତି । ଇଂଲଣ୍ଡର ବ୍ରିଙ୍ଗଟନ୍‌ରେ ଥିବା ଦ ରୟାଲ୍ ପାଭିଲିଅନରେ ରହିଛି ଏହି ତାଜମହଲ । ଏହା ଏକ ପୁରାତନ ରାଜମହଲ, ଯାହା ୧୯ଶହ ଶତାବ୍ଦୀର ଶୈଳୀରେ ପ୍ରେରିତ ହୋଇ ନିର୍ମାଣ କରାଯାଇଛି ।

**ଦୁବାଇ–** ଦୁବାଇରେ ୨୧,୦୦୦୦ ସ୍କୋୟାରଫୁଟ୍ ସ୍ଥାନରେ ନିର୍ମାଣ ହୋଇଛି ନକଲି ତାଜମହଲ । ଏହି ନକଲି ତାଜମହଲର ଆକାର ଅସଲିଠାରୁ ପ୍ରାୟ ୪ଗୁଣା ଅଧିକା । ଏହାର ନାଁ ରହିଛି ତାଜ ଆରବିଆ । ଏହି ସ୍ଥାନରେ ସେଠାରେ ୩୫୦ ରୁମ ବିଶିଷ୍ଟ ଏକ ହୋଟେଲ ମଧ୍ୟ ରହିଛି । ଏହାଛଡା ଏଥିରେ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଯେପରି ଦୋକାନ, ଆପାର୍ଟମେଣ୍ଟ,ଷ୍ଟୋର, ରୋଷ୍ଟୋରାଁ ଆଦି ରହିଛି ।



ଲୋକସେବା ଭବନ ଠାରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସଇନି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବ୍ୟାପକ ନିଯୁକ୍ତି

ବାରଙ୍ଗ, (ସବ୍ୟୁ) :ସ୍ଥାନୀୟ ଶ୍ରୀ ଶ୍ରୀ ବିହାରସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷ ଆରମ୍ଭ ଏବଂ ବିଗତ ଶିକ୍ଷାବର୍ଷ ଶେଷରେ ବର୍ତ୍ତମାନ ବିଭିନ୍ନ ଦେଶୀୟ ଏବଂ ବହୁରାଷ୍ଟ୍ରୀୟ କମ୍ପାନୀ ପକ୍ଷରୁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀମାନେ ବର୍ତ୍ତମାନ ବେଶ୍ ଖୁସି ଥିବାବେଳେ କ୍ୟାମ୍ପସରେ ମଧ୍ୟ ଉତ୍ସାହର ବାତାବରଣ ଦେଖିବାକୁ ମିଳିଛି । ସେଥିପାଇଁ ଗୁରୁବାର ପରିଚାଳନା ବିଭାଗ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ଏଥିରେ ପରିଚାଳନା ବିଭାଗର ଡିନ୍ ଡ. ବିପ୍ଳବ କୁମାର ବିଶ୍ୱାଳ ଏବଂ ଅନ୍ୟ ବିଭାଗୀୟ ପ୍ରାଧ୍ୟାପକମାନଙ୍କ ସମେତ ଦେଢ଼ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଗିରିଜା ଶଙ୍କର ପ୍ରଧାନ, ସୁନନ୍ଦା ପ୍ରିୟଦର୍ଶିନୀ ରାଉଳ, ପ୍ରୀତି ପ୍ରିୟଦର୍ଶିନୀ ସାହୁ, ସୌରଭ କୁମାର ପାଢ଼ୀ, ପ୍ରେରଣା ସାହୁ, ଅମିତ କୁମାର ପଣ୍ଡା, ଚିନ୍ମୟ ଦାସ, ରୁଦାଳି ପାଣିଗ୍ରାହୀ, ବିଶ୍ୱଜିତ ବାରିକ, ରାହୁଲ ସ'ପ୍ରମୁଖ ଏହାର ଆୟୋଜନ କରିଥିଲେ।

# ଜଳସମ୍ପଦ ବିଭାଗ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର,(ସବ୍ୟୁ): ସ୍ୱାଧୀନତାର ୭୫ ବର୍ଷ ପରେ ଓଡ଼ିଶାରେ ମାତ୍ର ୩୪% ଜଳସେଚନ ସୁବିଧା ଅଛି । ତେବେ ଆମ ସରକାର ଜଳସେଚନ ଜମି ପରିମାଣ ବୃଦ୍ଧି କରିବାକୁ ପଦକ୍ଷେପ ନେଉଛନ୍ତି । ଜଳ ସମ୍ପଦ ବିଭାଗର ଖର୍ଚ୍ଚ ଦାବି ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ସରକାର ପ୍ରଥମ ବଜେଟ ଉପସ୍ଥାପନ ବେଳେ ରାଜ୍ୟର ଜଳ ସିକ୍ୟୁରିଟି ପାଇଁ ଜଳ ସଂରକ୍ଷଣ ଏବଂ ଉତ୍ତମ ଜଳ ପରିଚାଳନାକୁ ପ୍ରାଥମିକତା ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବବୃହତ ହୀରାକୁଦ ଡ୍ୟାମର ସେଚ ପଦ୍ଧତିର ନବୀକରଣ ପାଇଁ ୮୫୫ କୋଟି ଟଙ୍କା, ଫାଟକ ରହିତ ଜଳାଶୟ ଗୁଡିକରେ ଫାଟକ ଲଗାଇ ଜଳଧାରଣ କ୍ଷମତା ବୃଦ୍ଧିପାଇଁ ୨୪୦ କୋଟି ଟଙ୍କା, ଉଦବୃତ ବନ୍ୟାଜଳ ସଠିକ ପରିଚାଳନା ପାଇଁ ଜଳାଶୟ ଗୁଡିକରେ ସ୍ୱୟଂଚାଳିତ ଫାଟକ ବ୍ୟବସ୍ଥା ପାଇଁ ୮୦ କୋଟି ଟଙ୍କାର ନୂତନ ଯୋଜନାମାନ ଆରମ୍ଭ କରିଛନ୍ତି । ଖାଦ୍ୟ ନିରାପତ୍ତା, ମରୁଡି ମୁକାବିଲା ପାଇଁ ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକର ଉଲ୍ଲେଖନୀୟ ଅବଦାନ ରହିଛି । ନିର୍ମାଣାଧୀନ ପ୍ରକଳ୍ପ ଗୁଡିକର ଦୃତ ଅଗ୍ରଗତି ଏବଂ ର୍ନିଦ୍ଦିଷ୍ଟ ସମୟସୀମାରେ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ୩ ହଜାର ୫୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି।

ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପ ହେବା ସମୟରେ ଇନ୍ଦ୍ରାବତୀ ନଦୀର ତଳମୁଣ୍ଡରେ ଥିବା ନବରଙ୍ଗପୁର ଜିଲ୍ଲାର ଉପେକ୍ଷିତ ଚାଷଜମିକୁ ସେଚକ୍ଷମ କରିବା ପାଇଁ ନବରଙ୍ଗପୁର ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଯାହାଦ୍ୱାରା ୧୯ ହଜାର ୬୦୦ ହେକ୍ଟର ଚାଷଜମିକୁ ଜଳସେଚନ ଦିଆ ଯାଇ ନବରଙ୍ଗପୁର ବାସୀଙ୍କର ଦୀର୍ଘ ଦିନର ସ୍ୱପ୍ନ ପୂରଣ କରାଯାଇଛି । ଓଡିଶା ଉଠା ଜଳସେଚନ ନିଗମ ଦ୍ୱାରା ଜଳସେଚନ ସୁବିଧାକୁ ଲୋକାଭିମୁଖୀ କରିବା ପାଇଁ ଜନସହଭାଗୀତାରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକ୍ରମ କରାଯାଉଛି ।

ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସରକାର ଭୂପୃଷ୍ଠ ଓ ଭୂତଳ ଜଳ ସଂରକ୍ଷଣକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟରେ ବ୍ୟବହୃତ ହେଉଥିବା ଜଳ ମଧ୍ୟରୁ ଶତକଡା ୮୦ ଭାଗ ଜଳସେଚନରେ ଉପଯୋଗ କରାଯାଇଥାଏ । ଏହା ବିକଶିତ ରାଷ୍ଟ୍ର ମାନଙ୍କ ଦ୍ୱାରା ଚାଷ ନିମନ୍ତେ ବ୍ୟବହାର କରାଯାଉଥିବା ଜଳର ପରିମାଣ ଠାରୁ ଯଥେଷ୍ଟ ଅଧିକ । ଜଳର ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ଦେଇ କ୍ଷେତ୍ର ନାଳୀ ଏବଂ ଫିଲ୍ଡ ଡ୍ରେନ ନିର୍ମାଣ କରି ଶେଷ ମୁଣ୍ଡରେ ପର୍ଯ୍ୟାପ୍ତ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ଅଦ୍ୟାବଧି ୧୧ ଲକ୍ଷ ୨୮ ହଜାର ହେକ୍ଟର୍ ଜମିରେ କରନାଳୀ ନିର୍ମାଣ କରାଯାଇଛି ।

ବନ୍ୟା ନିୟନ୍ତ୍ରଣ କରି ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନ ରକ୍ଷାକରିବା ଜଳସମ୍ପଦ ବିଭାଗର ଏକ ଗୁରୁପୂର୍ଣ କାର୍ଯ୍ୟ । ବନ୍ୟାର କ୍ଷୟକ୍ଷତି ହ୍ରାସ କରିବାକୁ ତଥା ସାମୁଦ୍ରିକ ଲବଣାକ୍ତ ଜଳର ଅନୁପ୍ରବେଶକୁ ପ୍ରତିରୋଧ କରିବାପାଇଁ ଏଯାବତ ୭ ହଜାର ୪୭୩ କିଲୋମିଟର ବନ୍ୟା ପ୍ରତିରୋଧକ ବନ୍ଧ ଓ ଲୁଣା ଘେରି ବନ୍ଧମାନ ନିର୍ମାଣ କରାଯାଇଛି ।ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ଡ୍ୟାମ ଗୁଡିକର ସୁରକ୍ଷା ଅତ୍ୟନ୍ତ ଗୁରୁପୂର୍ଣ୍ଣ ।

ଆମ ରାଜ୍ୟର ମହାନଦୀ, ବଂଶଧାରା ଜଳ ବିବାଦ ଓ ପୋଲାଭରମ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଜଳମଗ୍ନ ଅଂଶ ପାଇଁ ଚାଲିଥିବା ବିବାଦରେ ଗୃହର ସଚେତନ ସଦସ୍ୟମାନଙ୍କର ଉଦବେଗ ରହିଛି ତାକୁ ସରକାର ଗୁରୁତ୍ୱ ଦେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ । କୃଷକ ମାନଙ୍କର ଉନ୍ନତି ବିନା ରାଜ୍ୟର ବିକାଶ ସମ୍ଭବ ନୁହେଁ । ଆମ ସରକାର ଭଲ ଭାବେ ଜାଣିଛନ୍ତି ଯେ ଜମିକୁ ଯଦି ଜଳ ଯୋଗାଇ ଦିଆଯାଏ, ତେବେ ଚାଷୀ ର ଅଧା ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ତେଣୁ ଜଳସମ୍ପଦ ତଥା କୃଷି ଓ କୃଷକ ମାନଙ୍କର ଉନ୍ନତି ଦ୍ୱାରା ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ସହ ବିକଶିତ ଓଡ଼ିଶା, ବିକଶିତ ଭାରତ ର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ଉପସ୍ଥାପିତ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବଟିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହକୁ ଅନୁରୋଧ କରିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରି ନଳିନୀ କାନ୍ତ ପ୍ରଧାନ, ସନ୍ତୋଷ ଖଟୁଆ, ଅରୁଣ କୁମାର ସାହୁ, ଅଶ୍ୱିନୀ ଷଡ଼ଙ୍ଗୀ,ନିରଞ୍ଜନ ପୁଜାରୀ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ସେମାନଙ୍କ ମତ ରଖିଥିଲେ ।

## ଡିଜିପିଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟାନୁଷ୍ଠାନ

# ମହିଳାଙ୍କୁ ଦୁର୍ବ୍ୟବହାର ପଡ଼ିଲା ମହଙ୍ଗା, ବଦଳିଲେ ବିଡାନାସୀ ଆଇଆଇସି

କଟକ, (ସବ୍ୟୁ) ମହିଳାଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡ଼ିଛି ପୁଲିସ୍ ଅଧିକାରୀଙ୍କୁଛ ବିଡ଼ାନାସୀ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଜଣେ ସରକାର କଲେଜର ମହିଳା ପ୍ରଫେସର ଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ମହିଳା ଅଧ୍ୟାପିକା ଜଣଙ୍କ ଏକ ସମସ୍ୟାରେ ପଡ଼ିଥିବା ବେଳେ ଏନେଇ ସେ ପ୍ରଥମେ ଥାନା ଆଇଆଇସି ଥିବା ଶ୍ରୀ ସ୍ୱାଇଁଙ୍କୁ ଫୋନ୍ କରି ସମସ୍ୟା ବାବଦରେ ଜଣାଇଥିଲେ । ଫୋନ୍ ଉଠାଇବା ପରେ ଥାନା ଅଧିକାରୀ ଜଣକ ଅଭିଯୋଗ ଶୁଣିବା ବଦଳରେ ଅଶାଳୀନ ବ୍ୟବହାର ସହ ଗାଳିଗୁଲଜ କରିଥିଲେ । ଏହା ଶୁଣି ମହିଳା ପ୍ରଫେସର ଜଣଙ୍କ କିଛି ଉପାୟ ନ ପାଇ ଫୋନ୍ କାଟି ଦେଇଥିଲେ । ଏହାପରେ ନିଜର ଅଭିଯୋଗ ଲିଖିତ ଆକାରରେ ନେଇ ଥାନାକୁ ଯାଇଥିଲେ । ହେଲେ ଅଭିଯୋଗ ଶୁଣିବା ତ ଦୂରର କଥା ଥାନାକୁ ଯାଇଥିବା ବ୍ୟକ୍ତିଙ୍କୁ କେମିତି ବ୍ୟବହାର କରନ୍ତି ତାହା ଭୁଲି ଯାଇଥିଲେ ଥାନା ଅଧିକାରୀ । ଓଲଟା ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଏତଲା ମଧ ରଖିନଥିଲେ । ଥାନା ଅଧିକାରୀଙ୍କ କଦର୍ଯ୍ୟ ତଥା ଖରାପ ବ୍ୟବହାର ଶୁଣି ଏତଲା ନ ଦେଇ ମହିଳା ଜଣଙ୍କ ଫେରି ଆସିଥିଲେ । ଥାନାରେ ତାଙ୍କ ସହ ଘଟିଥିବା ଘଟଣା ବିଷୟରେ ମହିଳା ଜଣଙ୍କ ପ୍ରଥମେ ପୁଲିସ ଡିଜିପିଙ୍କୁ ଜଣାଇଥିଲେ। ମହିଳା ଜଣଙ୍କ ନିଜ ଫୋନ୍‌ରେ ଥାନା ଅଧିକାରୀଙ୍କ ଅଡିଓ ରେକର୍ଡିଂ କରିଥିଲେ । ଯାହାକୁ ସେ ଡିଜିପିଙ୍କୁ ଶୁଣାଇଥିଲେ । ଏହାପରେ ଡିଜିପି ଏ ବିଷୟରେ ପୁଲିସ୍ କମିଶନର ଏସ୍ ଦେବଦତ୍ତ ସିଂହଙ୍କୁ ଜଣାଇଥିଲେ । ଏହା ଜାଣିବା ପରେ ଆଜି ବିଡ଼ାନାସୀ ଥାନାରୁ ଆଇଆଇସି ଯୁବରାଜଙ୍କୁ ବଦଳି କରାଯାଇଛି । ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କଟକ ଯୁପିଡିରେ କାର୍ଯ୍ୟରତ ଅତିରିକ୍ତ ଡିସିପି କରୁଛନ୍ତି । ଉକ୍ତ ରିପୋର୍ଟ ଆଧାରରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି । ଥାନା ଅଧିକାରୀ ଯୁବରାଜଙ୍କର ଏଭଳି କାଣ୍ଡ ଘଟାଇବା ନୂଆ ନୁହେଁ । ଭୁବନେଶ୍ୱରରେ ୟୁପିଡି ଅଧିନରେ ଥିବାବେଳେ ଜଣେ ଯୁବତୀଙ୍କୁ ମଧ ଥାନାରେ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଚଳିତ ମାସ ୭ ତାରିଖରେ ନୂଆପଲ୍ଲୀ ଥାନା ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ, ଥାନାକୁ ଅଭିଯୋଗ ନେଇ ଯାଉଥିବା ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର କର । ଯଦି କିଏ ଖରାପ ବ୍ୟବହାର କରୁଛି ତାଡ଼'ହେଲେ ଡିଜିପି ତାଙ୍କୁ ନିଲମ୍ବନ କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ଏମିତି ନିର୍ଦ୍ଦେଶ ଶୁଣି ଡିଜିପି ୱାଇ ବି ଖୁରାନିଆ ସବୁ ଜିଲ୍ଲା ଏସ୍ପି ଏ ନେଇ ତାଗିଦ କରିଥିଲେ । ବିଶେଷ କରି କମିଶନରେଟ୍ ପୁଲିସ୍ର ବରିଷ୍ଠ ଅଧିକାରୀମାନଙ୍କ ତାଗିଦ୍ କରିଥିଲେ । ହେଲେ ବିଡାନାସୀ ଥାନାରେ ଘଟିଥିବା ଏହି ଘଟଣା ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଉଥିବା ସାମ୍ନାକୁ ଆସିଛି ।

## ମହାନଦୀକୁ ନେଇ କବିତା ମାଧ୍ୟମରେ ସରକାରଙ୍କୁ ଅରୁଣଙ୍କ କଟାକ୍ଷ

# କବିତାରେ ନିସୃତ ହେଲା ଅନ୍ତଃସ୍ୱର

ଭୁବନେଶ୍ୱର,(ସବ୍ୟୁ): ବିଧାନସଭାରେ ଶୁକ୍ରବାର ଅପରାହ୍ନରେ ଉପସ୍ଥାପିତ ଜଳ ସମ୍ପଦ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ଚାଲିଥିଲା । ବିଜେଡ଼ି ପକ୍ଷରୁ ବରିଷ୍ଠ ସଦସ୍ୟ ଅରୁଣ କୁମାର ସାହୁ ମୁଁ ମହାନଦୀ କହୁଛି ଶୀର୍ଷକ ସ୍ୱ ଲିଖିତ କବିତା ଆବୃତି କରି ଓଡ଼ିଶା, ଭାରତ ଓ ପୃଥିବୀର ଜଳକଷ୍ଟ ଉପରେ ପ୍ରାଞ୍ଜଳ ଭାବେ ବଖାଣି ଥିଲେ । ଓଡ଼ିଶାର ବଡ଼ ନଦୀ ମହାନଦୀର ଜଳ ଧାର କିପରି ଶୁଖି ଯାଉଛି ଓ ଏହାର ୩୫ ଗୋଟି ଉପନଦୀ ଗୁଡ଼ିକର ସ୍ଥିତି ଉପରେ କହିଥିଲେ । ଛତିଶଗଡ଼ ରାଜ୍ୟରୁ ବାହାରି ଓଡ଼ିଶାର ଝାରସୁଗୁଡ଼ା (ସୁଖାଛଡ଼ା)ରେ ପ୍ରବେଶ କରିଥିବା ମହାନଦୀ କିପରି ଉପଯୁକ୍ତ ଯତ୍ନ ଅଭାବରେ ଆର୍ତ୍ତଚିତ୍କାର କରୁଛି ତାକୁ କବିତାରେ ସ୍ଥାନିତ କରିଥିଲେ ।

ଆରମ୍ଭରେ ବିଧାୟକ ଶ୍ରୀ ସାହୁ କହିଥିଲେ ଯେ ମତେ ମା ମହାନଦୀ ଏକ ଚିଠି ପଠାଇଛି । ଆଉ ସେହି ଚିଠି ରାଜ୍ୟର ବିଜେପି ସରକାର ଉଦ୍ଦେଶ୍ୟରେ ରହିଥିବା କହିଥିଲେ । ଏହା କହୁଥିବା ବେଳେ ଗୃହରେ କିଛି ସମୟ ନିସ୍ତବ୍ଧ ହୋଇଯାଇଥିଲା । ପରେ ଶ୍ରୀ ସାହୁ କହିଥିଲେ ଯେ ଏ ଚିଠି (କବିତା)ଟି ସାଧାରଣ ନୁହେଁ , ଏହା ଏକ ଗମ୍ଭୀର ବିଷୟ ନେଇ ଆସିଛି ବୋଲି ପଠନ କରିଥିଲେ । ମହାନଦୀ ଆମକୁ ଅନେକ କିଛି ଦେଇଛି । ମହାନଦୀ ପ୍ରବାହିତ ଉଭୟ ପାର୍ଶ୍ୱରେ ଅନେକ ସହର ରହିଛି । ସାତକୋଶିଆ ଗଣ୍ଡ ଓ ଅନେକ ଜୈବବିବିଧତାର ପାହାଡ଼ ରହିଛି । କିନ୍ତୁ ତାର ଉପଯୁକ୍ତ ଯତ୍ନ /ରକ୍ଷଣାବେକ୍ଷଣ ଅଭାବରୁ ଅସ୍ତିତ୍ୱ ହରାଇବାରେ ଲାଗିଛି । ଏବେ ମୁଁ ନଦୀ ନୁହେଁ ନର୍ଦ୍ଦମା ପାଲଟିଯାଇଛି ବୋଲି ମହାନଦୀର କ୍ଷୋଭ ରହିଛି ବୋଲି କହିଥିଲେ । ଦିନ ଥିଲା ମୋ କୋଳରେ ଛିଡ଼ା ହୋଇ , ମୋ ଦୃଶ୍ୟରେ ଅଭିଭୁତ ହୋଇ କେତେ ଯେ କବିତା , କାବ୍ୟ ରଚନା ହୋଇଛି । କିନ୍ତୁ ଆଜି କାହିଁକି ମୋର ଏଭଳି ପରିସ୍ଥିତି ବୋଲି ସରକାରକୁ ପ୍ରଶ୍ନ କରିଛି ମହାନଦୀ ବୋଲି ଶ୍ରୀ ସାହୁ କହିଥିଲେ ।

କବିତାରେ ମହାନଦୀ ଓଡ଼ିଶାରେ ବହି ଯାଇଥିବା ୪୯୪ କିମିର ସ୍ଥିତି କହିଥିଲେ । ମହାନଦୀ ଛତିଶଗଡ଼ରୁ ଆରମ୍ଭ ହୋଇଥିଲେ ହେଁ ସେଠାରେ କେବଳ ୩୬୬ କିମି. ପ୍ରବାହିତ । ଛତିଶଗଡ଼ରେ ସେଠାକାର ସରକାର ମହାନଦୀ ଉପରେ ୭ ଟି ବ୍ୟାରେଜ୍ ନିର୍ମାଣ କରି ମହାନଦୀର ପ୍ରବାହିତ ଜଳକୁ ବହୁମୁଖୀ କାର୍ଯ୍ୟରେ ବ୍ୟବହାର କରୁଥିବା ବେଳେ ଆମ ରାଜ୍ୟରେ କେବଳ ହୀରକୁଦ ବହୁମୁଖୀ ନଦୀବନ୍ଧ ଛଡ଼ା ଆଉ କିଛି ହୋଇପାରିନାହିଁ । ଅନ୍ୟ ପକ୍ଷରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଏକ ଜଳ ବଣ୍ଟନ ମାମଲା ଟ୍ରିବୁନାଲ ଛିଡ଼ା ହୋଇଛି । ମହାନଦୀ ପଚାରୁଛି ହେ ସରକାର , ମୁଁ କଣ ଆପଣଙ୍କ ଓଡ଼ିଆ ଅସ୍ମିତାର ଅଂଶ ବିଶେଷ ନୁହେଁକି ବୋଲି ପାରୁଛି ।

# ୫ ଥାନାରେ ୮ ଗିରଫ : ଗହଣା, ମାରଣାସ୍ତ୍ର, ଲୁଟ୍ ସାମଗ୍ରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ପୋଲିସର ୫ ଥାନାରେ ୮ ଅପରାଧୀଙ୍କୁ ଗିରଫ କରାଯାଇଛି । ଚାରୋଟି ଥାନାରେ ଲୁଟେରା ଗିରଫ ହୋଇଥିବା ବେଳେ ଗୋଟିଏ ଥାନାରେ ଆକ୍ରମଣ ଅଭିଯୋଗରେ ଗିରଫ କରାଯାଇଛି । ୪ ଥାନାର ଲୁଟେରାଙ୍କ ନିକଟରୁ



ଗହଣା, ମାରଣାସ୍ତ୍ର, ମୋବାଇଲ ଫୋନ୍, ଗାଡି ଓ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି । ଖଣ୍ଡଗିରି ଥାନା ପୋଲିସ ୨୭ଗ୍ରାମ୍‌ର ସୁନା ଗହଣା ଜବତ କରିବା ସହ ଅମିତ ବେହେରା (୧୯) ଓ ଅନ୍ୟ ଜଣେ ନାବାଳକକୁ ଗିରଫ କରିଛି । ମୈତ୍ରୀବିହାର ଥାନା ପୋଲିସ ଦୟାନିଧି ଚମ୍ପତିରାୟ (୪୧), କାଳିଆ ପ୍ରଧାନ (୩୯), ଟୁନା ପ୍ରଧାନ (୩୫)କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଜବତ କରାଯିବା ସହ ଲୁଟ୍ ବ୍ୟବହୃତ ଅଟୋ ମଧ ଜବତ ହୋଇଥିବା ପୋଲିସ କହିଛି । ତମାଣ୍ଡୋ ଥାନା ପୋଲିସ ଆକାଶ ରାଉତରାୟ (୨୪)କୁ ଗିରଫ କରିବା ସହ ତା'ନିକଟରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ସୂଚନା ମିଳିଛି । ଆକାଶ ନାଁରେ ପୂର୍ବରୁ ଜଟଣୀ ଓ ତମାଣ୍ଡୋ ଥାନାରେ ମାମଲା ପଞ୍ଜୀକୃତ ରହିଛି । ସେହିପରି ଧଉଳି ଥାନା ପୋଲିସ ଆଶିଷ ପ୍ରଧାନ (୧୮)କୁ ଗିରଫ କରିବା ସହ ତା'ନିକଟରୁ ୨ଟି ମୋବାଇଲ, କଟୁରୀ, ସ୍କୁଟର ଓ ୧ହଜାର ଟଙ୍କା ଜବତ ହୋଇଥିବା ପୋଲିସ କହିଛି । ନୂଆପଲ୍ଲୀ ଥାନା ପୋଲିସ ଆକ୍ରମଣ ଘଟଣାରେ ନୀତିଶ ବାରିକ ନାମକ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରିଥିବା ସୂଚନା ମିଳିଛି ।

୮ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ୪ଟି ଥାନାର ଲୁଟେରା ଗିରଫ ହୋଇଥିବା ବେଳେ ଗୁରୁବାର ମଞ୍ଚେଶ୍ୱର ଓ ବଡଗଡ ଥାନା ଲୁଟ୍ ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ । ଏହି ଦୁଇଟି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଛି ।


वित्त मंत्रालय MINISTRY OF FINANCE

## ଧ୍ୟାନ ଦିଅନ୍ତୁ ! ଜିଏସ୍‌ଟି ଟିକସଦାତାଗଣ

ଯାହାଙ୍କର ମୋଟ ବାର୍ଷିକ ଟର୍ଣ୍ଣ ଓଭର* ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ* ସେମାନେ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଜିଏସ୍‌ଟି କମ୍ପୋଜିସନ ସ୍କିମ୍ ଲାଗି ବାଛି ପାରିବେ ।

ଯୋଗ୍ୟ ଟିକସଦାତା ଯେଉଁମାନେ କି କମ୍ପୋଜିସନ ସ୍କିମ୍ ନେବାକୁ ଇଚ୍ଛୁକ ସେମାନେ ଜିଏସ୍‌ଟି ପୋର୍ଟାଲ (www.gst.gov.in) ପୋର୍ଟାଲରେ ନିମ୍ନୋକ୍ତ ଏହି ଷ୍ଟେପ୍‌କୁ ଯାଇପାରିବେ:

ଟିକସଦାତାଙ୍କ ଇଣ୍ଟରଫେସ୍‌କୁ ଲଗ ଇନ୍ କରନ୍ତୁ

ସର୍ଭିସେସ୍‌କୁ ଯାଆନ୍ତୁ > ପଞ୍ଜିକରଣ > କମ୍ପୋଜିସନ ଲେଭି ପାଇଁ ଆବେଦନ ବାଛନ୍ତୁ

ଫର୍ମ ଜିଏସଟି ସିଏମ୍‌ପି-୦୨ ପୂରଣ କରନ୍ତୁ ଏବଂ ଦାଖଲ

ଯେଉଁ ଯୋଗ୍ୟ ଟିକସଦାତାଗଣ ଯେ କି କମ୍ପୋଜିସନ ସ୍କିମ୍‌ର ସୁବିଧା ନେଇ ସାରିଛନ୍ତି ସେମାନେ ଯଦିଓ ଯୋଗ୍ୟ ଅଟନ୍ତି ତେବେ ଫର୍ମ ସିଏମ୍‌ପି - ୦୨ ଫାଇଲ୍ କରିବାର ଆବଶ୍ୟକତା ନାହିଁ ।

ସହଜ ଓ ସୁବିଧା ଜନକ ଅନୁପାଳନ

ଆକର୍ଷଣୀୟ ଟିକସ ହାର

ସର୍ବନିମ୍ନ ଅନୁପାଳନ ଆବଶ୍ୟକତା

ଅଟୋ ନବୀକରଣ ଏବଂ ବାଦ୍ ଦେବା ସହଜ

ଗୁଡସ୍ ଏବଂ ସର୍ଭିସେସ୍ ଆଦିର ଯୋଗାଣ ପାଇଁ ଉପଲବ୍ଧ

କମ୍ ବୁକ୍‌କିପିଂ

| * ଯୋଗାଣକାରୀଙ୍କ ପ୍ରକାର | | # ଆର୍ଥିକ ବର୍ଷ ୨୦୨୪-୨୫ରେ ମୋଟ ବାର୍ଷିକ ଟର୍ଣ୍ଣ ଓଭର |
|---|---|---|
| ସାମଗ୍ରୀ ଆଦିର ଯୋଗାଣକାରୀ | ୦୮ ନିର୍ଦ୍ଧାରିତ ରାଜ୍ୟରେ ପଞ୍ଜିକୃତ ଟିକସଦାତା | ଟ. ୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟାନ୍ୟ ରାଜ୍ୟରେ ପଞ୍ଜିକୃତ ଟିକସଦାତା | ଟ. ୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସର୍ଭିସେସ୍ ଯୋଗାଣକାରୀ | | ଟ. ୫୦ ଲକ୍ଷ ପର୍ଯ୍ୟନ୍ତ |

ସବିଶେଷ ବିବରଣୀ ପାଇଁ, ସିଜିଏସ୍‌ଟି ଆଇନ୍‌ର ସେକ୍ସନ ୧୦, ସିଜିଏସ୍‌ଟି ରୁଲ୍‌ସ ର ରୁଲ ୩-୭ ଏବଂ ବିଜ୍ଞପ୍ତି ନଂ. ୧୪/୨୦୧୯- କେନ୍ଦ୍ରୀୟ ଟିକସ ତାରିଖ : ୦୭.୦୩.୨୦୧୯ ଦେଖନ୍ତୁ ।

ଜିଏସ୍‌ଟି କମ୍ପୋଜିସନ ସ୍କିମ୍ : କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବୃହତ୍ତ ଉପକାର

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ !

CBC 15502/13/0009/2425

କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ବହିଃଶୁଳ୍କ ବୋର୍ଡ

@cbicindia @cbic_india @cbicindia @cbicindia @CBIC india

# କାଳବୈଶାଖୀ କ୍ଷୟକ୍ଷତିକୁ ନେଇ ଭଞ୍ଜସେନା ପକ୍ଷରୁ ଦାବିପତ୍ର



ବାରିପଦା, (ସବ୍ୟୁ) : ଗୁରୁବାର ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟତଃ ବିଶୋଇ, ବାଙ୍ଗିରିପୋଷୀ ବ୍ଲକ ସହିତ ଆଂଶିକ ଭାବେ ହୋଇଥିବା କୁଳିଅଣା ଓ ସାରସକଣା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖ ସହ ବଡ଼ ବଡ଼ କୁଆପଥର ମାଡ଼ରେ ଘର ବାଡ଼ି, ଗାଡି ଭାଙ୍ଗି ନଷ୍ଟ ହେବା ସହ ବହୁ ମାତ୍ରାରେ ଧନ ସମ୍ପତ୍ତି, ଗଛିତ ଧାନ ଚାଉଳ ନଷ୍ଟ ହେବା ସହିତ ଅନେକ ଲୋକ ଆହତ ମଧ ହୋଇଛନ୍ତି । ଶହ ଶହ ଲୋକ ମୁଣ୍ଡ ଉପରୁ ଛାତ ସହିତ ଚାଷ ହୋଇଥିବା ଫସଲ ହରାଇ ଏବେ ସର୍ବଶାନ୍ତ ।

ତେଣୁ ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରି ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସାହାଯ୍ୟ ପ୍ରଦାନ କରିବା ପାଇଁ ଦାବୀ କରାଯାଇଛି । ଉକ୍ତ ଦାବି ଗୁଡିକ ହେଲା, ଯେଉଁ ଲୋକଙ୍କ ବାସଗୃହ ଭାଙ୍ଗି ଯାଇଛି ସେମାନଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରି ବାସଗୃହ ପ୍ରଦାନ କରାଯାଉ, କ୍ଷତିଗ୍ରସ୍ତ ହୋଇଥିବା ପରିବାର ସଂମ୍ପୂର୍ଣ ଥଇଥାନ ନହେବା ପର୍ଯ୍ୟନ୍ତ ସେମାନଙ୍କ ରହିବା ଖାଇବା ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଶାସନ ପକ୍ଷରୁ କରାଯିବାର ବ୍ୟବସ୍ଥା କରାଯାଉ, କ୍ଷତିଗ୍ରସ୍ତ ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଥାନ୍ତି, ତେଣୁ କାଳବୈଶାଖୀ ଫଳରେ ସମସ୍ତ ଚାଷ ଉଜୁଡ଼ି ଯାଇଥିବାରୁ ଲୋକେ ଏବେ ସର୍ବସ୍ୱାନ୍ତ । ପୁଣି ଥରେ ସଠିକ ଛିଡା ହେବା ପର୍ଯ୍ୟନ୍ତ ସମସ୍ତ ସହଯୋଗ ପ୍ରଶାସନ ପକ୍ଷରୁ କରାଯିବାକୁ ଦାବି କରାଯାଇଛି । ଯଦି ତୁରନ୍ତ କ୍ଷୟକ୍ଷତି ର ଆକଳନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଦାନ କରାନଯାଏ ତେବେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି, ତାସହିତ ଆଗାମୀ ପାଣିପାଗ ଅନୁଯାୟୀ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରାଯାଉ ବୋଲି କୁହାଯାଇଅଛି । ଆଜିର କାର୍ଯ୍ୟକ୍ରମରେ ଭଞ୍ଜସେନା ଅଧକ୍ଷ୍ୟ ସଂଜୀବ ରାଉତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ପଙ୍କଜ କରଣ ଓ ସତ୍ୟପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତି ମାଧମରେ ସୂଚନା ଦେଇଛନ୍ତି ।

## ୭ ବେଆଇନ ହୁକ୍କା ବାର ଉପରେ ଚଢ଼ାଉ

# ମାଲିକଙ୍କୁ ନୋଟିସ, ବିପୁଳ ନିଶା ସାମଗ୍ରୀ ଜବତ




ବ୍ରହ୍ମପୁର, (ସବ୍ୟୁ): ସହରରେ ଚାଲିଥିବା ବେଆଇନ ହୁକା ବାର୍ ଉପରେ ଏକାଧିକ ଚଢାଉ କରି ହୁକା ପାତ୍ର, ତମାଖୁ ଉତ୍ପାଦ ଏବଂ ଅନ୍ୟାନ୍ୟ ଧୂମପାନ ସାମଗ୍ରୀ ଜବତ କରିଛି ବ୍ରହ୍ମପୁର ପୋଲିସ । ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନ ସମେତ ବିଭିନ ଆଇନଗତ ବ୍ୟବସ୍ଥା ଅନୁଯାୟୀ ମାଲିକମାନଙ୍କ ବିରୁଦ୍ଧରେ ସାତଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି । ନାବାଳକମାନଙ୍କୁ ହୁକା ଯୋଗାଣ ସମ୍ପର୍କରେ ସଚେତନ ଅଭିଭାବକ ଏବଂ ନାଗରିକଙ୍କ ଦ୍ୱାରା କରାଯାଇଥିବା ଅନେକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ପୋଲିସ ଗୁରୁବାର ଏକକାଳୀନ ଚଢାଉ କରିଥିଲେ ।

ଏହି ଅଭିଯାନର ନେତୃତ୍ୱ ଟାଉନ ଏସଡିପିଓ, ବ୍ରହ୍ମପୁର ଟାଉନ ଥାନା, ଗୋସାନିନୁଆଁ ଥାନା, ବଡ଼ ବଜାର ଥାନା ଏବଂ ବିଏନ୍‌ପୁର ଥାନାର ଆଇଆଇସିଙ୍କ ନେତୃତ୍ୱରେ କରାଯାଇଥିଲା । ଏହି ଚଢାଉ ସହର ସାରା ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଚାଲୁଥିବା ହୁକା ବାର୍ ଉପରେ କରାଯାଇଥିଲା । ଚଢ଼ାଉ ସମୟରେ, ଏହି ପ୍ରତିଷ୍ଠାନଗୁଡ଼ିକରେ ଅନେକ ନାବାଳକ ହୁକା ଧୂମପାନ କରୁଥିବାର ଜଣାପଡ଼ିଥିଲା । ଅଧିକ ଯାଞ୍ଚ ପରେ ପୋଲିସ ହୁକାରେ ବ୍ୟବହୃତ ନିଷିଦ୍ଧ ତମାଖୁ ଉତ୍ପାଦ ଏବଂ କୋଇଲା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ଆବିଷ୍କାର କରିଥିଲା । ରେଷ୍ଟୁରାଣ୍ଟ ମାଲିକମାନେ ହୁକ୍କା ବାର ପରିଚାଳନା କିମ୍ବା ସାର୍ବଜନୀନ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରୟ କରିବା ପାଇଁ କୌଣସି ବୈଧ ଅନୁମତି କିମ୍ବା ଲାଇସେନ୍ସ ପ୍ରଦାନ କରିନଥିଲେ । କର୍ତ୍ତୃପକ୍ଷ କହିଛନ୍ତି ଯେ ଜବତ ତମାଖୁ ଉତ୍ପାଦରେ ସ୍ୱାଦ ଏବଂ ନିଶା ସ୍ତର ବୃଦ୍ଧି କରିବା ପାଇଁ କ୍ଷତିକାରକ ରାସାୟନିକ ପଦାର୍ଥ ମିଶାଯାଇଛି । ଏହି ପଦାର୍ଥଗୁଡ଼ିକ କର୍କଟ ଏବଂ ଫୁସଫୁସ ରୋଗ ସମେତ ଗୁରୁତର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରେ । ଆହୁରି ବେଆଇନ ବିକ୍ରୟକୁ ରୋକିବା ପାଇଁ ପୋଲିସ ହୁକା ପାତ୍ର, ଷ୍ଟାଣ୍ଡ, କୋଇଲା ଏବଂ ତମାଖୁ ପ୍ୟାକେଟ ସମେତ ହୁକ୍କା ଉପକରଣ ଜବତ କରିଛି । ଭାରତୀୟ ନ୍ୟାୟ ସଂହିତା ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ବୈଦ୍ୟନାଥପୁର ଥାନା, ଟାଉନ ଥାନ ଏବଂ ବଡ଼ ବଜାର ଥାନାରେ ସାତଟି ମାମଲା ପଞ୍ଜିକୃତ ହୋଇଛି । ପୋଲିସ ଚେତାବନୀ ଦେଇଛି ଯେ ଆଇନ ଉଲ୍ଲଂଘନ କରୁଥିବା ଏବଂ ଜନସ୍ୱାସ୍ଥ୍ୟକୁ ବିପଦରେ ପକାଇବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ୨୯୭୬ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାଟିକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଉଦ୍‌ଘାଟନ କରି ଚୟନ ହୋଇଥିବା କେତେକ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ ଯେ, ଏତେ ସଂଖ୍ୟକ ଯୁବକ ଯୁବତୀ ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିବା ହେତୁ ଏହା ସଫଳ ହୋଇଛି । ଏହି ନିଯୁକ୍ତି ମେଳାରେ ୫୫୬୪ ଜଣ ଯୁବକ ଯୁବତୀ ନାମ ପଞ୍ଜିକରଣ କରିଥିଲେ। ସେଥି ମଧ୍ୟରୁ ୨୯୭୬ ଜଣ ଯୁବକ ଯୁବତୀଙ୍କୁ କର୍ମ ନିଯୁକ୍ତି ଦିଆଯାଇଥିବା ବେଳେ ୧୦୯୯ ଜଣଙ୍କୁ ତାଲିମ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଛି ଏବଂ ୩୧୯ ଜଣଙ୍କୁ ସେହି ଠାରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ପ୍ରାୟ ୬୪ ଟି କମ୍ପାନୀ କର୍ମ ନିଯୁକ୍ତି ଦେବା ସକାଶେ ଅଂଶ ଗ୍ରହଣ କରିଥିଲେ। ଅନେକ ଯୁବକ ଯୁବତୀଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦେଇ ନିଯୁକ୍ତି ପ୍ରଦାନ କରାଯିବ। ବହୁଳ ଭାବରେ ନିଯୁକ୍ତି ସକାଶେ ଆସିଥିବା ହେତୁ ଆଗାମୀ ଦିନରେ ଏଭଳି ନିଯୁକ୍ତି ମେଳାକୁ ବ୍ୟାପକ ଭାବରେ ଆୟୋଜନ କରାଯିବ। ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଚଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମଧୁମିତା, ଉପ ଜିଲ୍ଲାପାଳ ଶିବାଶୀଷ ବରାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛତ୍ରପୁର, ଉପ ନିର୍ଦ୍ଦେଶକ, ସ୍କିଲ ଡେଭଲପମେଣ୍ଟ କମ୍ ଏମ୍ପୟମେଣ୍ଟ ଗଞ୍ଜାମ, ବ୍ରହ୍ମପୁର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଓରମାସ୍ ଓ ବ୍ଲକ୍ ଉନ୍ନୟନ ଅଧିକାରୀ ଛତ୍ରପୁର ନିଯୁକ୍ତି ମେଳା ନିମନ୍ତେ ସହଯୋଗ କରିଥିଲେ ।

# ପରିବେଶ ପ୍ରହରୀ ଓ ସ୍ୱାର୍ଡା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ବନ ଦିବସ



ବାରିପଦା, (ସବ୍ୟୁ) : ସ୍ଥାନୀୟ ଷ୍ଟାଡ଼ିୟମ୍ କନଫରେନ୍ସ ହଲ୍‌ରେ ପରିବେଶ ପ୍ରହରୀ ଓ ସ୍ୱାର୍ଡା ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଆବାହକ ତଥା ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଆରସିସିଏଫ କମ୍ ଫିଲ୍ଡ ଡାଇରେକ୍ଟର ପ୍ରକାଶ ଚାନ୍ଦ ଗାଗୋନନୀ, ସମ୍ମାନୀୟ ଅତିଥି ଭାବେ ଶିମିଳିପାଳ (ଦକ୍ଷିଣ) ଡେପୁଟି ଡାଇରେକ୍ଟର ସମ୍ରାଟ୍ ଗୌଡ଼ା ମୁଖ୍ୟବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ୍, ସମ୍ମାନୀତ ଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଜରୁରୀ ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, କାର୍ଯ୍ୟକ୍ରମ ଆବାହକ ମଣ୍ଡଳିର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ଓ ପ୍ରଦୀପ କୁମାର ଦାସମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ପାଖ ୨୫୦ ଗୋଟି ଜଙ୍ଗଲ କମିଟିର ୪୫୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଜଙ୍ଗଲ କମିଟି ଗୁଡ଼ିକ ପ୍ରାକୃତିକ ସଂପଦର ସୁରକ୍ଷା ପାଇଁ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଅଂଚଳ ସ୍ତରରେ ସମସ୍ୟା ଗୁଡିକ ମୁକାବିଲା କରିବା ପାଇଁ ଆଞ୍ଚଳିକ କମିଟି ଗୁଡ଼ିକ ଆଗାମୀ ଏକ ମାସ ମଧ୍ୟରେ କ୍ରିୟାଶୀଳ କରିବା ପାଇଁ ପରିବେଶ ପ୍ରହରୀ ଅନୁଷ୍ଠାନ କାମ କରିବ ବୋଲି ପ୍ରକାଶ କରିଥିଲେ । ଫଳରେ ଜଙ୍ଗଲ ନଷ୍ଟ, ଜନ୍ତୁ ଶିକାର ଓ ଅନ୍ୟାନ୍ୟ ସମାଧାନ ହୋଇପାରିବ । ଗାଁ କମିଟି ମଜବୁତ୍ ହେଲେ ଜଙ୍ଗଲ ରକ୍ଷା ହୋଇପାରିବ ବୋଲି ସମସ୍ତ ମତପ୍ରକାଶ କରିଥିଲେ । ବିଭିନ୍ନ କମିଟିର ୫୦ଜଣ କର୍ମକର୍ତ୍ତା ମାନଙ୍କୁ ଜଙ୍ଗଲ ସୁରକ୍ଷାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମୋହନ ମୁର୍ମୁ, ସଂଜୟ ଦ୍ୱାରୀ, ହରିହର ଦାସ, ମନୋରଂଜନ ନାଏକ, ବୈଦ୍ୟନାଥ ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଧୀର ନାଏକ ଓ ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ସଫଳ କରିବାରେ ସହଯୋଗ କରିଥିଲେ । ସଭାଶେଷରେ ଅନୁଷ୍ଠାନର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ ।

## ଆର୍. ସନ୍ତୋଷ ବ୍ରହ୍ମପୁର ସାଂସଦଙ୍କ ଛତ୍ରପୁର ବ୍ଲକ ପ୍ରତିନିଧି

ଛତ୍ରପୁର, (ସବ୍ୟୁ): ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଛତ୍ରପୁର ବ୍ଲକ ପ୍ରତିନିଧି ହେଲେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ସଭାପତି ଆର୍ ସନ୍ତୋଷ ରେଡ୍ଡୀ। ସାଂସଦ ପ୍ରତିନିଧି ଭାବେ ଦାୟିତ୍ୱ ମିଳିବା ପରେ ଶ୍ରୀ ରେଡ୍ଡୀ ଛତ୍ରପୁର ବ୍ଲକ ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ କିପରି କରାଯିବ ସେଥି ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏହା ସହ ସେ ବ୍ରହ୍ମପୁର ସାଂସଦ, ଛତ୍ରପୁର ବିଧାୟକ, ଭାରତୀୟ ଜନତା ପାର୍ଟିର ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ୨୨ଲକ୍ଷ ଠକେଇ ଘଟଣା: ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଚାକିରି ନାଁରେ ଦୁଇ ଜଣ ସାଙ୍ଗ ଠାରୁ ୨୨ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ବଡବଜାର ଥାନା ପୋଲିସ ଟଙ୍କା ନେଇଥିବା ଦଲାଲକୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବ୍ରହ୍ମପୁର ଗଣେଷନଗରର ଅନୀଲ ପାତ୍ର । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାପ୍ରକାରେ, ବେଲଗୁଣ୍ଠା ବ୍ୟାଙ୍କ ବଜାରର ଆଶୁତୋଷ ପାତ୍ର ଏବଂ ତାଙ୍କ ସାଙ୍ଗ ସାଇରାଜ ପାତ୍ର ବ୍ରହ୍ମପୁରରେ ରହି ଏଏସଓ ଚାକିରି ପାଇଁ ପ୍ରସ୍ତୁତ ଚଳାଇଥିଲେ। ଅଭିଯୁକ୍ତ ଅନୀଲ ପାତ୍ର ୨୦୨୨ରେ ଫେବୃଆରୀରେ ସାଇରାଜ ପାତ୍ରଙ୍କ ଦୋକାନ ନିକଟକୁ ଆସି ଏଏସଓ ଚାକିରି କରାଇଦେବ ବୋଲି କହିଥିଲେ । ତେବେ ଏଥିପାଇଁ ଜଣଙ୍କ ପିଛା ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଇଥିଲେ। ଟଙ୍କା ଦେବା ପରେ ଚାକିରି ନିଶ୍ଚିତ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ଆଶୁତୋଷ ଏବଂ ସାଇରାଜ ସରକାରୀ ଚାକିରି କରିବା ଲୋଭରେ ମୋଟ ୨୨ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇ ଯାଇଥିଲେ। ଆଶୁତୋଷ ୧୫ ଲକ୍ଷ ଟଙ୍କା ଦେଇଥିବା ବେଳେ ସାଇରାଜ ୭ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଏଏସଓ ଚାକିରି ପାଇଁ ପରୀକ୍ଷା ଶେଷ ହୋଇ ରେଜଲ୍ଟ ବାହାରିବା ପରେ ସେଥିରେ ଆଶୁତୋଷ କିମ୍ବା ସାଇରାଜଙ୍କ ନାଁ ନଥିଲା। ସେମାନେ ଚାକିରି ନପାଇବାରୁ ଏ ବିଷୟରେ ଅନୀଲଙ୍କୁ ପଚାରିଥିଲେ । ଚାକିରି ହୋଇନଥିବାରୁ ୨୨ ଲକ୍ଷ ଟଙ୍କା ଫେରାଇ ଦେବାକୁ କହିଥିଲେ । ହେଲେ ବାରମ୍ବାର ଟଙ୍କା ମାଗିବା ପରେ ଅଭିଯୁକ୍ତ ଅନୀଲ ୨ ସାଙ୍ଗଙ୍କୁ ଅଢେଇ ଲକ୍ଷ ଲେଖାଏଁ ମୋଟ ୫ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ । ହେଲେ ବଳକା ୧୭ ଲକ୍ଷ ଟଙ୍କା ସେ ଆଉ ଫେରସ୍ତ କରିନଥିଲେ କିମ୍ବା ଫୋନ ଗ୍ରହଣ କରିନଥିଲେ । ଏପରିକି ଟଙ୍କା ମାଗିବା ଯୋଗୁ ଗାଳିଗୁଲଜ କରି ଧମକ ଦେଇଥିଲେ। ଘଟଣାକୁ ନେଇ ଆଶୁତୋଷ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଅନୀଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ପଞ୍ଚାୟତର ୪୩ଲକ୍ଷ ଟଙ୍କା ହଡ଼ପ : ଜେଲ୍ ଗଲେ ପିଇଓ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ରାଧାଦେଇପୁର ପଞ୍ଚାୟତକୁ ବିଭିନ ଭତ୍ତା ଓ ସରକାରୀ ଯୋଜନାରେ ଆସିଥିବା ୪୩ଲକ୍ଷ ୧ହଜାର ୬୪୦ ଟଙ୍କା ହଡପ ଅଭିଯୋଗରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପି ଇଓ) କ୍ଷେତ୍ରମୋହନ ନାୟକଙ୍କୁ ଭିଜିଲାନ୍ସ ବାନ୍ଧିଛି। ମାମଲା ନଂ ୩/୨୫ ରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ପଞ୍ଚାୟତ ସରପଞ୍ଚଙ୍କ ଅଜାଣତରେ ତାଙ୍କ ନକଲି ଦସ୍ତଖତ କରି କ୍ଷେତ୍ରମୋହନ ଉକ୍ତ ଟଙ୍କା ହଡପ କରିଥିବା ତଦନ୍ତ ବେଳେ ଜଣାପଡିଛି ବୋଲି ଏସପି କହିଛନ୍ତି। ଅଭିଯୋଗତ ତଦନ୍ତ ପରେ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ୍ ରାଧାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଟଙ୍କା ହେରଫେର୍ ଅଭିଯୋଗ ଉପରେ ଭିଜିଲାନ୍ସ ଯାଞ୍ଚ କରିବା ସହିତ ବିଭିନ୍ନ କର୍ମଚାରୀଙ୍କୁ ପଚାରିଥିଲେ। ସେହିପରି ପିଇଓଙ୍କୁ ମଧ ଜେରା କରିବା ସହିତ ତାଙ୍କୁ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟଙ୍କୁ ଅଣାଯାଇଥିଲା ।

## ଆଇଆଇଏସ୍ଇଆର୍ ପକ୍ଷରୁ ଜୈବ ବିଜ୍ଞାନ-ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ମିଶ୍ରଣ ନେଇ ବୈଠକ

ବ୍ରହ୍ମପୁର, (ସବ୍ୟୁ): ଏକବିଂଶ ଶତାବ୍ଦୀର ଶକ୍ତି, ପରିବେଶ, ସ୍ୱାସ୍ଥ୍ୟସେବା, କୃଷି ଏବଂ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ବଫେଲୋ ବିଶ୍ୱବିଦ୍ୟାଳୟର, ସମସ୍ତ ଆଇଆଇଏସଇଆର ସହଯୋଗ ରାଜିନାମା ସ୍ୱାକ୍ଷର କରିଛନ୍ତି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ବ୍ରହ୍ମପୁର ଏହାର ମୁଖ୍ୟ ଦପ୍ତର ଠାରେ ମଲ୍ଟିଫଙ୍କସନାଲ୍ ମ୍ୟାଟେରିଆଲ୍ସ, ଫଟୋନିକ୍ସ, ବାୟୋସାଇନ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର କନଭର୍ଜେନ୍ସ ଉପରେ ସମସ୍ତ ଆଇଆଇଏସ୍ଇଆର୍ ଏବଂ ଆମେରିକାର ନିୟୁୟର୍କର ଷ୍ଟେଟ୍ ୟୁନିଭରସିଟି ଅଫ୍ ବଫେଲୋ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦୁଇ ଦିନିଆ ବୈଠକ ଆୟୋଜନ କରିଛି ।

ଏହି ବୈଠକ ସମସ୍ତ ଆଇଆଇଏସଇଆର ଏବଂ ବଫେଲୋ ବିଶ୍ୱବିଦ୍ୟାଳୟ ମଧ୍ୟରେ ଦୃଢ଼ ସହଯୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଆମ ସମୟର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା କରୁଛି । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମାର୍ଚ୍ଚ ୨୧,୨୦୨୫ରେ ସମସ୍ତ ଆଇଆଇଏସଇଆର ଏବଂ ଆମେରିକାର ବଫେଲୋ ବିଶ୍ୱବିଦ୍ୟାଳୟର ମଧ୍ୟରେ ମିଳିତ ବହୁ-ସଂସ୍ଥାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପାଇଁ ଏକ ସହଯୋଗ ରାଜିନାମା ସ୍ୱାକ୍ଷରିତ ହେବ ।

ଏହି ରାଜିନାମାର ଉଦ୍ଦେଶ୍ୟ ହେଉଛି ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦୀର୍ଘକାଳୀନ ବହୁ-ସଂସ୍ଥାଗତ ଏବଂ ଆନ୍ତର୍ଜାତୀୟ ସହଯୋଗ ପାଇଁ ଏକ ବହୁପକ୍ଷୀୟଯ ସହଯୋଗୀ ଢାଞ୍ଚା ପ୍ରତିଷ୍ଠା କରିବା ଯାହା ପ୍ରତ୍ୟେକ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ମିଶନ ସହିତ ସୁସଂଗତ ଏବଂ ଯାହା ଏକାଡେମିକ୍, ବୈଜ୍ଞାନିକ, ଶିଳ୍ପ, ସାମାଜିକ ଏବଂ ସାଂସ୍କୃତିକ ସ୍ୱାର୍ଥ ଏବଂ ସମ୍ପୃକ୍ତ ଦେଶର ଆବଶ୍ୟକତା ପାଇଁ ପ୍ରାସଙ୍ଗିକ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟସେବା, କୃଷି ଏବଂ ସୁରକ୍ଷା କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ଆବଶ୍ୟକତା ରହିଛି । ଆହ୍ୱାନର ମୁକାବିଲା ପାଇଁ ପଦାର୍ଥ ବିଜ୍ଞାନର ପ୍ରାସଙ୍ଗିକତାକୁ ବୁଝି କାର୍ଯ୍ୟ କରି ଚାଲିବା ଉପରେ ହୋଇ ପାରିବ ବୋଲି ଏଠାରେ ମତପ୍ରକାଶ ପାଇଥିଲା ।

## ଲକ୍ଷାଧିକ ଟଙ୍କାର ଶାଳ କାଠଗଣ୍ଡି ଜବତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚଭୂତି ସଂରକ୍ଷିତ ଜଙ୍ଗଲରୁ ୯୦.୧୧ ଘନ ଫୁଟ ପରିମାଣର ୫ ଖଣ୍ଡ ଶାଳ କାଠଗଣ୍ଡି ବନବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ପଞ୍ଚଭୂତି ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କଟାଯାଇ ଚୋରା ଚାଲାଣ ହେବାକୁ ଥିବାନେଇ କୌଣସି ସୂତ୍ରରୁ ଖବର ପାଇ ଗତକାଲି ଅପରାହ୍ନରେ ବନବିଭାଗ ପକ୍ଷରୁ ସେଠାରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଳକାଠ ଗଣ୍ଡି ଜବତ କରାଯାଇଥିଲା । ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ଚଢାଉ କାର୍ଯ୍ୟରେ ବନପାଳ ପଲ୍ଲଭି ନନ୍ଦ, ଶୁଭ୍ରାଙ୍ଗ ରଇତ ଓ ରିଙ୍କୁ ସେଠୀଙ୍କ ସମେତ ସ୍କାର୍ଡ କର୍ମଚାରୀମାନେ ସାମିଲ ଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ ହଲ ଠାରେ ଦୁଇ ଦିନ ଧରି ଚାଲିଥିବା ବିକଶିତ ଭାରତ ଯୁବ ସଂସଦ ଜିଲ୍ଲାସ୍ତରୀୟ ୨୦୨୫ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଗଞ୍ଜାମ, ଗଜପତିରୁ ଆସିଥିବା ତର୍କ ପ୍ରତିଯୋଗୀ ମାନେ ଏକ ରାଷ୍ଟ୍ର, ଏକ ନିର୍ବାଚନ ବିଷୟ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସେବା ଯୋଜନାର ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡା ପ୍ରତିଯୋଗୀଙ୍କୁ ଏକ ରାଷ୍ଟ୍ର ଶ୍ରେଷ୍ଠ ରାଷ୍ଟ୍ର ଗଠନର ଭାଗିଦାରି ହେବା ପାଇଁ କହିଥିଲେ । ଗଜପତି ଜିଲ୍ଲାର ଏନ୍‌ଏସଏସ ଅଧିକାରୀ ଡ଼. ସନ୍ୟାସୀ ବେହେରା ଯୋଗଦେଇ ସମାଜ, ସଂସ୍କାରରେ ସାମିଲ ହେବା ପାଇଁ କହିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଠପଢା ସହ ଦେଶର ଉନ୍ନତିରେ ସାମିଲ ହେବାକୁ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଭାଗ୍ୟଶ୍ରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ଼. ଦୀପକ କୁମାର ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ଏନ୍‌ଏସଏସ ଅଧିକାରୀ ଗଣେଶ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସୁଶାନ୍ତ କୁମାର ସାହୁ ଓ ସୌମ୍ୟଶ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲଙ୍କ ଦିଗ ଦର୍ଶନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ପରିଚାଳନକ ଡ. ଶଙ୍କର୍ଷଣ ମଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଦଯାପିତ ହୋଇଥିଲା ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ



ବାରିପଦା, (ସବ୍ୟୁ) : ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି । ଇଉନେସ୍କୋ ପକ୍ଷରୁ ୧୯୯୯ ମସିହାରୁ ମାର୍ଚ୍ଚ ୨୧ତାରିଖକୁ ବିଶ୍ୱ କବିତା ଦିବସର ମାନ୍ୟତା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଏ ବର୍ଷର ଥିମ୍ ରହିଛି ଶାନ୍ତି ଓ ସମ୍ପର୍କ ସ୍ଥାପନରେ କବିତା ଏକ ସେତୁ' । ବିଭାଗୀୟ ମୁଖ୍ୟ ଡଃ ରୀନା ମୁର୍ମୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଡଃ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର କବିତା ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଆଧୁନିକ କବିତାରେ ବିଭିନ୍ନ ପ୍ରାୟୋଗିକ ଦିଗ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ । ସେ ମଧ ନିଜର ଏକ ସ୍ୱରଚିତ କବିତା ପାଠ କରିଥିଲେ । ଅଧାପିକା ଛନ୍ଦିତା ବିଶ୍ୱାଳ ପ୍ରାଚୀନ କବିତା ସମ୍ପର୍କରେ ଆଲୋଚନା କରିବା ସହ ମଧୁସୂଦନ ରାଓଙ୍କ ସୁନ୍ଦର ସଂସାର କବିତା ଆବୃତ୍ତି କରିଥିଲେ । ଅଧାପକ ଡଃ ଦୟାନିଧି ପରିଡ଼ା ସଭାକୁ ସଂଚାଳନ କରିବା ସହ ସ୍ୱରଚିତ ଏକ କବିତାପାଠ କରିଥିଲେ । ଏଥିରେ ଛାତ୍ର ବିଭୀଷଣ ବେହେରା, ଇନ୍ଦ୍ରଜିତ ନାୟକ, ଦେବାଶିଷ ବେହେରା, ରବିନ୍ଦ୍ର ଖଣ୍ଡେଇ, ବଳଭଦ୍ର ସେନାପତି ଏବଂ ଛାତ୍ରୀ ଗୀତାଞ୍ଜଳି ସେଠ କବିତା ପାଠ କରିଥିଲେ । ଉଭୟ ୟୁଜି ଏବଂ ପିଜି ଶ୍ରେଣୀର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଶେଷରେ ଅଧାପକ ଅଜୟ କୁମାର ରାଉତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଯାନ୍ତ୍ରିକ ଜ୍ଞାନ, ତଥ୍ୟ ବିଜ୍ଞାନ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

ପାରଳାଖେମୁଣ୍ଡି, (ସବ୍ୟୁ): ଓଡ଼ିଶାରେ ଅବସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା (ସିୟୁଟିଏମ୍)ରେ ପ୍ରଥମ ଅନ୍ତର୍ଜାତୀୟ ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସମ୍ମିଳନୀ (ଏମଆଇଡିଏଏସ୍-୨୦୨୫) ଉଦଘାଟିତ ହୋଇଛି। ମାର୍ଚ୍ଚ ୨୧ ରୁ ୨୨, ୨୦୨୫ ପର୍ଯ୍ୟନ୍ତ ମିଶ୍ରିତ ପଦ୍ଧତିରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ପିନଜର ବୈଷୟିକ ଭାବରେ ସହ-ପ୍ରାୟୋଜିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରମୁଖ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ଶିକ୍ଷାବିତ୍‌ମାନଙ୍କୁ ଏକାଠି କରି ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସଦ୍ୟତମ ଉନ୍ନତି ବିଷୟରେ ଆଲୋଚନା କରିବା। ଏହି ଉଦଘାଟନୀ ଅଧିବେଶନରେ ଶିକ୍ଷା ଏବଂ ଶିଳ୍ପର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଏବଂ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆରମ୍ଭ, ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଏକ ଆତ୍ମପୂର୍ଣ୍ଣ ଜଗନ୍ନାଥ ବନ୍ଦନା ସହିତ ହୋଇଥିଲା, ଯାହା କାର୍ଯ୍ୟକ୍ରମ ପାଇଁ ଏକ ଶ୍ରଦ୍ଧାଳୁ ଏବଂ ଶୁଭ ସ୍ୱର ସୃଷ୍ଟି କରିଥିଲା। ସଂଯୋଜକ ପ୍ରଫେସର ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ, ଅତିଥି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ବିଶ୍ୱବ୍ୟାପୀ ପ୍ରସିଦ୍ଧ ଅନୁଷ୍ଠାନର ମୁଖ୍ୟ ବକ୍ତାମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ। ଯେଉଁଥିରେ ପ୍ରଫେସର ବି. ରାମକୁମାର (ଆଇ.ଆଇ.ଟି ଭୁବନେଶ୍ୱର), ପ୍ରଫେସର ଭିନସେଞ୍ଜୋ ପିଉରି (ୟୁନିଭର୍ସିଟାଡେଗ୍ଲି ଷ୍ଟୁଡି ଡି ମିଲାନୋ, ଇଟାଲୀ), ପ୍ରଫେସର ଡଃ ମିହିର ଏନ. ମହାନ୍ତି (ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା), ଶଶି ଶେଖର ଝା (ଟନେଲ୍ ଆଇଡି), ଏବଂ ଶ୍ରୀମତୀ ଲୁସି ଶର୍ମା (ଜେଡକେଓଏନ୍ ନେଟୱାର୍କ), ପ୍ରଫେସର ସ୍ୱାଗତମ ଦାସ (ଆଇଏସଆଇ କୋଲକାତା), ପ୍ରଫେସର ସେଲେଷ୍ଟିନ୍ ଇୱେଣ୍ଡି (ବୋଲ୍ଟନ୍ ବିଶ୍ୱବିଦ୍ୟାଳୟ, ୟୁକେ), ଏବଂ ଶ୍ରୀମତୀ ନେହା ଶର୍ମା (ସ୍ପିନଜର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)। ଏହା ପରେ କାର୍ଯ୍ୟକ୍ରମ ସଭାପତି ପ୍ରଫେସର ଅଭିଷେକ ଦାସ ସମ୍ମିଳନୀର ଏକ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରି, ସମ୍ମିଳନୀର ଉଦ୍ଦେଶ୍ୟ, ମୁଖ୍ୟ ବିଷୟବସ୍ତୁ ଏବଂ ଦୁଇ ଦିନରେ ଯୋଜନା କରାଯାଇଥିବା ବିବିଧ ଅଧିବେଶନ ଉପରେ ଆଲୋକପାତ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସଂସ୍କୃତିକୁ ଏକ କୌଶଳ ବିଶ୍ୱବିଦ୍ୟାଳୟ ଭାବରେ ଆଲୋକପାତ କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ସମାଧାନକୁ ଆଗକୁ ବଢାଇବାରେ ଅତ୍ୟାଧୁନିକ ଗବେଷଣା ଏବଂ ଶିଳ୍ପ-ଶିକ୍ଷା ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ଜେନେରାଲ ଚେୟାର ପ୍ରଫେସର ଅନିତା ପାତ୍ର, ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗେଇ ନେବାରେ ଆନ୍ତଃଶାଖାନିକ ସହଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଆୟୋଜକ ପ୍ରଫେସର ଆଶିଷ ରଞ୍ଜନ ଦାଶ ଏବଂ ପ୍ରଫେସର ସୁଜାତା ଚକ୍ରବର୍ତ୍ତୀ, ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ଜ୍ଞାନ ଆଦାନପ୍ରଦାନ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ସମ୍ମିଳନୀର ଗୁରୁତ୍ୱ ଉପରେ ସେମାନଙ୍କର ଅନ୍ତର୍ଦୃଷ୍ଟି ବାଣ୍ଟିଲେ।

ମୁଖ୍ୟଅତିଥି, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ବି. ରାମକୁମାର, ବାସ୍ତବ-ବିଶ୍ୱ ଚ୍ୟାଲେଞ୍ଜ ସମାଧାନ କରିବାରେ ଯାନ୍ତ୍ରିକ ଜ୍ଞାନ ଗୁରୁତ୍ୱ ଉପରେ ତାଙ୍କର ବିଶେଷଜ୍ଞ ମତାମତ ବାଣ୍ଟି ଭବିଷ୍ୟତର ନବସୃଜନ ପାଇଁ ଏହାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ପ୍ରଫେସର ମିହିର ଏନ. ମହାନ୍ତି, ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ବିକଶିତ ଦୃଶ୍ୟପଟ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଭାଷଣ ଦେଇଥିଲେ। ଏହା ବ୍ୟତୀତ, ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ବିଦ୍ୟାଳୟ (ଭାରପ୍ରାପ୍ତ) ପ୍ରଫେସର ସତ୍ୟନାରାୟଣ ପାଢ଼ୀ, ଆୟୋଜକ ଦଳ ଏବଂ ଅଂଶୀଦାରମାନଙ୍କ ସାମୂହିକ ପ୍ରୟାସକୁ ସ୍ୱୀକାର କରିଥିଲେ। ଏକ ମାଇଲଖୁଣ୍ଟ କାର୍ଯ୍ୟକ୍ରମ, ସମ୍ମିଳନୀ ସ୍ମାରକୀର ଉନ୍ମୋଚନ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅଧିବେଶନଟି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ଏବଂ କମ୍ପ୍ୟୁଟର ଯାନ୍ତ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଏବଂ ଏମଆଇଡିଏଏସ୍-୨୦୨୫ର ସହ-ସଂଯୋଜକ ପ୍ରଫେସର ଧବଳେଶ୍ୱର ରାଓଙ୍କ ଦ୍ୱାରା ହୃଦୟସ୍ପର୍ଶୀ ଧନ୍ୟବାଦ ଅର୍ପଣ ସହିତ ଶେଷ ହୋଇଥିଲା।

# ପିପୁଲ୍ସ କଲେଜରେ ବିଶ୍ୱ ବନଦିବସ ପାଳିତ




ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ସ୍ୱପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସିଏଫ୍ ରଜତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଶୁଳପାଣି ଶତପଥୀ, ସମ୍ମାନିତ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଓ ପ୍ରକୃତି ମିତ୍ର ପୁରସ୍କୃତା ସାଇ ସନ୍ତୋଷିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଶ୍ୱ ବନଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିବା ସାଙ୍ଗକୁ ଆଲୋଚନାର ଶୀର୍ଷକ ଜଙ୍ଗଲ ଓ ଖାଦ୍ୟ ବିଷୟରେ ଆଲୋକପାତ କରିଥିଲେ ।

ଏ ଅବସରରେ କଲେଜର ଏନସିସି, ୱାଇଆରସି, ଏନ୍‌ଏସ୍ଏସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ପାଇଁ ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥି ସହ ଜଙ୍ଗଲର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କେ ଆୟୋଜିତ ସଚେତନାଭିମୁଖୀ ପ୍ରଚାରପତ୍ର ଉପସ୍ଥାପନା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଉର୍ମିଳା ମହାନ୍ତି (୧ମ), ସଂହିତା ରାଉତ (୨ୟ), ଇତିଶ୍ରୀ ନାୟକ (୩ୟ) ଓ ପୂଜା ଗୌଡ (୩ୟ) ପ୍ରମୁଖଙ୍କୁ ପ୍ରମାଣ ପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା । ୟୁଥ୍ ରେଡ୍ କ୍ରସ୍ ସଂଯୋଜକ ଅଧାପକ ପବିତ୍ର ଖଣ୍ଡୁଆଳ ଓ ଜାତୀୟ ସେବା ଯୋଜନା ସଂଯୋଜିକା ସସ୍ମିତା ସାମନ୍ତରାୟଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧାପକ ଆତ୍ମ ପ୍ରକାଶ ନାୟକ ଏବଂ ପରିଶେଷରେ ଏନସିସି ଲେଫ୍ଟନାଣ୍ଟ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ସହ ବାଇକ ଜବତ, ଅଭିଯୁକ୍ତ ଗିରଫ



ଚଣ୍ଡିଖୋଲ ,(ସବ୍ୟୁ) : ବାଇକ ସହିତ ୪୯ ବୋତଲ ଚୋରା ବିଦେଶୀ ମଦକୁ ବାଲିଚନ୍ଦ୍ରପୁର ପୋଲିସ ଶୁକ୍ରବାର ଦିନ ଜବତ କରିଛି । ଏଥି ସହିତ ଏହି ଚୋରା ବେପାରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିଛି !ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ଆଶିଷ ମଲ୍ଲିକ (୩୮) । ପୋଲିସ ସୂଚନା ମୁତାବକ ଆଶିଷ ସକାଳେ ନିଜ ବାଇକ ଯୋଗେ ବାଲିଚନ୍ଦ୍ରପୁର ବଜାର ଅଞ୍ଚଳରୁ ୨୭ ବୋତଲ ହୁଇସ୍କ, ୧୦ ବୋତଲ ରମ ଓ ୧୨ ବୋତଲ ବିଅର ଏମିତି ୧୪.୪୬ ଲିଟର ଚୋରା ମଦ ନେଇ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତା ଦେଇ ନିଜ ଗ୍ରାମକୁ ଯାଉଥିଲା । କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନା ପୋଲିସ ଆମ୍ବସୌରୀ ନିକଟରେ ଆଶିଷକୁ ଧରିଥିଲେ । ପୂର୍ବରୁ ଆଶିଷଙ୍କ ନାମରେ ଏହି ଥାନାରେ ବିଭିନ୍ନ ଘଟଣାରେ ୫ ଟି ମାମଲା ରହିଥିବା ଥାନା ଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି । ଥାନା କେଶ ନମ୍ବର ୮୨/୨୫ରେ ମାମଲା ରୁଜୁ କରାଯାଇଛି । ଆସନ୍ତା କାଲି ଗିରଫ ଆଶିଷକୁ କୋର୍ଟ ଚାଲାଣ କରାଯିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ଅଜ୍ଞାନ୍ତରେ ନୋଡାଲ ଅଧିକାରୀ, ପୁରୁଷଙ୍କ ଅକ୍ତିଆରରେ ଧାନମଣ୍ଡି

ନାଉଗାଁ, ( ସବ୍ୟୁ ) ସବୁ ନିୟମ କାନୁନକୁ ବେଖାତିର ମନ ଇଛା ଖୋଲୁଛି ଆଉ ମନ ଇଚ୍ଛା ବନ୍ଦ । ସରକାରୀ ନିୟମରେ ନୁହେଁ ନିଜ ତୁଣ୍ଡରୁ ଯାହା ବାହାରେ ଚାଷୀ ସେତିକି ଧାନ ଦିଅନ୍ତି । ଆଉ ବିରୋଧ କଲେ ମାଡ । ମଣ୍ଡିରେ ନୋଡାଲ ଅଧିକାରୀ ଥିବା ରାଜସ୍ୱ ନିରୀକ୍ଷକ ମଧ୍ୟ ଜାଣିନାହାନ୍ତି କେବେ ଏହି ମଣ୍ଡିରେ ଧାନ କ୍ରୟ କରାଯିବ । ଏଭଳି ସାଂଘାତିକ ଅଭିଯୋଗ ଆସିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ବାବା ନନ୍ଦକେସ୍ୱର ଧାନ ମଣ୍ଡିରେ । ଗତକାଲି ଧାନଦେବାକୁ ଆସିଥିବା ବୃଦ୍ଧା ମା ପୁଅଙ୍କୁ ଆକ୍ରମଣ ପରେ ଧାନ ମଣ୍ଡିରେ ଏଭଳି ଅରାଜକତା ଚାଲିଥିବା ଚର୍ଚ୍ଚା ବଢିବାରେ ଲାଗିଛି । ଏହି ଧାନ ମଣ୍ଡିକୁ ଧାନ ଦେବାକୁ ଆସିଥିବା ନନ୍ଦିଗ୍ରାମର ଜଟାଧାରୀ ବିଶ୍ୱାଳ ଓ ତାଙ୍କ ବୃଦ୍ଧା ମା ବୈଦେହୀ ବିଶ୍ୱାଳଙ୍କୁ ମଣ୍ଡିରେ ମହିଳା ସମିତି ଗ୍ରୁପ ଦ୍ୱାରା ରହିଥିବା କିଛି ଅସାମାଜିକ ବ୍ୟକ୍ତି ଙ୍କଦ୍ୱରା ଆକ୍ରମଣ ହେବାପରେ ସେଠାରେ ପୋଲିସ ମଧ୍ୟ ପହଂଚି ଥିବା ଜଣାପଡ଼ିଥିଲା ।

ଏହି ଧାନ ମଣ୍ଡିଙ୍କୁ ଉକ୍ତ ପଞ୍ଚାୟତର ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଖୋଲା ଯାଇଥିବା ବେଳେ କିଛି ପୁରୁଷ ଏହାକୁ ନିଜ ଅକ୍ତିଆରକୁ ନେଇ ଚଳାଇ ଥିବା ମଧ୍ୟ ଅଭିଯୋଗ ହେଲାଣି । ନାଉଗାଁ ଅତିରିକ୍ତ ତହସିଲଦାର ଶରତ ପରିଡାଙ୍କୁ ପଚାରିବାରୁ ଗତ କୋଡ଼ିଏ ତାରିଖରେ ସେ ମଣ୍ଡି ପାଖକୁ ଦିବା ଏକଟା ସୁଦ୍ଧା ଯାଇଥିବା ଓ ମଣ୍ଡି ବନ୍ଦ ଥିବା ପ୍ରକାଶ କରିଛନ୍ତି । ସେହିପରି ଜାମୁଗାଁ ରାଜସ୍ୱ ନିରୀକ୍ଷକ ଜ୍ୟୋତି ଭୂଷଣ ବାରିକଙ୍କ କହିବା ଅନୁସାରେ ସେ ସେହିଦିନ ଧାନ କ୍ରୟ ହେଉଥିବା ଜାଣି ନାହାଁନ୍ତି କିମ୍ବା ତାଙ୍କୁ କେହି ସୂଚନା ଦେଇ ନାହାନ୍ତି । ଏଠି ପ୍ରଶ୍ନ ଉଠେ କିଭଳି ଏହି ମଣ୍ଡି ଚାଲିଛି ,କିଏ ପରିଚାଳନା କରୁଛି ,ଏହି ମଣ୍ଡିକୁ ଯାହାକି ପ୍ରତିବାଦ କଲେ ସେଠାରେ ଚାଷୀ ଓ ଅସହାୟ ବୃଦ୍ଧାଙ୍କୁ ମାଡ ମଧ୍ୟ ହେଉଛି । ପ୍ରଶାସନିକ ବିଧି ବ୍ୟବସ୍ଥାକୁ କୁଠାରଘାତ କରି ଏଠି ସରକାର ଧାନ କ୍ରୟ ନିମନ୍ତେ ଖୋଲିଥିବା ମଣ୍ଡିର ଅବ୍ୟବସ୍ଥା ସୁଧୁରିବ କେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସଡ଼କ ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ଡେରାବିଶ ,(ସବ୍ୟୁ) :ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଖମୋଳ ଛକ ନିକଟରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ଖମୋଳ ପଂଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ଧ୍ରେନ କୁମାର ବରାଳ (୫୫)ଙ୍କର ମୃତ୍ୟୁ ହୋଇଯାଇଛି । ସ୍ଥାନୀୟ ଚଣ୍ଡିବଜାରରେ ବ୍ୟବସାୟ କରୁଥିବା ଶ୍ରୀ ବରାଳ ଗତକାଲି ତାଙ୍କ ଶାଶୁଙ୍କୁ ମହାଙ୍ଗ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାରେ ଛାଡ଼ି ଘରକୁ ଫେରୁଥିବା ସମୟରେ ଖମୋଳ ଛକ ପରେ ପଛରୁ ଏକ ଆଇଚର (ଓଡ଼ି-୨୯-କେ-୭୭୭୧) ତାଙ୍କୁ ଧକ୍କା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ଘଟାଇବା ଗାଡ଼ିଟିକୁ ଛାଡ଼ି ଘଟଣା ସ୍ଥଳରୁ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲା । ଖବର ପାଇ ଡେରାବିଶ ପୋଲିସ୍ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ମୃତକ ଧ୍ରେନଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ତେବେ ଗତକାଲି ରାତିରେ ବ୍ୟବଚ୍ଛେଦ ହୋଇନଥିବା ବେଳେ ଆଜି ସକାଳରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ସମ୍ପର୍କରେ ପୋଲିସ୍ କେଶ୍ ନଂ ୫୦/୨୦୨୫ ରୁଜ୍ଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ସ୍ୱର୍ଗତ ବରାଳଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଥିବା ବେଳେ ନାବାଳକ ପୁଅ ଆୟୁଷ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ବରାଳଙ୍କ ମୃତ୍ୟୁପରେ ତାଙ୍କ ପରିବାରରେ ବିଧବା ପତ୍ନୀ, ୨ ପଢୁଥିବା ଝିଅ ଓ ଅଷ୍ଟମରେ ପଢୁଥିବା ପୁଅ ବେସାହାରା ହୋଇପଡ଼ିଛନ୍ତି । ଆଜି ତାଙ୍କ ଶବଧାରାରୋ ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଦେବା ସହ ସହାୟତାର ହାତ ବଢ଼ାଇଥିଲେ।

# ଭାବଗ୍ରାହୀ କଳା ନିକେତନରେ ପଞ୍ଚୁ ଦୋଳ ଉତ୍ସବ

କେନ୍ଦ୍ରାପଡ଼ା, (ସ୍ୱପ୍ର )କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ।ରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ପ୍ରଥମ ପଞ୍ଚୁଦୋଳ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ସୁଦୃଶ୍ୟ ଦୋଳ ବିମାନରେ ସଂସ୍ଥାପିତ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଅନୁଷ୍ଠାନରେ ବିଜେ କଲାପରେ କଳା ନିକେତନ ତରଫରୁ ବନ୍ଦାପନା କରାଯାଇଥିଲା । ଭକ୍ତିଭାବ ସହିତ ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଅୀର , ପୁଷ୍ପାର୍ଘ୍ୟ, ଧୂପ , ଦୀପ, ଚନ୍ଦନ ଏବଂ ନୈବେଦ୍ୟ ଲାଗି କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର କଳାକାରମାନେ ଭଜନ ଏବଂ ସଙ୍କୀର୍ତ୍ତନ କରିଥିଲେ । ଏହି ଦିବ୍ୟ କାର୍ଯ୍ୟକ୍ରମକୁ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଧୀରାମଣି ପରିଡା, ପ୍ରଚକ ବିକ୍ରମ କେଶରୀ ପରିଡା, ବିଶାଳ ପରିଡା, କୈବଲ୍ୟ ପରିଡା, ପ୍ରଭାତ ବେହେରା ସଞ୍ଚାଳନ କରିଥିଲେ । ଠାକୁର ରଜା ଉମାକାନ୍ତ ପରିଡା , ପୂଜକ ରବୀନ୍ଦ୍ର ତ୍ରିପାଠୀ, ଶ୍ରଦ୍ଧାଳୁ ଭକ୍ତ ମୋହନ



ସୂତାର, ଚିନ୍ମୟ ନାୟକ, ରତ୍ନାକର ପରିଡା, ମହେନ୍ଦ୍ର ପରିଡା, ବଳରାମ ନାୟକ, ସୁଶାନ୍ତ ପରିଡା ପ୍ରମୁଖ ପ୍ରଭୁଙ୍କ ବିମାନ ସେବାରେ ଉପସ୍ଥିତ ଥିଲେ । ଗୀତିକାର ବିମଳ ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନ ତରଫରୁ ପଞ୍ଚୁଦୋଳ ଉପଲକ୍ଷେ ଅବୀର ଖେଳ ଅନୁଷ୍ଠିତ ହୋଇଥିଲା ।

# କଳିଙ୍ଗନଗର ମେଲ୍ଟିଂ ସପ୍‌ରେ ଦୁର୍ଘଟଣା : ୯ ଆହତ

ବ୍ୟାସନଗର,(ଜିପ୍ର) : କଳିଙ୍ଗନଗର ସ୍ଥିତ ଟାଟା କାରଖାନାର ଷ୍ଟିଲ ମେଲଟିଂ ସପରେ ଭୟଙ୍କର ଦୁର୍ଘଟଣା ଘଟିଥିବା ଏବଂ ଏଥିରେ ୯ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ଟାଟା ଷ୍ଟିଲ ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଥିବା ଜଣାପଡିଛି । ଆହତ ହେଲେ ପାଟନାର ରାହୁଲ କୁମାର, ଜାମସେଦପୁରର ମନୋଜ କୁମାର, ରାଉରକେଲାର ଶ୍ରଦ୍ଧାଞ୍ଜଳି ଭୂୟାଁ, ଓ୍ୱେଷ୍ଟ ବେଙ୍ଗଲର ଜୟନ୍ତ ପାଲ,ଜାମସେଦପୁରର ପ୍ରଦୀପ କୁମାର ଓଝା, ଛତିଶଗଡର ରୋହିତ ଯାଦବ, ରାଂଚିର ଲୋକେଶ ରାୟ, ଓ୍ୱେଷ୍ଟବେଙ୍ଗଲର ସାଇମନ୍ତ ବାଗିଡି ବୋଲି ଜଣାପଡିଛି ।

ଜଣେ ଅଳ୍ପ ଆହତ ବ୍ୟକ୍ତି ଚିକିତ୍ସା ପରେ ଘରକୁ ପଳାଇଛନ୍ତି, ଏମାନେ ସବୁ ଆଜି କାମ କରୁଥିବା ବେଳେ ଦିନ ୧୧ଟା ବେଳେ ହଠାତ ଏକ ବିସ୍ଫୋରଣ ହୋଇଥିଲା । ଫଳରେ ଉକ୍ତ ସାଇଡରେ ଜଳିପୋଡି ବହୁତ ସାମଗ୍ରୀ, ବୈଦ୍ୟୁତିକ ଯନ୍ତ୍ରାଂଶ ପୋଡି ଯାଇଥିଲା । ତେବେ ଏନେଇ ଟାଟା ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇ କୁହାଯାଇଛି କି ଆମର ଅଭିଜ୍ଞ ଡାକ୍ତରୀ ଦଳ ଏବେ ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା କରୁଛନ୍ତି ଏବଂ ସମସ୍ତେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି । ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ପରିସ୍ଥିତିର ମୁକାବିଲା ପାଇଁ ଆମେ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛୁ।

# ଅଭିଯୁକ୍ତକୁ ଗିରଫ ଦାବିରେ ବିକ୍ଷୋଭ

ମଙ୍ଗଳପୁର,(ସବ୍ୟୁ): ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ପିଥ ହାଁସଦାଙ୍କୁ ଚଳିତ ମାସ ୧୮ ତାରିଖରେ ବ୍ଲକ୍ ଅଧିନ ଡ଼ାହାଣହତା ପଂଚାୟତ ଦେଓପଡ଼ା ଅଂଚଳର ପତିତପାବନ ମହାନ୍ତି (୪୨) ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କ କଥାରେ ଅରାଜି ହେଲେ ଜୀବନରୁ ମାରି ଦେବାକୁ ଧମକ ଘଟଣା ଭିନ୍ନମୋଡ଼ ନେଇଛି । କନିଷ୍ଠଯନ୍ତ୍ରୀ ଶ୍ରୀ ହାଁସଦାଙ୍କ ଅଭିଯୋଗକୁ ଇତି ମଧ୍ୟରେ ୩ ଦିନ ଅତିକ୍ରାନ୍ତ ହୋଇଥିଲେ ହେଁ ଦଶରଥପୁର ଥାନା ପୁଲିସ ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଇବା ସହିତ କନିଷ୍ଠଯନ୍ତ୍ରୀଙ୍କୁ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଗୁରୁବାର ଦଶରଥପୁର ବ୍ଲକ୍ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ଚନ୍ଦ୍ର ଶେଖର ସାହୁ, ଅମୀୟ ରଂଜନ ତ୍ରିପାଠୀ, ଅମର କୁମାର ରାଉତ, ବିଚିତ୍ର କୁମାର ମଲ୍ଲିକ, ଶେଖର ସମ୍ପିତ ଧଳ, ଅନନ୍ତ କୁମାର ଜେନା, ସୌମ୍ୟ ରଂଜନ ବେହେରାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର କଂଗ୍ରେସ ସମର୍ଥକ ଦଶରଥପୁର ଥାନା ଓ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମଙ୍ଗଳପୁର ବଜାରରୁ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇ ପ୍ରଥମେ ଦଶରଥପୁର ବିଡ଼ିଓ ଏବଂ ଦଶରଥପୁର ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅଭିଯୁକ୍ତ ଯୁବକ ପତିତପାବନ ମହାନ୍ତିଙ୍କୁ ଅବିଳମ୍ବେ ଗିରଫ କରାନଗଲେ ଯୁବ ଓ ଛାତ୍ର କଂଗ୍ରେସ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ସମ୍ବନ୍ଧୀୟ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

# ନାରୀ ନିର୍ଯାତନା ପ୍ରସଙ୍ଗ ନେଇ ୨୭ରେ ବିଧାନସଭା ଘେରିବ କଂଗ୍ରେସ

ଜଗତସିଂହପୁର (ସବ୍ୟୁ): ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ସହିତ ମହିଳା ମାନଙ୍କ ପ୍ରତି ଅତ୍ୟାଚାର ବହୁ ମାତ୍ରାରେ ବଢି ବଢି ଚାଲିଛି ।ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ବିଧାନସଭା ଘେରାଉ କରାଯିବ ।ଏହି ଅବସରରେ ସ୍ଥାନୀୟ ସରକିଟ ହାଉସ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା ନାରୀ ନେତ୍ରୀ ଗିରିବାଳା ବେହେରା ଓ ଶ୍ରୀନିବାସ ରାଉତରାୟ ଯୋଗ ଦେଇ ମାର୍ଚ୍ଚ ୨୭ ତାରିଖ ଡାକରାକୁ ସଫଳ କରିବାକୁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।




ଆସନ୍ତା ମାର୍ଚ୍ଚ ୨୭ ତାରିଖରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବିଧାନ ସଭା ଘେରାଉ କରାଯିବ ।ରାଜ୍ୟର ସମସ୍ତ କୋଣ ଅନୁକୋଣରୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇ ଏହି ବିଧାନ ସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ କଂଗ୍ରେସ ଦଳ ପକ୍ଷରୁ ନିବେଦନ କରାଯାଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୨ ହଜାରରୁ ଉର୍ଦ୍ଧ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସାମିଲ ହେବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ସୁଚନା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ନଳିନୀ କୁମାର ସ୍ୱାଇଁ, ନିରଞ୍ଜନ ନାୟକ, ପ୍ରତିମା ମଲ୍ଲିକ, ଦେବ ପ୍ରସାଦ ନାୟକ, ବିକ୍ରମ କେଶରୀ ପରିଡା, ମହଣୀ ଚରଣ ରାଉତ, ଅଶୋକ ଜେନା, ଦେବଦ୍ୟୁତି ପୃଷ୍ଟି, ସର୍ବେଶ୍ୱର ପଣ୍ଡା, ସମୀର କୁମାର ଖୁଣ୍ଟିଆ, ଇମତିଆଜ ଅହମଦ ଖାନ, ଅପର୍ଣ୍ଣା ମହାପାତ୍ର, ବନଲତା ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ସୌମ୍ୟ ରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଭକ୍ତ ଦାସଙ୍କ ଯାଜପୁର ଜିଲ୍ଲା ଗସ୍ତ

ଯାଜପୁର, (ସବ୍ୟୁ) : ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି । ରାଜ୍ୟ ସଭାପତି ହେଲା ପରେ ଏହା ତାଙ୍କର ପ୍ରଥମ ଜିଲ୍ଲା ଗସ୍ତ ହୋଇଥିବା ବେଳେ ଶ୍ରୀ ଦାସ ଏଥିପାଇଁ ପ୍ରଥମେ ମା ବିରଜାଙ୍କ କ୍ଷେତ୍ରରୁ ତାଙ୍କର ଉକ୍ତ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲାର ପ୍ରବେଶଦ୍ୱାର ଛତିଆ ଠାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବଡଚଣା, ଚଣ୍ଡିଖୋଲ, ଜାରକା, କୁଆଖିଆ, ବରୁଆଁ ଠାରେ ଉଭୟ ନେତାଙ୍କୁ ଶହ ଶହ ସଂଖ୍ୟକ ଦଳୀୟ କର୍ମୀ ମାନେ ସ୍ୱାଗତ କରିଥିବା ବେଳେ ଯାଜପୁର ଟାଉନ୍ ପ୍ରବେଶ ଦ୍ୱାର ମଲ୍ଲିକାପୁର ଠାରୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ଦାସ ଓ ଶ୍ରୀ ଲଲୁ ଏବଂ ଅନ୍ୟ ନେତୃବୃନ୍ଦଙ୍କୁ ଗୌତମ ବୁଦ୍ଧ ସଂସ୍କୃତି ଭବନକୁ ପାଛୋଟି ନିଆଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ରାଉତଙ୍କ ଅଧକ୍ଷତା କ୍ରମେ ଅନୁଷ୍ଠିତ ସମ୍ବର୍ଧନା ସଭାରେ ପିସିସି ସଭାପତି ଶ୍ରୀ ଦାସ ବକ୍ତବ୍ୟ ରଖି ଆସନ୍ତା ୨୭ ତାରିଖରେ ନାରୀ ନିର୍ଯାତନା ବନ୍ଦ ଓ ନାରୀ ସୁରକ୍ଷା ଦାବିରେ ଜାତୀୟ କଂଗ୍ରେସ ଦଳ ବିଧାନସଭା ଘେରାଉ କରିବ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଥିଲେ । ଶେଷରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅସୁରେଶ୍ୱର ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେଣ୍ଡାଳୋ ପଞ୍ଚାୟତ ମଲ୍ଲୀପୁର ଠାରେ ଥିବା ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ପାଇଁ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ଏପ୍ରିଲ ୬ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ନବମୀ ଯାତ୍ରା ଏହା ମଧ୍ୟରେ ୧୨ ତାରିଖରେ ଚୈତ୍ର ପୂର୍ଣ୍ଣିମା ଦାଣ୍ଡଯାତ୍ରା ପଡୁଥିବାରୁ ଏହାକୁ କିଭଳି ସରସ ସୁନ୍ଦର ଓ ଶୃଙ୍ଖଳିତ କରାଯିବ ସେଥିପାଇଁ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ଼ , ଯାତ୍ରା କମିଟି ଓ ଉପକମିଟି ଗୁଡ଼ିକୁ ନେଇ ଏକ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ପ୍ରଥମେ ଯାତ୍ରା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ ଗତବର୍ଷ ଯାତ୍ରାର ଆୟବ୍ୟୟ ର ହିସାବ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଶୃଙ୍ଖଳିତ ପରିଚାଳନା ସଂକ୍ରାନ୍ତରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବିଷଦ ଆଲୋଚନା କରାଯାଇଥିଲା ।ଆସନ୍ତା ୨୮ ତାରିଖରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ କରାଯିବ ବୋଲି ସ୍ଥିର କରାଯାଇଥିଲା । ଏହି ବୈଠକରେ ପଣ୍ଡିତ ବିଭୂତି ପାତ୍ର, ସୁରେନ୍ଦ୍ର ନାଥ ସାହୁ,ଧରଣୀଧର ବେହେରା, ବିଜୟ ବଳ,ସୁକାନ୍ତ ସାହୁ,ଗୟାଧର ସ୍ୱାଇଁ,ଅନନ୍ତ ଦାସ, ରଘୁନାଥ ନାୟକ,ଜଗନ୍ନାଥ ସାହୁ, ଧ୍ରୁବଚରଣ ସାହୁ, ରାଜକିଶୋର ସାହୁ, ଲକ୍ଷ୍ମଣ ବେହେରା,ମନୋରଂଜ ଭୂୟାଁ ଙ୍କ ବହୁ ବୁଦ୍ଧିଜିବୀ,ଯାତ୍ରା କମିଟର ସଦସ୍ୟ, ସ୍ଥାନୀୟ ଅଞ୍ଚଳର ଲୋକମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଗୁରୁକୂଳର ୧୬ତମ ପ୍ରତିଷ୍ଠା ଦିବସ



କେନ୍ଦ୍ରାପଡ଼ା, (ସ୍ୱପ୍ର )କେନ୍ଦ୍ରାପଡ଼ା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତର ଗରାପୁରସ୍ଥିତ ଗୁରୁକୁଳ ଆବାସିକ ଶିକ୍ଷା ନିକେତନର ୧୬ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପରିସରରେ ଗାୟତ୍ରୀ ଯଜ୍ଞର ଆୟୋଜନ କରାଯାଇ ଥିଲା ।

ସନ୍ଧ୍ୟାରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଭିମନ୍ୟୁ ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷକ ବଳରାମ ଦାସ, ଖଗେଶ ଚନ୍ଦ୍ର କର, ସାରଦା ପ୍ରସନ୍ନ ନନ୍ଦ, ତଫିକ ଖାଁ, ପ୍ରଶାନ୍ତ ସେଠୀ, ତପନ ଦଳାଇ, ବନଜା ମହାନ୍ତି, ମାନସୀ ବେହେରା, ବଳରାମ ବେହେରା, ଜ୍ୟୋର୍ତିମୟ କର,ଗୀତାଞ୍ଜଳୀ ମଳିକ ପ୍ରମୁଖ ଯୋଗଦେଇ ଗୁରୁକୁଳ ଅନୁଷ୍ଠାନ ତା'ର ପ୍ରତିଷ୍ଠା କାଳରୁ ଗ୍ରାମାଞ୍ଚଳର ଅନେକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା, ସଂସ୍କାର ଓ ସୃଜନଶୀଳତା ଲକ୍ଷ୍ୟରେ ସେମାନଙ୍କର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ଜଣେ ଭଲ ମଣିଷ ଗଠନରେ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ ।

ଏଥି ସହିତ ଅନୁଷ୍ଠାନର ଦଶମ ଛାତ୍ରଛାତ୍ରୀ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଦାୟୀ ଛାତ୍ର ଶାନ୍ତନୁ ଦାସ, ମଣିକଣ୍ଠନ ସ୍ୱାଇଁ, ରଶ୍ମିରଂଜନ ଗୋଛାୟତ, ନୀଲେଶ ସାହୁ, ସୌରଭ ପରିଡା, ରାଣୀ ସେଠୀ, ଭାନୁପ୍ରତାପ ଗୋଛାୟତ, ବ୍ରଜରଜ ଲେଙ୍କା, ଶୁଭଙ୍କର ଶାସମଲ, ସବିହା ନୂରୀ, ଅନନ୍ଦିତା ସେଠୀ ପ୍ରମୁଖ ଅନୁଷ୍ଠାନରେ ଦିଆଯାଇଥିବା ଜ୍ଞାନ ଓ ସଂସାର ବିଷୟରେ ବିତାଇଥିବା ଅନୁଭୂତି ବଖାଣି ଥିଲେ । ଏହି କାର୍ଯ୍ୟକ୍ରମ କୁ ରୋହନ ସେଠୀ, ସତ୍ୟଜିତ ଶାସମଲ, ବିଶ୍ୱଜିତ ଖଟୁଆ, ରୋଜାଲିନ ଓଝା ଓ ଅର୍ପିତା ପାତ୍ରପ୍ରମୁଖ ପରିଚାଳନା କରିଥିଲେ ।

# ଶଗଡିଆ ନାଳ ପୁନଃଉଦ୍ଧାର ଦାବି

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ଦେଇ ପ୍ରବାହିତ ହେଉଥିବା ଶଗଡିଆ ନାଳ ଏବେ ଶୁଖିଲା ପଡ଼ିଥିବାରୁ ଚାଷୀ ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ବାହାରିଥିବା ଏହି ନାଳ ଧର୍ମଶାଳା ବ୍ଲକ ପଟୁଣିଆ ଠାରେ ଗେଙ୍ଗୁଟିଆ ନଦୀ ସହିତ ସଂଯୋଗ ହୋଇଛି । ଇତିହାସ ବହନ କରୁଥିବା ଏହି ଶଗଡ଼ିଆ ନାଳ ଉପରେ ହଜାର ହାଜର ଚାଷୀ ନିଜର ଚାଷ କାମ ପାଇଁ ନିର୍ଭର କରିଥାନ୍ତି । ପୂର୍ବରୁ ଏହି ନାଳରେ ବର୍ଷକ ବାର ମାସ ପାଣି ପ୍ରବାହିତ ହେଉଥିଲା । ମାତ୍ର କିଛି ବର୍ଷ ହେବ ଏହି ନାଳ ଶୁଖି ଯାଉଥିବା ଦେଖିବାକୁ ମିଳିଛି। ଖରାଦିନିଆ ଫସଲ କରିଥିବା ଚାଷୀ ମାନେ ପାଣି ଅଭାବରୁ ଦହଗଞ୍ଜ ଭୋଗୁଛନ୍ତି ।

ଶଗଡ଼ିଆ ନାଳରେ ପାଣି ଛାଡିବାକୁ ଚାଷୀମାନେ ଜାରକା ଜଳ ସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସଙ୍କ ନିକଟରେ ଦାବି କରିଛନ୍ତି। ବହୁ ପୁରାତନ ଏହି ଶଗଡ଼ିଆ ନାଳ ଉପରେ ଧର୍ମଶାଳା ବ୍ଲକର ୧୨ଗୋଟି ପଂଚାୟତର ପାଖାପାଖି ୩ହାଜର ଚାଷୀ ପାଣି ଉପରେ ନିର୍ଭର କରିଥାନ୍ତି । ଏହି ନାଳରେ ବର୍ଷ ତମାମ ପାଣି ଚାଲିଥାଏ।

ମାତ୍ର ଚଳିତ ବର୍ଷ ଶଗଡ଼ିଆ ନାଳରେ ଗ୍ରୀଷ୍ମ ଆରମ୍ଭରୁ ପାଣି ନଆସିବା ଚାଷୀଙ୍କ ଚିନ୍ତା ବଢ଼ାଇଛି। ବହୁବର୍ଷ ହେବ ଜଳ ସେଚନ ବିଭାଗ ପକ୍ଷରୁ ଏହି ନାଳର ମରାମତି କରାଯାଉ ନଥିବାରୁ ନାଳର ଅନେକ ସ୍ଥାନରେ ପୋତି ହୋଇପଡିଥିବା ଦେଖିବାକୁ ମିଳିଛି। ସେହିପରି ନାଳରୁ ଗଛଲତା ଓ ନାଗଦଳ ସଫା କରାଯାଉ ନାହିଁ ଯାହାଦ୍ୱାରା ଠିକ୍ ଭାବରେ ନାଳରେ ପାଣି ପ୍ରଭାବିତ ହୋଇପାରୁ ନାହିଁ । ଏବେ ଶଗଡ଼ିଆ ନାଳର ପୁନଃଉଦ୍ଧାର ଆବଶ୍ୟତା ହୋଇପଡ଼ିଛି ବୋଲି ବିଭିନ୍ନ ଚାଷୀ ସଂଗଠନ ଦାବି କରିଛନ୍ତି । ଚାଷୀଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ବିଭାଗ ଇତିହାସ ବହନ କରୁଥିବା ଶଗଡ଼ିଆ ନାଳର ପୁନଃଉଦ୍ଧାର କରିବା ଆବଶ୍ୟକ ।

କେନ୍ଦ୍ର ଓ ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ କେନାଲ ଓ ନାଳରେ ପାଣି ନଆସିବା କେତେଦୂର ନ୍ୟାୟ ସଙ୍ଗତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏବେ ପାଣି ବିନା ପ୍ରଭାବିତ ହୋଇଥିବା ପଞ୍ଚାୟତ ଗୁଡିକ ହେଲା ଥାନୁଆଳ, ମହିଶରା, ସଂପାରୁ, ଗଡମଧୁପୁର, ନେଉଳପୁର, କିଗଡିଆ, ସୁନ୍ଦରିଆ, ପାଟପୁର , ମିର୍ଜାପୁର,କାଏମା,ଅଭୟପୁର ଓ ପଟୁଣିଆ।

ଏହି ପଞ୍ଚାୟତର ଚାଷୀମାନେ ବିଭିନ୍ନ କିସମ ଚାଷକରି ପରିବାର ପ୍ରତିପୋଷଣ କରିଥାନ୍ତି ।ଚାଷ ଉପରେ ନିର୍ଭର କରୁଥିବା ଚାଷୀମାନେ ଅନେକ ସମୟରେ ବର୍ଷା ଅଭାବ ,କେନାଲ ଓ ଶଗଡ଼ିଆ ନାଳରେ ପାଣି ନଆସିବା ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି କହିଛନ୍ତି । ଯାହାଦ୍ୱାରା ଅନେକ ଚାଷୀ ନିଜର ଚାଷ ବୃତି ଛାଡି ଦାଦନ ଖଟିବାକୁ ବାଧ ହେଉଛନ୍ତି । ଏଥିପ୍ରତି ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ପାଣିରେ ବୁଡିଯାଇ ମହିଳାଙ୍କ ମୃତ୍ୟୁ

ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲା ବାଲି ଚନ୍ଦ୍ର ପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲରେ ବୁଡିଯାଇ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବରଣ କରିଥିବା ଏହି ମହିଳା ଜଣକ ହେଉଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ରବୀନ୍ଦ୍ର ବେହେରାଙ୍କ ଧର୍ମପତ୍ନୀ ରେବତୀ ବେହେରା (୫୭) । ସୂଚନା ମୁତାବକ ଗତ ୨୦ ତାରିଖ ସନ୍ଧ୍ୟା ୫ ଟାରେ ରେବତୀ ଘର ନିକଟ ପଟ୍ଟାମୁଣ୍ଡାଇ କେନାଲକୁ ଶୌଚ ହେବାକୁ ଆସିଥିଲେ । କେନାଲର ଏକ ଖାଲୁଆ ସ୍ଥାନରେ ଥିବା ପାଣି ଭିତରେ ପଡିଯାଇ ବେହୋସ ହୋଇଯାଇଥିଲେ। ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ସେଠାକୁ ଆସି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡ଼ିକାଲକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଚଣା ମେଡ଼ିକାଲରେ ଶୁକ୍ରବାର ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ ହେଲା

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ରାଜେନ୍ଦ୍ରପୁର ପଂଚାୟତ ର ଜନୈକା ନାବାଳିକା କୁ ସପ୍ତାହ ତଳେ ଦିଲ୍ଲିପ କୁମାର ବାରିକ ଅପହରଣ କରି ନେଇ ଭୁବନେଶ୍ୱର ରେ ରହୁଥିଲେ ନାବାଳିକା ପରିବାର ପକ୍ଷରୁ କୁଆଖିଆ ଥାନା ରେ ଅଭିଯୋଗ ପରେ କେଶ ନମ୍ବର ୧୦୭ରେ ମାମଲା ରୁଜୁ ହୋଇ ଏସ ଆଇ ଦୁଷ୍ମନ୍ତ ଦାସଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । କୁଆଖିଆ ପୋଲିସ ଆଜି ନାବାଳିକା କୁ ଉଦ୍ଧାର କରି ତାର ପରିବାର କୁ ହସ୍ତାନ୍ତର କରାଯାଇଛ। ମାମଲାରେ ଦିଲ୍ଲୀପ କୁମାର ବାରିକ ଙ୍କୁ ଗିରଫ କରାଯାଇ ଆଜି ଅଦାଲତ ଚାଲାଣ କରାଯାଇଛି ।

# ଶିଶୁ ବାଟିକା ପାଇଁ ନା ଅଛନ୍ତି ଶିକ୍ଷକ ନା ଅଛି ଘର

ମାହାଙ୍ଗା ,(ସବ୍ୟୁ) : ରାଜ୍ୟସରକାର ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁକରିବା ସହିତ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିଶୁବାଟିକା ଖୋଲିବାକୁ ନିଷ୍ପତ୍ତିଗ୍ରହଣ କରି ଏବେ ବିଭିନ୍ନ ବ୍ଲକରେ ଶିଶୁବାଟିକା ନିମନ୍ତେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ମାହାଙ୍ଗା ବ୍ଲକରେ ଶିଶୁ ବାଟିକା ପାଇଁ ଆବଶ୍ୟକୀୟ ଶିକ୍ଷକ ନଥିଲା ବେଳେ ଆବଶ୍ୟକୀୟ ଘର ନାହିଁ। ଏପରିକି ଗୋଟିଏ ଗୋଟିଏ ବିଦ୍ୟାଳୟରେ ଗୋଟିଏ ଗୋଟିଏ ଶ୍ରେଣୀଗୃହରେ ଦୁଇ ଦୁଇଟି କ୍ଲାସ ଚାଲିଛି। ଅପରପକ୍ଷରେ ମାହାଙ୍ଗା ବ୍ଲକରେ ରହିଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ବିଷୟଭିତ୍ତିକ ଶିକ୍ଷକ ନାହାନ୍ତି, ଯାହା ଫଳରେ ରାଜ୍ୟସରକାର କୋମଳମତୀ ଛାତ୍ରଛାତ୍ରୀମାନଙ୍କର ଭାଗ୍ୟ ଓ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି। ପୂର୍ବବର୍ତ୍ତୀ ସରକାର ସମୟରେ ରାଜ୍ୟରେ ଅଷ୍ଟମ ଶ୍ରେଣୀକୁ ଉଚ୍ଚବିଦ୍ୟାଳୟରୁ ଆଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିଥିଲେ। ଫଳରେ ବିଷୟଭିତ୍ତିକ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନେ ହିନ୍ଦୀ ଓ ସଂସ୍କୃତ ଶିକ୍ଷାଦାନରୁ ବଂଚିତ ହୋଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟର ଅଧିକାଂଶ ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ସରକାରୀ ବିଦ୍ୟାଳୟରେ ପଢ଼ନ୍ତି। ଏପରିକି ସରକାରୀ ବିଦ୍ୟାଳୟରେ ଚାକିରୀ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷାକର୍ମଚାରୀଙ୍କ ପିଲାମାନେ ବେସରକାରୀ ବିଦ୍ୟାଳୟରେ ପାଠ ପଢ଼ିଥାନ୍ତି। ରାଜ୍ୟସରକାରଙ୍କର କର୍ମଚାରୀଙ୍କ ପିଲାମାନେ ମଧ୍ୟ ସରକାରୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ପସନ୍ଦ କରି ନଥାନ୍ତି। ଯାହା ଫଳରେ ରାଜ୍ୟରେ ସରକାରୀ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଛି।ସରକାରୀ ବିଦ୍ୟାଳୟରେ ଠିକ୍‌ଭାବେ ପାଠପଢ଼ା ହେଉନି ଶିଶୁବାଟିକା ଖୋଲିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ନାପସନ୍ଦ କରାଯାଇଛି। ପ୍ରଥମେ ସରକାରୀ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି କରିବା ଉପରେ ସରକାର ଗୁରୁତ୍ୱଦେବାକୁ ସର୍ବସାଧାରଣରେ ଦାବି କରାଯାଇଛି।

# ଜାତୀୟ ନାଟକ ମହୋତ୍ସବ: ନାଟକ ରୁଦାଲି ମଞ୍ଚସ୍ଥ

ପାରାଦୀପ, (ଜି.ପ୍ର) : ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ କାନମାସ ଆୟୋଜିତ ୨୨ତମ ଜାତୀୟ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ସୁମୁଖ ରଙ୍ଗ ମଣ୍ଡଳୀ, ନୂଆ ଦିଲ୍ଲୀର କଳାକାର ମାନେ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ହିନ୍ଦୀ ନାଟକ ରୁଦାଲି ।

ରୁଦାଲି ଏକ ସାମାଜିକ ପ୍ରଥା ଯାହାକି ରାଜସ୍ଥାନ ରାଜ୍ୟରେ ଆରମ୍ଭ ହୋଇଥିଲା ।ରୁଦାଲି ଶବ୍ଦଟି ଜଣେ ବୃତ୍ତିଗତ ଶୋକକାରିଙ୍କୁ ବୁଝାଏ, ସାଧାରଣତଃ ଜଣେ ମହିଳା, ଯିଏକି ଶବଦାହ ଏବଂ ଶୋକ ସମାରୋହ ସମୟରେ ଦୁଃଖ ପ୍ରକାଶ କରିବା ପାଇଁ ନିଯୁକ୍ତି ଦିଆଯାଏ । ଏହି କାହାଣୀର ମୁଖ୍ୟ ଚରିତ୍ର ହେଉଛି ଶାନିଚାରି ଯିଏ ଶନିବାର ଦିନ ଜନ୍ମ ଗ୍ରହଣ କରିଥିବାରୁ ଏବଂ ତାଙ୍କ ସହିତ କିଛି ସାଜସଜ୍ଜା ଥିବାରୁ ଏହି ନାମ



ପାଇଥିଲେ । ସମାଜ ବିଶ୍ୱାସ କରେ ଯେ ସେ ଅସଗୁନି ,ତେଣୁ ତାଙ୍କ ପରିବାରରେ କେହି ବଞ୍ଚି ନାହାନ୍ତି । ସମୟ ଦ୍ୱାରା ପ୍ରତ୍ୟେକ ଜଣେ ଜଣେ ପ୍ରତିଭାଶାଳୀ ହୋଇଛନ୍ତି କିନ୍ତୁ ଶାନିଚାରୀଙ୍କ ଆଖି କେବେ ଓଦା ହୋଇନଥିଲା । ସେ କେବେ କାନ୍ଦି ନଥିଲେ, ତାଙ୍କ ପୁଅର ମୃତ୍ୟୁ ପରେ ମଧ୍ୟ ନୁହେଁ । କିନ୍ତୁ ଶେଷରେ ତାଙ୍କୁ ରୁଦାଲି ଭାବରେ କାମ କରିବାକୁ ପଡ଼ିଲା । ରଦାଲି ଜଣେ ଭଡ଼ାଟିଆ ମହିଳା ଯିଏ କଠିନ ପରିଶ୍ରମ କରି କାନ୍ଦନ୍ତି ଓ ଶୋକ କରନ୍ତି । ଚରିତ୍ର ଭାବରେ ଶାନିଚାରି ସେହି ଶ୍ରେଣୀର ପ୍ରତିନିଧି କରନ୍ତି ଯାହାର ବାଛିବାର ସ୍ୱାଧୀନତା ନାହିଁ, ନିଷ୍ପତ୍ତି ନେବାର କୌଣସି ଉପାୟ ନାହିଁ କିନ୍ତୁ ସେ କେବେ ବି ଭାଙ୍ଗି ପଡନ୍ତି ନାହିଁ । ତାଙ୍କ ଜୀବନ ସମାଜର ନିମ୍ନ ବର୍ଗର ମହିଳା ଜୀବନର ବିଡମ୍ବନାକୁ ରେଖାଙ୍କିତ କରେ । ନାଟକଟି କଳା ସ୍ତରରେ ଏକ ସମ୍ପୂର୍ଣ୍ଣ ନାଟକ । ନାଟକରେ କଳାକାର ମାନଙ୍କର ଅଭିନୟ ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା । ଏହି ଅବସରରେ ଅତିଥି ଭାବେ ଯୋଗଦାନ କରି ବନ୍ଦରର ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ରନଥ ସୋନ୍ଧି, କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗି ଓ ଏମଏନଏସର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ୪ର୍ଥ ସନ୍ଧ୍ୟାରେ ଲୋକର୍ଧର୍ମି, କେରଳର କଳାକାର ମାନେ ଡକ୍ଟର ଚନ୍ଦ୍ରଦାସନଙ୍କ ନିର୍ଦ୍ଦେଶନାରେ ମାଲୟାଲମ୍ ନାଟକ ଦ ବୋଟ ବୟ ଏବଂ ଦ ଲୁ, ପଦମପୁର ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ରଙ୍ଗଭୂମି ମଞ୍ଚସ୍ତ କରିବେ ।

# ମାନସିକ ବିକାରଗ୍ରସ୍ତ ଯୁବକକୁ ପରିବାରକୁ ହସ୍ତାନ୍ତର

ପାଣିକୋଇଲି ,(ସବ୍ୟୁ) :ଘରୁ ରାଗି ଚାଲି ଆସିଥିବା ଜଣେ ମାନସିକ ବିକାରଗ୍ରସ୍ତ ଯୁବକକୁ ପରିବାରକୁ ହସ୍ତାନ୍ତର କଲେ ପୁଲିସ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ । ପ୍ରକାଶଯେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ମାଟିଆ ଗ୍ରାମର ଅନନ୍ତ ମଲିକଙ୍କ ସାନପୁଅ ଶିବ ପ୍ରସାଦ (୨୨) ଜଣେ ମାନସିକ ବିକାରଗ୍ରସ୍ତ ଯୁବକ। ତେବେ କୌଣସି କାରଣରୁ ସେ ରାଗି ଗତ ସୋମବାର ଦିନ ସଂଧ୍ୟାରେ ସାଇକେଲଟିଏ ଧରି ଘରୁ ପଳାଇଆସିଥିଲା। ପରେ ସେ ବ୍ରହ୍ମବରଦା ଦେଇ ପାଣିକୋଇଲିରେ ଆସି ପହଂଚିଥିଲା। ପରିବାର ଲୋକମାନେ ବହୁତ ଖୋଜାଖୋଜି ପରେ ତାର କୌଣସି ପତା ମିଳିନଥିଲା। ତେବେ କୌଣସି ସୁତ୍ରରୁ ଖବର ପାଇ ଅନନ୍ତ ଗୁରୁବାର ସଂଧ୍ୟାରେ ପାଣିକୋଇଲିରେ ଆସି ପହଂଚି ସ୍ଥାନୀୟ ଲୋକମାନଙ୍କୁ ପୁଅର ଫଟୋ ଦେଖାଇବା ସହିତ କାନ୍ଦୁଥିବାରୁ ଲୋକମାନେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନିକଟକୁ ଅନନ୍ତଙ୍କୁ ନେଇଯାଇଥିଲେ। ପରେ ଶ୍ରୀ ମହାନ୍ତି ବିଭିନ ଥାନା ସହିତ ଯୋଗାଯୋଗେ କରିବାରୁ ଶିବ କୋରାଇ ଥାନା ଦ୍ୱାରା ଉଦ୍ଧାର ହୋଇ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବାର ଖବର ପାଇଥିଲେ । ଏ ନେଇ ପାଣିକୋଇଲି ଥାନାଧିକାରୀ କୋରାଇ ଥାନାଧିକାରୀ ରାକେଶ ତ୍ରିପାଠୀ ଓ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସହାୟତା ନେଇଥିଲେ। ପରେ ଗ୍ରୁପର ଉପଦେଷ୍ଟା ତାରିଣୀ କୁମାର ପଟ୍ଟନାୟକ,ସଭାପତି ଅଶୋକ କୁମାର ଦାସ, କୋଷାଧକ୍ଷ ହରେକୃଷ୍ଣ ସାହୁ ସଦସ୍ୟ ବିଶ୍ୱଜିତ ଦାସ ପ୍ରମୁଖ ଅନନ୍ତଙ୍କୁ କୋରାଇ ଥାନାକୁ ନେଇଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୩/୩୨)

–କ୍ଷେତ୍ର–କ୍ଷେତ୍ରଜ୍ଞ ବିଭାଗଯୋଗଃ–

(ଶ୍ରୀଭଗବାନୁବାଚ)

ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ।।୩୨।।

ଯେପରି ସର୍ବତ୍ର (ପଙ୍କାଦିରେ ମଧ୍ୟ) ଅବସ୍ଥିତ ଆକାଶ ଅତି ସୂକ୍ଷ୍ମ ବୋଲି (ପଙ୍କାଦିରେ) ଲିପ୍ତ ହୁଏ ନାହିଁ, ସେହିପରି (ଉତ୍ତମଳ ମଧ୍ୟମ ବା ଅଧମ) ସର୍ବବିଧ ଦେହରେ ଥାଇ ସୁଦ୍ଧା ଆତ୍ମା ଦୈହିକ ଦୋଷଗୁଣରେ ଲିପ୍ତ ହୁଏ ନାହିଁ ।।୩୨।।

# ନୂଆ ମେଳି ପାଇଁ ପ୍ରସ୍ତୁତି

ସମ୍ପାଦକୀୟ

ଅନିଶ୍ଚିତତା ମଧ୍ୟରେ ୟୁକ୍ରେନର ଭବିଷ୍ୟତ । କିଭ୍ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ବିନା, ୟୁକ୍ରେନରେ ଶାନ୍ତି ଚୁକ୍ତି କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟ ଏବଂ ନାଟୋରୁ ଓହରି ଯିବା ନେଇ ସମ୍ଭାବନା, ମିତ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି । ୱାଶିଂଟନ୍ ଏହି ସବୁ ଦେଶଗୁଡିକ ସହ ଥିବା ଦୀର୍ଘ ଦିନର ସାମରିକ ପ୍ରତିବଦ୍ଧତାକୁ ସମାପ୍ତ କରିପାରେ । ଟ୍ରମ୍ପଙ୍କ ଏପରି ମନୋଭାବ ଦେଖି, ଆମେରିକା ସହଯୋଗୀ ରାଷ୍ଟ୍ରଗୁଡିକ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ନିଜର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଉପଲବ୍ଧି କଲେଣି । ତେବେ, ବିଶ୍ୱ ରାଜନୀତି ଏହିଭଳି ଭାବରେ ଅତେଶୀଘ୍ର ପରିବର୍ତ୍ତିତ ହେବ ବୋଲି, କେହି ବି ବିଶ୍ୱାସ କରି ନ ଥିଲେ । ଟ୍ରମ୍ପ ଦୀର୍ଘ ସମୟ ଧରି ନାଟୋ ଏବଂ ଅନ୍ୟାନ୍ୟ ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ପ୍ରତିରକ୍ଷାର ଉପଯୋଗିତା ସମ୍ପର୍କରେ ଭିନ୍ନ ମତ ପୋଷଣ କରି ଆସିଛନ୍ତି । ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ, ପ୍ରାର୍ଥୀ ଟ୍ରମ୍ପ କହିଥିଲେ ଯେ ସେ ନାଟୋ–ସଦସ୍ୟ ଦେଶମାନଙ୍କୁ ରକ୍ଷା କରିବେ ନାହିଁ ଯେଉଁମାନେ ପ୍ରତିରକ୍ଷା ଖର୍ଚ୍ଚ ଲକ୍ଷ୍ୟ ପୂରଣ କରନ୍ତି ନାହିଁ । ତାଙ୍କ ପ୍ରଥମ କାର୍ଯ୍ୟକାଳରୁ, ରାଷ୍ଟ୍ରପତି ଟ୍ରମ୍ପ୍ ଅନୁରୋଧ କରିଆସୁଛନ୍ତି ଯେ ନାଟୋ ସଦସ୍ୟମାନେ ମେଣ୍ଟର ଧର୍ମ ଅନୁଯାୟୀ ଜି ଡି ପିର ୨ ପ୍ରତିଶତ ଖର୍ଚ୍ଚ କରନ୍ତୁ । ସେହିଭଳି ଗତ ସରକାରଙ୍କ ବୈଦେଶିକ ନୀତିରେ ପରିବର୍ତ୍ତନ ଆଣି, ଟ୍ରମ୍ପ ତାଇୱାନକୁ ସୁରକ୍ଷା ଦେବା ନେଇ କୁଣ୍ଠାବୋଧ ପ୍ରକାଶ କରିଛନ୍ତି । ୟୁକ୍ରେନ ଖଣିଜ ଚୁକ୍ତିରେ ସୁରକ୍ଷା ଗ୍ୟାରେଣ୍ଟି ଅନ୍ତର୍ଭୁକ୍ତ କରିବାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ପ୍ରତିକ ବିରୋଧ ବୈଦେଶିକ ନୀତି ପ୍ରତି ତାଙ୍କର ଅପାରମ୍ପରିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଥିବା ସଦ୍ୟତମ ଉଦାହରଣ । ସରଳ ଭାଷାରେ କହିବାକୁ ଗଲେ, ଅନ୍ୟ ଦେଶ ପ୍ରତି ଆମେରିକା ସହଯୋଗ କ୍ରମଶଃ ହ୍ରାସ ପାଇବ ଯାହା ଫଳରେ, ଅନେକ ଦେଶର ଆର୍ଥିକ ବୃଦ୍ଧି ପ୍ରଭାବିତ ହେବ । ବିଶ୍ୱଯୁଦ୍ଧର ସମ୍ଭାବନା ବୃଦ୍ଧି ପାଇବ । ୟୁକ୍ରେନ୍ ଏବଂ ନାଟୋ ବିରୁଦ୍ଧରେ ଟ୍ରମ୍ପଙ୍କ ସାର୍ବଜନୀନ ବିବୃତ୍ତି ଆମେରିକୀୟ ଜନମତ ଉପରେ ପ୍ରଭାବ ପକାଇଥିବା ପରି ମନେହୁଏ । ଫେବୃଆରୀ ୩–୯, ୨୦୨୫ ପ୍ୟୁ ରିସର୍ଚ୍ଚ ସେଣ୍ଟର ପୋଲ୍‌ରୁ ଜଣାପଡିଛି ଯେ ପ୍ରାୟ ଏକ ତୃତୀୟାଂଶ ବୟସ୍କ ଆମେରିକୀୟ ଭାବନ୍ତି ଯେ ୱାଶିଂଟନ୍ ରୁଷ ବିରୁଦ୍ଧରେ ୟୁକ୍ରେନର ଯୁଦ୍ଧ ପ୍ରୟାସ ପାଇଁ ଅତ୍ୟଧିକ ସମର୍ଥନ ପ୍ରଦାନ କରୁଛି । ୨୦୨୪ରେ ୨୭ ପ୍ରତିଶତ ଜନସଂଖ୍ୟା ଏପରି ମତ ପୋଷଣ କରିଥିଲେ ଯାହା ଏବେ ବଢ଼ିବାରେ ଲାଗିଛି । ସେହିପରି ନାଟୋ ସଦସ୍ୟତାରୁ ଆମେରିକା ଲାଭ ପାଉନାହିଁ ବୋଲି ବିଶ୍ୱାସ କରୁଥିବା ଆମେରିକୀୟଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି । କିନ୍ତୁ, ଡୋନାଲ୍ଡ ଟ୍ରମ୍ପ ଭିନ୍ନ ମତ ପୋଷଣ କରୁଛନ୍ତି । ତେବେ, ୟୁକ୍ରେନକୁ ରକ୍ଷା କରିବା ପାଇଁ ଉଚ୍ଚ ମୂଲ୍ୟ ସତ୍ତ୍ୱେ, ଆଟଲାଣ୍ଟିକର ଉଭୟ ପାର୍ଶ୍ୱର ଲୋକେ –ଯୁକ୍ତରାଷ୍ଟ୍ରର ରିପବ୍ଲିକାନ ସମେତ – ଦେଶ ପାଇଁ ଏବଂ ବ୍ୟାପକ ଟ୍ରାନ୍ସଆଟଲାଣ୍ଟିକ ମେଣ୍ଟ ପାଇଁ ସମର୍ଥନ କରନ୍ତି । ତେଣୁ, ଏହି ଗତିଶୀଳତା ମଧ୍ୟରେ, ଆମେରିକାର ସହଯୋଗୀମାନଙ୍କୁ ଆମେରିକାବାସୀଙ୍କ ମତାମତକୁ ସମ୍ମାନ ଦେଇ, ନିଜ ନିଜର ରଣନୀତିରେ ପରିବର୍ତ୍ତନ ଆଣିବାକୁ ପଡିବ । ବିଶ୍ୱ ସୁରକ୍ଷା ଢାଞ୍ଚାରେ ଏହି ପରିବର୍ତ୍ତନ ଏସିଆ ଏବଂ ୟୁରୋପରେ ଆମେରିକୀୟ ଅଂଶୀଦାରମାନଙ୍କୁ ଏହି ପ୍ରଶ୍ନର ସମାଧାନ କରିବାକୁ ବାଧ୍ୟ କରିବ । ସେଥିପାଇଁ ଦେଶଗୁଡିକ ମଧ୍ୟରେ କ୍ରମେ ନୂଆ ସମୀକରଣ ସୃଷ୍ଟି ହେବ । ପ୍ରସ୍ତାବିତ ଆମେରିକା–ୟୁକ୍ରେନ ଖଣିଜ ଚୁକ୍ତି ଦର୍ଶାଉଛି ଯେ' ବିପଦଗ୍ରସ୍ତ ଦେଶଗୁଡ଼ିକର ଅର୍ଥନୀତିର ବିକାଶ ପାଇଁ ଏକ ସ୍ଥାୟୀ ଆମେରିକୀୟ ଆର୍ଥିକ ପ୍ରତିବଦ୍ଧତା ସୃଷ୍ଟି କରିବ ଏବଂ ଆମେରିକା ନିର୍ମିତ ଅସ୍ତ୍ରଶସ୍ତ୍ର କ୍ରୟ କରିବା ପାଇଁ ୟୁକ୍ରେନକୁ ଆବଶ୍ୟକୀୟ ଆର୍ଥିକ ଅଭିବୃଦ୍ଧି କରାଇବାରେ ସହାୟକ ହେବ । ଏହା ସହିତ, ସ୍ଥାନୀୟ ମାଟିରେ ଆମେରିକୀୟ ବ୍ୟବସାୟର ଉପସ୍ଥିତି ବାହ୍ୟ ଶକ୍ତି ଦ୍ୱାରା ଆକ୍ରମଣକୁ ପ୍ରତିହତ କରିବାରେ ସାହାଯ୍ୟ କରିପାରିବ । ଏବେ ୟୁରୋପକୁ ନିଜ ସୁରକ୍ଷା ପାଇଁ ଅଧିକ ଦାୟିତ୍ୱ ନେବାକୁ କରିବାକୁ ପଡିବ । ଇଉରୋପିଆନ ୟୁନିଅନ ଏବଂ ନାଟୋ ସଦସ୍ୟ ଦେଶଗୁଡ଼ିକ ଏକ ନୂତନ ସୁରକ୍ଷା ବଳୟ ସୃଷ୍ଟି ପାଇଁ ଆଲୋଚନା କରୁଛନ୍ତି, ପ୍ରତିରକ୍ଷା ଉପରେ ଅଧିକ ଖର୍ଚ୍ଚ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନଙ୍କର ସାମରିକ ବାହିନୀକୁ ବିସ୍ତାର କରୁଛନ୍ତି । ଜର୍ମାନୀର ଚାନ୍ସେଲର ହେବାକୁ ଥିବା ଫ୍ରେଡ୍ରିଚ୍ ମର୍ଜଙ୍କ ଦ୍ୱାରା ମାର୍ଚ୍ଚ ୫ ରେ ଭିତ୍ତିଭୂମି ଏବଂ ପ୍ରତିରକ୍ଷା ପାଇଁ ଶହ ଶହ ବିଲିୟନ ୟୁରୋ ଉତ୍ସର୍ଗ କରିବା ପାଇଁ ଏକ ରାଜନୈତିକ ଚୁକ୍ତିର ଘୋଷଣା ଏପରି ଏକ ଆବଶ୍ୟକୀୟ ବିକାଶ । ସଠିକ ଦିଗରେ ଆଉ ଏକ ପଦକ୍ଷେପ ହେଉଛି ୟୁକେ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ମାର୍ଚ୍ଚ ୨ ତାରିଖରେ ୟୁକ୍ରେନକୁ ରକ୍ଷା କରିବା ଏବଂ ଯୁଦ୍ଧର ସମାପ୍ତି କରିବା ପାଇଁ, କିଛି ଦେଶକୁ ନେଇ ଏକ ଚାରି–ସୂତ୍ରୀ ଯୋଜନାର ପ୍ରକାଶ । ଟ୍ରମ୍ପଙ୍କ ୟୁକ୍ରେନ ନୀତି ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି । ରାଷ୍ଟ୍ରପତି ଟ୍ରମ୍ପ ସାରା ବିଶ୍ୱରେ ଆମେରିକାର ବୈଦେଶିକ ନୀତିରେ ଆମୂଳଚୂଳ ପରିବର୍ତ୍ତନ କରିବାପାଇଁ ନିଷ୍ପତ୍ତି ନେଇସାରିଛନ୍ତି । ଆମେରିକା କାହାରି ନିଜର ନୁହେଁ,କେବଳ ପ୍ରସଙ୍ଗ ଭିତ୍ତିକ ସମ୍ପର୍କ ଉପରେ ବିଶ୍ୱାସ କରେ, ଏହା ହିଁ ଟ୍ରମ୍ପଙ୍କ ନୂଆ କାର୍ଯ୍ୟକାଳର ନୀତି ହେବ । ଏଭଳି ପରିସ୍ଥିତିରେ ୟୁରୋପରେ ପରମାଣୁ ପ୍ରତିରୋଧର ପୁନର୍ବିଚାର ଆବଶ୍ୟକ ହେବ । ବିଶେଷକରି, ଯୁକ୍ତରାଜ୍ୟ ଏବଂ ଫ୍ରାନ୍ସକୁ ସେମାନଙ୍କର ପରମାଣୁ ଅସ୍ତ୍ର କ୍ଷମତାକୁ ବୃଦ୍ଧି କରିବାକୁ ପଡିବ ଏବଂ ସାଥୀ ୟୁରୋପ ଅଂଶୀଦାରମାନଙ୍କୁ ଏକ ନୂତନ ସୁରକ୍ଷିତ ଛାତ ତଳେ ରଖିବାକୁ ପଡିବ । ଏହା ବିଶ୍ୱ ରାଜନୀତିକୁ କି ପ୍ରକାର ରୂପ ଦେବ, ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ । ତେବେ ୟୁକ୍ରେନର ସାର୍ବଭୌମତ୍ୱ ସୁରକ୍ଷା ପାଇଁ ଅଧିକାଂଶ ଦେଶ ସାହାଯ୍ୟର ହାତ ବଢ଼ାଇବେ, ଯଦି ଆମେରିକାର ସହଯୋଗରେ, ରୁଷ ୟୁକ୍ରେନ ଉପରେ ଏହାର ଆଧିପତ୍ୟ ଜାହିର କରିବ । କିନ୍ତୁ ଯାହା ମନେ ହେଉଛି, ଯୁଦ୍ଧ ଆମେରିକାର ଲକ୍ଷ୍ୟ ନୁହେଁ, ବରଂ ଟ୍ରମ୍ପ ଆମେରିକାକୁ ଆହୁରି ଉନ୍ନତ କରିବା ପାଇଁ, ଏହାର ଆର୍ଥିକ ଅଭିବୃଦ୍ଧିକୁ ଆହୁରି ସୁଦୃଢ କରିବା ପାଇଁ, ବ୍ୟବସାୟ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି । ଏହା ବାସ୍ତବିକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ, ନଟୋକୁ ହାତଛଡା କରିବା ପରେ ସମ୍ପୃକ୍ତ ଦେଶଗୁଡିକ ମଧ୍ୟରେ ମେଳି, କି ପ୍ରକାର ରୂପ ନେବ ଏବଂ ସେହି ମେଳି ବା ମେଣ୍ଟ ସହ ଆମେରିକାର କି ପ୍ରକାର ସମ୍ପର୍କ ରହିବ, ତାହା ଏବେବି ଅସ୍ପଷ୍ଟ ।

# ବିଶ୍ୱ ଜଳ ଦିବସର ଅନୁଚିନ୍ତା

**ଅସିତ ମହାନ୍ତି**

ପ୍ରତିବର୍ଷ, ମାର୍ଚ୍ଚ ୨୨ ତାରିଖରେ, ବିଶ୍ୱ ଜଳ ଦିବସ ପାଳନ କରିବାକୁ ବିଶ୍ୱ ଏକତ୍ରିତ ହୁଏ । ଏହି ଦିବସ, ଜଳର ଗୁରୁତ୍ୱ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏବଂ ମଧୁର ଜଳ ସମ୍ପଦର ସ୍ଥାୟୀ ପରିଚାଳନା କରିବା ପାଇଁ ଉତ୍ସର୍ଗୀକୃତ । ୧୯୯୩ରେ ମିଳିତ ଜାତିସଂଘ ଦ୍ୱାରା ସ୍ଥାପିତ, ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି କୃଷି, ଶିଳ୍ପ ଏବଂ ଇକୋସିଷ୍ଟମକୁ ସମର୍ଥନ କରିବା ପର୍ଯ୍ୟନ୍ତ ଆମ ଜୀବନରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ରେଖାଙ୍କିତ କରେ । ଜଳ, ଏକ ସାର୍ବଜନୀନ ଆବଶ୍ୟକତା । କିନ୍ତୁ ଏହା ସମସ୍ତଙ୍କ ପାଇଁ ସମାନ ଭାବରେ ଉପଲବ୍ଧ ନୁହେଁ । ମିଳିତ ଜାତିସଂଘ ଅନୁଯାୟୀ, କୋଟି କୋଟି ଲୋକ ଏପର୍ଯ୍ୟନ୍ତ ନିରାପଦ ପାନୀୟ ଜଳ ବିନା ବଞ୍ଚୁଛନ୍ତି, ଯାହା ଅସମାନତା ଉପରେ ଆଲୋକପାତ କରିବା ଏବଂ ସଚେତନତା, ଶିକ୍ଷା ଏବଂ ନବସୃଜନ ମାଧ୍ୟମରେ ସମାଧାନକୁ ପ୍ରୋତ୍ସାହିତ କରିବା ଆବଶ୍ୟକ କରେ । ବିଶ୍ୱ ଜଳ ଦିବସ ଏକ ସ୍ମାରକୀ ଭାବରେ କାର୍ଯ୍ୟ କରେ ଯେ ପ୍ରତ୍ୟେକ ବୁନ୍ଦା ଗୁରୁତ୍ୱପୂର୍ଣ୍ଣ । ଏହି ଦିବସ ନିରନ୍ତର ବିକାଶ ଲକ୍ଷ୍ୟ–୬ (ନିରନ୍ତର ବିକାଶ ଲକ୍ଷ୍ୟ ୬, ସମସ୍ତଙ୍କ ପାଇଁ ସ୍ୱଚ୍ଛ ଜଳ ଏବଂ ପରିମଳ ହାସଲ କରିବାର ଗୁରୁତ୍ୱକୁ ଘୋଷଣା କରେ । ପ୍ରାକ୍–ସହସ୍ରାବ୍ଦୀର ବିକାଶ ଲକ୍ଷ୍ୟକୁ ସଫଳ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ସ୍ଥାପିତ ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ମଧ୍ୟରୁ ଏହା ଅନ୍ୟତମ) ସହିତ ମଧ୍ୟ ମେଳ ଖାଉଛି, ଯାହାର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱଚ୍ଛ ଜଳ ଏବଂ ପରିମଳ ସୁନିଶ୍ଚିତ କରିବା ।

ବିଶ୍ୱ ସ୍ତରରେ, ପାନୀୟ ଜଳର ଉପଲବ୍ଧତା କିଛି ବର୍ଷ ଧରି ଉନ୍ନତ ହୋଇଛି, କିନ୍ତୁ ଆହ୍ୱାନଗୁଡ଼ିକ ରହିଆସିଛି । ୨୦୨୫ ସୁଦ୍ଧା, ବିଶ୍ୱର ଜନସଂଖ୍ୟାର ପ୍ରାୟ ୯୧ ପ୍ରତିଶତ ଅତି କମ୍‌ରେ ମୌଳିକ ପାନୀୟ ଜଳ ସେବା ପାଇପାରିବା ଲକ୍ଷ୍ୟ ଥିଲା । ତଥାପି, ଅସମାନତା ଜାରି ରହିଛି, ବିଶେଷ କରି ସ୍ୱଳ୍ପ ଆୟକାରୀ ଦେଶ ଏବଂ ଦୁର୍ଗମ ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ଏପର୍ଯ୍ୟନ୍ତ ନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ପାଇପାରୁ ନାହାଁନ୍ତି । ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ଖରାପ ଜଳ ପରିଚାଳନା ଭଳି କାରଣଗୁଡ଼ିକ ବିଶ୍ୱ ଜଳ ସଙ୍କଟକୁ ଆହୁରି ବଢ଼ାଇବାରେ ଲାଗିଛି । ଭୂତଳ ଜଳକୁ ନେଇ ସ୍ଥିତି ଚିନ୍ତାଜନକ ରହିଛି । ଅନେକ ଅଞ୍ଚଳରେ ଭୂତଳ ଜଳ ସ୍ତର ପ୍ରାକୃତିକ ପୁନଃପୂରଣ ତୁଳନାରେ ଦ୍ରୁତ ଗତିରେ ହ୍ରାସ ପାଉଛି । ୭୦ ପ୍ରତିଶତରୁ ଅଧିକ ଭୂତଳ ଜଳ କୃଷି ପାଇଁ ବ୍ୟବହୃତ ହୁଏ । ବିଶ୍ୱସ୍ତରରେ ଭୂତଳ ଜଳର ସର୍ବବୃହତ୍ ଉପଭୋକ୍ତା, ଭାରତ ଭଳି ଦେଶରେ, ପ୍ରାୟତଃ ଜଳ ଉତ୍ସ ପର୍ଯ୍ୟାପ୍ତ ନୁହେଁ । ଏହା ଭାରତ–ଗାଙ୍ଗେୟ ଅବବାହିକା ଭଳି ଅଞ୍ଚଳରେ ୨୦୨୫ ଅର୍ଥାତ୍ ଚଳିତ ବର୍ଷ ସୁଦ୍ଧା ଗୁରୁତର ହ୍ରାସ ହେବାର ପୂର୍ବାନୁମାନ କରାଯାଇଛି । ଏହି ଧାରା ବିଶ୍ୱବ୍ୟାପୀ ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା ଏବଂ ଜଳ ସୁରକ୍ଷା ପ୍ରତି ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଛି ।

ଏହି ଦିନ, ଆମେ ପ୍ରସିଦ୍ଧ ପରିବେଶବିତ୍ ଏବଂ ଜଳ ସଂରକ୍ଷଣବାଦୀ ଅନୁପମ ମିଶ୍ର (୧୯୪୮ – ୨୦୧୬) ଙ୍କୁ ମନେ ପକାଇବା ଉଚିତ୍, ଯିଏ ସ୍ଥାୟୀ ଜଳ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ପାରମ୍ପରିକ ଜଳ ଅମଳ କୌଶଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପୋଖରୀ, ଟ୍ୟାଙ୍କ୍ ପରି ପ୍ରାଚୀନ ଜଳ ସଂରଚନାର ସଂରକ୍ଷଣ ପାଇଁ ଓକିଲାତି କରିଥିଲେ ।

ସେ 'ଆଜ୍ ଭି ଖରେ ହେ ତାଲାବ୍' (ପୋଖରୀଗୁଡ଼ିକ ତଥାପି ପ୍ରାସଙ୍ଗିକ) ଏବଂ ରାଜସ୍ଥାନ କି ରଜତ ବୁନ୍ଦେ (ରାଜସ୍ଥାନର ଉଜ୍ଜ୍ୱଳ ବର୍ଷା ବିନ୍ଦୁ) ପରି ପ୍ରଭାବଶାଳୀ ପୁସ୍ତକ ରଚନା କରିଥିଲେ ଯାହା ପାରମ୍ପାରିକ ଜଳ ବ୍ୟବସ୍ଥାର ଚତୁରତା ଏବଂ ଆଧୁନିକ ସମୟରେ ସେମାନଙ୍କର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲା । ମିଶ୍ର ସମଗ୍ର ଭାରତରେ, ବିଶେଷ କରି ରାଜସ୍ଥାନ ପରି ଜଳ–ଅଭାବ ଅଞ୍ଚଳରେ, ଏହି ଅଭ୍ୟାସଗୁଡ଼ିକୁ ଡକ୍ୟୁମେଣ୍ଟ କରିବା ଏବଂ ପୁନର୍ଜୀବିତ କରିବା ପାଇଁ ବ୍ୟାପକ ଯାତ୍ରା କରିଥିଲେ । ସେ ବିକେନ୍ଦ୍ରୀକୃତ ଜଳ ସଂରକ୍ଷଣ ବ୍ୟବସ୍ଥାରେ ବିଶ୍ୱାସ କରୁଥିଲେ ଏବଂ ଜଳ ଅଭାବର ମୁକାବିଲା ପାଇଁ ସ୍ଥାୟୀ ପଦ୍ଧତି ଗ୍ରହଣ କରିବାକୁ ସମ୍ପ୍ରଦାୟଗୁଡ଼ିକୁ ଉତ୍ସାହିତ କରିଥିଲେ । ତାଙ୍କର ଆଭିମୁଖ୍ୟ କିପରି କାର୍ଯ୍ୟ କଲା ଏବଂ ଜଳ ସଂରକ୍ଷଣରେ ଅବଦାନ ଦେଲା ତାହା ଏଠାରେ ଅଛି –ପାରମ୍ପରିକ ଜଳ ଅମଳ– ବାଓଲି (ଷ୍ଟେପ୍‌ୱେଲ୍) ଜୋହଡ୍ (ମାଟି ଚେକ୍ ଡ୍ୟାମ୍) ଏବଂ ପୋଖରୀ ପରି ବିକେନ୍ଦ୍ରୀକୃତ ଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ ମିଶ୍ର ଓକିଲାତି କରିଥିଲେ । ଏହି ସଂରଚନାଗୁଡ଼ିକ ବର୍ଷା ଜଳ ସଂଗ୍ରହ ଏବଂ ସଂରକ୍ଷଣ କରିବା ପାଇଁ ଡିଜାଇନ୍ କରାଯାଇଥିଲା, ଯାହା ଶୁଖିଲା ସମୟରେ ମଧ୍ୟ ଏକ ସ୍ଥିର ଜଳ ଯୋଗାଣ ନିଶ୍ଚିତ କରେ । ଗୋଷ୍ଠୀଗତ ଯୋଗଦାନ – ଜଳ ପରିଚାଳନାର ଦାୟିତ୍ୱ ନେବା ପାଇଁ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବାରେ ସେ ବିଶ୍ୱାସ କରୁଥିଲେ । ଜଳ ସଂରଚନାର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଲୋକଙ୍କୁ ସାମିଲ କରି ସେ ମାଲିକାନା ଏବଂ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିଥିଲେ । ସ୍ଥାୟୀତ୍ୱ – ପରିବେଶକୁ କ୍ଷତି ନକରି ପ୍ରାକୃତିକ ସମ୍ବଳକୁ ଦକ୍ଷତାର ସହ ବ୍ୟବହାର କରିବା ଉପରେ ତାଙ୍କର ପଦ୍ଧତିଗୁଡ଼ିକ ଧ୍ୟାନ ଦେଉଥିଲା ।

ଉଦାହରଣ ସ୍ୱରୂପ, ପାରମ୍ପରିକ ଜଳ ପ୍ରଣାଳୀ ପ୍ରାୟତଃ ମାଧ୍ୟାକର୍ଷଣ ଏବଂ ପ୍ରାକୃତିକ ପରିସ୍ରବଣ ଉପରେ ନିର୍ଭର କରୁଥିଲା, ଯାହା ସଂରକ୍ଷଣ ପ୍ରକ୍ରିୟାଗୁଡ଼ିକର ଆବଶ୍ୟକତାକୁ ହ୍ରାସ କରୁଥିଲା । 'ଆଜ୍ ଭୀ ଖରେ ହେ ତାଲାବ' ଏବଂ 'ରାଜସ୍ଥାନ କି ରଜତ ବୁନ୍ଦେଁ' ଭଳି ତାଙ୍କ ପୁସ୍ତକ ମାଧ୍ୟମରେ ମିଶ୍ର ଏହି ଅଭ୍ୟାସ ଗୁଡ଼ିକୁ ଲିପିବଦ୍ଧ କରିଥିଲେ ଏବଂ ଅନ୍ୟମାନଙ୍କୁ ଏହାକୁ ଗ୍ରହଣ କରିବା ପାଇଁ ପ୍ରେରଣା ଦେଇଥିଲେ । ତାଙ୍କ କାର୍ଯ୍ୟ ପ୍ରାଚୀନ ଜଳ ବ୍ୟବସ୍ଥାର ଚତୁରତା ଏବଂ ଆଧୁନିକ ସମୟରେ ସେଗୁଡ଼ିକର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲା । ଏହି ପଦ୍ଧତିଗୁଡିକ ଡ୍ୟାମ୍ ପରି ବୃହତ ଭିତ୍ତିଭୂମି ପ୍ରକଳ୍ପ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଜଳ ସଂରକ୍ଷଣ କରିବାରେ ସାହାଯ୍ୟ କରିଥିଲା, ଯାହା ବ୍ୟୟବହୁଳ ଏବଂ ପରିବେଶଗତ ଭାବରେ ବିଘଟନକାରୀ ହୋଇପାରେ ।

ସେମାନେ ଭୂତଳ ଜଳ ପୁନଃ ଭରଣକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ, ଜଳ ଅପଚୟ ହ୍ରାସ ଉପରେ ଜୋର୍ ଦେଇଥିଲେ ଏବଂ ଶୁଷ୍କ ଅଞ୍ଚଳରେ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କର ଆଭିମୁଖ୍ୟ ଆଜି ସ୍ଥାୟୀ ଜଳ ପରିଚାଳନା ପାଇଁ ଏକ ମଡେଲ ହୋଇ ରହିଛି । ଅନୁପମ ମିଶ୍ର ପାରମ୍ପରିକ ଜଳ ଅମଳ ପ୍ରଣାଳୀର ସମର୍ଥନ ମାଧ୍ୟମରେ ଭୂତଳ ଜଳସ୍ତର ସଂରକ୍ଷଣ ଏବଂ ପୁନଃପୂରଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ତାଙ୍କର କାର୍ଯ୍ୟ କିପରି ଭୂତଳ ଜଳ ଭଣ୍ଡାରକୁ ପ୍ରଭାବିତ କରିଥିଲା ତାହା ଏଠାରେ ଅଛି । ବର୍ଷା ଜଳ ସଂଗ୍ରହକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ପାଇଁ ଜୋହଡ଼ (ମାଟି ଚେକ୍ ଡ୍ୟାମ୍) ବାଓଲି (ଷ୍ଟେପ୍‌ୱେଲ୍) ଏବଂ ପୋଖରୀ ପରି ସଂରଚନା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରଣାଳୀଗୁଡ଼ିକ ଜଳକୁ ଭୂମିରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲା, ଜଳଭଣ୍ଡାରକୁ ରିଚାର୍ଜ କରିଥିଲା ଏବଂ ଭୂତଳ ଜଳ ସ୍ତର ବୃଦ୍ଧି କରିବାରେ ସହାୟକ ହେଉଥିଲା । ବିକେନ୍ଦ୍ରୀକୃତ ଜଳ ପରିଚାଳନା ପାରମ୍ପରିକ ଜଳ ସଂରଚନାର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ସାହିତ କରି ସେ ଗୋଷ୍ଠୀ ପରିଚାଳିତ ଜଳ ପରିଚାଳନା ଅଭ୍ୟାସକୁ ସମର୍ଥନ କରିଥିଲେ ।

ଏହି ଆଭିମୁଖ୍ୟ ଗ୍ରାମାଞ୍ଚଳରେ ସ୍ଥାୟୀ ଭୂତଳ ଜଳ ପୁନଃ ଭରଣକୁ ସୁନିଶ୍ଚିତ କରିଥିଲା । ପାରମ୍ପରିକ ଜ୍ଞାନର ପୁନରୁଦ୍ଧାର, ପ୍ରାଚୀନ ଜଳ ସଂରକ୍ଷଣ କୌଶଳର ଦସ୍ତାବିଜ ପ୍ରସ୍ତୁତ କରି ଏବଂ ଏହାକୁ ପ୍ରୋତ୍ସାହନ ଦେଇ ମିଶ୍ର ଭୂତଳ ଜଳ ଭଣ୍ଡାର ବୃଦ୍ଧି ପାଇଁ ପ୍ରାକୃତିକ ଭାବେ ପ୍ରସ୍ତୁତ କରାଯାଇଥିବା ପଦ୍ଧତିଗୁଡ଼ିକର ସଂରକ୍ଷଣରେ ସହାୟତା କରିଥିଲେ । ମିଶ୍ର ପ୍ରାୟତଃ ବୃହତ୍–ସ୍ତରୀୟ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସମାଲୋଚନା କରୁଥିଲେ ଯାହା ପ୍ରାକୃତିକ ଜଳ ଚକ୍ରକୁ ବ୍ୟାହତ କରୁଥିଲା । ଏହା ପରିବର୍ତ୍ତେ, ସେ ସ୍ଥାନୀୟ ସମାଧାନ ପାଇଁ ଓକିଲାତି କରିଥିଲେ, ଯାହା ଭୂତଳ ଜଳକୁ ପୁନଃ ପୂରଣ କରିବା ପାଇଁ ପରିବେଶ ସହିତ ସୁସଂଗତ ଭାବରେ କାର୍ଯ୍ୟ କରିଥିଲା । ତାଙ୍କର ପ୍ରୟାସ କେବଳ ଜଳ ସଂରକ୍ଷଣରେ ସାହାଯ୍ୟ କରିନଥିଲା ବରଂ ଭୂତଳ ଜଳ ସମ୍ପଦର ଦୀର୍ଘକାଳୀନ ଉପଲବ୍ଧତା ସୁନିଶ୍ଚିତ କରି ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ସମ୍ପ୍ରଦାୟଗୁଡ଼ିକୁ ମଧ୍ୟ ପ୍ରେରଣା ଦେଇଥିଲା । ତାଙ୍କର ପଦ୍ଧତି, ସମଗ୍ର ଭାରତରେ ଜଳ ସଂରକ୍ଷଣ ପଦକ୍ଷେପକୁ ପ୍ରଭାବିତ କରିଚାଲିଛି ।

**ସୁଜନପୁର, ଯାଜପୁର**
**ମୋ–୯୪୩୭୨୮୮୦୨୮**

# ପ୍ରତ୍ୟେକେ ଅନନ୍ୟ, ଭିନ୍ନ, ସ୍ୱତନ୍ତ୍ର

**ମାନସ କୁମାର କର**

ଗୋଟିଏ ସମୟ ଥିଲା ଯେତେବେଳେ ସାରା ଦେଶରେ ଶିକ୍ଷା ପାଇଁ ଏକ ଗୁରୁକୁଳ ବ୍ୟବସ୍ଥା ଥିଲା । ଏହି ବ୍ୟବସ୍ଥାରେ ପିଲାମାନଙ୍କୁ ଗୁରୁଙ୍କ ସହିତ ରହିବାକୁ ପଡୁଥିଲା । ଗୁରୁ ପ୍ରତ୍ୟେକ ଶିଷ୍ୟଙ୍କୁ ପରୀକ୍ଷା କରି ତାଙ୍କର ଜ୍ଞାନର ମୂଲ୍ୟାଙ୍କନ କରୁଥିଲେ । ସେ ତାଙ୍କ ଭବିଷ୍ୟତ ଜୀବନକୁ ଦେଖି ତାଙ୍କୁ ପ୍ରସ୍ତୁତ କରୁଥିଲେ । ସେ ଧର୍ମ, ସାମାଜିକ ଆଚରଣ ଏବଂ ପ୍ରକୃତିର ସ୍ୱଭାବ ମଧ୍ୟ ଶିକ୍ଷା ଦେଉଥିଲେ । ଶିଷ୍ୟ ପ୍ରସ୍ତୁତ ହେବା ସହିତ, ଗୁରୁ ମଧ୍ୟ ଗର୍ବୀତ ହେଉଥିଲେ । ସେ ଶିଷ୍ୟଙ୍କ ମଧ୍ୟରେ ନିଜର ପ୍ରତିଫଳନ ଦେଖୁଥିଲେ । ସେ ତାଙ୍କର ସମସ୍ତ ଜ୍ଞାନ ଶିଷ୍ୟଙ୍କୁ ପ୍ରଦାନ କରୁଥିଲେ । ସେ ଏକ ସମ୍ପୂର୍ଣ୍ଣ ମଣିଷ ସୃଷ୍ଟି କରି ତାଙ୍କୁ ପିତାମାତାଙ୍କୁ ହସ୍ତାନ୍ତର କରୁଥିଲେ ।

ମଣିଷ ଏବେ ବି ସମାନ ଅଛି । କେବଳ ବାହ୍ୟ ପରିବେଶ ପରିବର୍ତ୍ତନ ହୁଏ । ଏହା ପରିବର୍ତ୍ତନ ହେଉଛି । ଏହାର ପ୍ରଭାବ ବାହ୍ୟ ଜୀବନ ଉପରେ ଅଧିକ ପଡ଼ିଥାଏ । ପ୍ରତ୍ୟେକ ଯୁଗରେ ଚମକ ରହିଛି ଏବଂ ବିଶ୍ୱର ଭ୍ରମ ମଧ୍ୟ ରହିଛି । ପ୍ରତ୍ୟେକ ଶିକ୍ଷାର କାରଣ ମଧ୍ୟ । ଜ୍ଞାନ ମାଧ୍ୟମରେ, ଜଣେ ବ୍ୟକ୍ତି ଅନନ୍ତ ଏବଂ ମର୍ତ୍ତ୍ୟ ମଧ୍ୟରେ ପାର୍ଥକ୍ୟ ବୁଝିପାରିବ । ସେ ବାହ୍ୟ ଜଗତର ସୀମାକୁ ମନେ ରଖି ବ୍ୟବହାର କରିପାରିବ । ସେ ମର୍ତ୍ତ୍ୟ ପଛରେ ଲୁଚି ରହିଥିବା ଅନନ୍ତକୁ ଧରିପାରିବ । ଜୀବନ ଦ୍ୱନ୍ଦ୍ୱରେ ପଡ଼ିବା ଉଚିତ ନୁହେଁ । ଜୀବନର ଲକ୍ଷ୍ୟ ହାତରୁ ଖସିଯିବା ଉଚିତ ନୁହେଁ । ସେ ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ବିଶ୍ୱାସ ରଖି ସୁଖ ଏବଂ ଦୁଃଖରେ ନିରପେକ୍ଷ ରହିପାରିବ । କେବଳ ସେତେବେଳେ ସେ ଆସକ୍ତିର ଅର୍ଥ ଏବଂ ପ୍ରଭାବ ବୁଝିପାରିବ । ସେ ପ୍ରେମ ଏବଂ ଘୃଣାକୁ ନିୟନ୍ତ୍ରଣ କରିପାରିବ ଏବଂ ଶାନ୍ତ ହୋଇପାରିବ ।

ଆଜିର ମଣିଷ ଅସ୍ଥିର ଏବଂ କ୍ଳାନ୍ତ । ତା'ର ଜ୍ଞାନ ସାହାଯ୍ୟରେ ସେ ଅନନ୍ତ ଏବଂ ମର୍ତ୍ତ୍ୟ ମଧ୍ୟରେ ପାର୍ଥକ୍ୟ କରିପାରୁନାହିଁ । ସେ ମଣିଷ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟ ସ୍ଥାପନ କରିପାରୁନାହିଁ । ସେ ଶରୀରକୁ ନିଜଠାରୁ ପୃଥକ୍ ଭାବରେ ଦେଖିପାରୁନାହିଁ । କେତେକ କେବଳ ଶରୀର ଆଧାରରେ ବଞ୍ଚୁଛନ୍ତି । କେତେକ ବୁଦ୍ଧି ଆଗରେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । କେତେକ କେବଳ ନିଜ ଇଚ୍ଛା ଅନୁସାରେ କାମ କରିଚାଲିଛନ୍ତି । ଏହା ପରିତାପର ବିଷୟ ଯେ ଯେଉଁ ସ୍ତରରେ ଆଜି ବ୍ୟକ୍ତି ବଞ୍ଚୁଛନ୍ତି, ସେ ସେହି ସ୍ତରକୁ ଭଲ ଭାବରେ ପ୍ରାୟ ଜାଣନ୍ତି ନାହିଁ । ଶରୀର ଆଧାରରେ ରହୁଥିବା ବ୍ୟକ୍ତି ଅନେକେ ଏହା କିପରି କାମ କରେ, ଶରୀରର ରୂପ କ'ଣ ତାହା ଜାଣିନାହାଁନ୍ତି ।

ପ୍ରକୃତି କିପରି ଶରୀରକୁ ଚଳାଉଛି ? ବ୍ୟକ୍ତିର ଅବଦାନ କ'ଣ ? ଶରୀର ମଧ୍ୟରେ ବାସ କରୁଥିବା ଅଦୃଶ୍ୟ ଶକ୍ତି – ମନ, ବୁଦ୍ଧି ଏବଂ ଆତ୍ମା – ଏହି ଶରୀରକୁ କିପରି ପରିଚାଳନା କରନ୍ତି । ଶରୀରକୁ କାହିଁକି ଜଡ଼ କୁହାଯାଏ ? ଶରୀରକୁ କିପରି ବ୍ୟବହାର କରାଯାଇପାରିବ ? ଶରୀରର ଭାଷା କ'ଣ ? ଏହି ଭାଷା କିପରି ଶିଖିପାରିବେ ? ଏହି ଶରୀରରେ କିପରି ଆଭ୍ୟନ୍ତରୀଣ ଶକ୍ତି ପ୍ରକାଶିତ ହୁଏ ? ଶରୀର ସହିତ ରୋଗର ସମ୍ପର୍କ କ'ଣ ?

ସମାଧି କ'ଣ ? ଜୀବନ କ'ଣ ? ମନ କ'ଣ ? ଇନ୍ଦ୍ରିୟଗୁଡ଼ିକ କିପରି କାର୍ଯ୍ୟ କରନ୍ତି ? ଇଚ୍ଛା କିପରି ଜନ୍ମ ନିଏ ? ଆତ୍ମା କ'ଣ? ଏହା ଏହି ଶରୀରରେ କିପରି ଏବଂ କେଉଁ ରୂପରେ ବାସ କରେ ? ଆମେ ଏହି ଶରୀର ସହିତ କିପରି ପରିଚାଳନା କରିପାରିବା ? ଶରୀର ଛାଡିବା ମାତ୍ରେ ଏହା କିପରି ଆସେ ଏବଂ ଚାଲିଯାଏ ? ଜୀବନ ଏପରି ଅନେକ ପ୍ରଶ୍ନର ଉତ୍ତର ଖୋଜୁଥାଏ । ଏହା ବିନା, ଜୀବନ ସମ୍ପୂର୍ଣ୍ଣ ଭାବରେ ବଞ୍ଚିପାରିବ ନାହିଁ । ଏହାକୁ ଅର୍ଥପୂର୍ଣ୍ଣ କରିପାରିବ ନାହିଁ ।

ଗୁରୁକୁଳ ଶିକ୍ଷା ଏହି ଜୀବନଶୈଳୀ ଉପରେ ଆଧାରିତ ଥିଲା । ପ୍ରତ୍ୟେକ ବ୍ୟକ୍ତିଙ୍କ ଆବଶ୍ୟକତା ଅନୁସାରେ ଏହା ଭିନ୍ନ ଥିଲା । ଆଜି, ପିଲାମାନେ କାରଖାନାର ଉତ୍ପାଦ ପରି ପାଠପଢ଼ା ପରେ ସ୍କୁଲରୁ ବାହାରକୁ ଆସନ୍ତି । ସମାନ ଯାନ୍ତ୍ରିକ ଶିକ୍ଷା ହାସଲ କରିବା ପରେ ସେମାନେ ନିଯୁକ୍ତି ପାଇବା ପାଇଁ ପରସ୍ପର ସହିତ ପ୍ରତିଯୋଗିତା କରିଚାଲିଛନ୍ତି । ଏହି ଶିକ୍ଷାର ନିଯୁକ୍ତି ବ୍ୟତୀତ ଅନ୍ୟ କୌଣସି ଉପଯୋଗୀତା ପ୍ରାୟ ନାହିଁ କହିଲେ ଚଳେ ।

ପ୍ରକୃତିର ଜାତିଗତ ପାର୍ଥକ୍ୟ କିମ୍ବା ବ୍ୟକ୍ତିର ପାଳିତ ପଶୁପାଳନ ଏବଂ ପାରିବାରିକ ପରିବେଶ ଶିକ୍ଷାର ମୂଳ ଆଧାର ହୋଇପାରୁ ନାହିଁ । ଅନେକ କ୍ଷେତ୍ରରେ ଜଣେ ବ୍ୟବସାୟୀ/ଶିଳ୍ପପତିଙ୍କ ପିଲାଙ୍କୁ ମଧ୍ୟ ନିଯୁକ୍ତି ଖୋଜିବା ପାଇଁ ଶିକ୍ଷା ଦିଆଯାଏ । ଜୀବନର ଏକ ବଡ଼ ଅଂଶ ଆମର ପେଟ ପୂରାଇବା ଶିଖିବାରେ ନଷ୍ଟ ହେଉଛି । ରେଳ ବଗି ପରି, ସମସ୍ତ ପିଲା ସମାନ ଭାବରେ ପ୍ରସ୍ତୁତ ହେଉଛନ୍ତି । କିନ୍ତୁ, ସତ୍ୟ ହେଉଛି ପ୍ରତ୍ୟେକଙ୍କୁ ନିଜ ଜୀବନକୁ ଭିନ୍ନ ଭାବରେ ବଞ୍ଚିବାକୁ ପଡିବ ।

ଏହାର ମୁଖ୍ୟ କାରଣ ହେଉଛି ଶିକ୍ଷାରେ ମାନବିକତାର ଅଭାବ । ବ୍ୟକ୍ତିଙ୍କ ଜୀବନ ସହିତ ଜଡିତ ପ୍ରସଙ୍ଗଗୁଡ଼ିକ ଆଲୋଚନା ପାଇଁ ମଧ୍ୟ ପ୍ରାୟ ଆସେ ନାହିଁ ।

କେବଳ ବାହ୍ୟ ଜୀବନ ସହିତ ଜଡିତ ବିଷୟଗୁଡ଼ିକ ପଢ଼ାଯାଏ କହିଲେ ଚଳେ । ଅନେକଙ୍କ ମତରେ ଜୀବନ ବଞ୍ଚିବାରେ ଏଗୁଡ଼ିକର କୌଣସି ଲାଭ ନାହିଁ । ତେବେ ଶିକ୍ଷା ଜୀବନ ସହିତ କେଉଁଠି ଏବଂ କିପରି ଜଡିତ ? ଏପରି ଶିକ୍ଷାର ଆବଶ୍ୟକତା କ'ଣ ? ଭାଷା ଶିଖିବା ପାଇଁ ଅକ୍ଷର ଜ୍ଞାନ ଦିଆଯାଏ । ଭାଷା ଜ୍ଞାନ ଆହରଣର ଏକ ମାଧ୍ୟମ । ଆମର ଅନେକ ଗ୍ରାମାଞ୍ଚଳରେ ବିଡ଼ମ୍ବନା ହେଉଛି ଯେ ସେମାନଙ୍କ ପିଲାମାନଙ୍କୁ ବାଧ୍ୟତାମୂଳକ ଶିକ୍ଷା ତ ପ୍ରଦାନ କରାଯାଉଛି । କିନ୍ତୁ ସେମାନେ ଅଷ୍ଟମ କିମ୍ବା ଦଶମ ଶ୍ରେଣୀ ପରେ ଅନେକେ ପଢ଼ନ୍ତି ନାହିଁ ।

ସେମାନେ କେଉଁଠି କିପରି ନିଯୁକ୍ତି ପାଇବେ? କାରଣ, ସେମାନେ ଅନେକେ ପୂର୍ବପୁରୁଷଙ୍କ କୌଳିକ ବୃତ୍ତି କରିବାକୁ ମଧ୍ୟ ପ୍ରସ୍ତୁତ ନୁହନ୍ତି । ଏହାର ପ୍ରଭାବରେ ଆମର ସମସ୍ତ ଗ୍ରାମୀଣ ସେବା ଗୋଟିଏ ପରେ ଗୋଟିଏ ବନ୍ଦ ହେବାକୁ ଯାଉଛି । ସମସ୍ତ ଅତ୍ୟାବଶ୍ୟକୀୟ ସୁବିଧା ପ୍ରାୟ ଲୁପ୍ତ ହେବାକୁ ବସିଲାଣି । ଆମକୁ ବୁଝିବାକୁ ହେବ ଯେ ଜୀବନ ଏକ ବ୍ୟକ୍ତିଗତ ସଂପଦ ।

କୌଣସି ପ୍ରତିଯୋଗିତା ନାହିଁ । ନିଜକୁ ବଡ଼ କରିବା ପାଇଁ ବଞ୍ଚିବାକୁ ପଡିବ । ତେଣୁ ପ୍ରତ୍ୟେକଙ୍କୁ ନିଜ ନିଜ ହିସାବରେ ଆଗକୁ ବଢ଼ିବାକୁ ହେବ । ଆମେ ପ୍ରତ୍ୟେକେ ଅନନ୍ୟ, ତେବେ ଅନ୍ୟମାନଙ୍କ ପରି କାହିଁକି ହେବା?

**କୋଟାଙ୍ଗ, କୋଣାର୍କ**
**ମୋ–୭୩୮୧୩୮୨୨୧୦**

# ଦୋଷାରୋପଣ...

ମଣିଷ ଜୀବନରେ ଯାହା ବି ଚିନ୍ତା, ଦୁଃଖ, ବାଧା, ସନ୍ତାପ, ପୀଡା, ଅଭାବ ଆସେ, ପ୍ରାୟତଃ ସେଥିପାଇଁ ସେ ଆଉ କାହାକୁ ଦୋଷୀ ବୋଲି ମଣେ । ପ୍ରକୃତରେ କିନ୍ତୁ ସବୁ ଦୁଃଖ–ସୁଖ,ଶାନ୍ତି–ସୁଖ, ଆନନ୍ଦ, ଶାନ୍ତି, ଖୁସି, ସମୃଦ୍ଧି, ପଦ, ପ୍ରତିଷ୍ଠା ।

ଜୀବନରେ ସୁଖ ଦୁଃଖର ଚକ୍ର ଚାଲିଥାଏ ନିରନ୍ତର ଭାବରେ । ଯେତେବେଳେ ଜୀବନରେ

## ଅମୃତବାଣୀ

ଅଶାନ୍ତି,ଲାଭ–ହାନି ପଛରେ ରହିଥାଏ ତା'ର ନିଜର କର୍ମଫଳ । ଆମ ଦ୍ୱାରା ପୂର୍ବରୁ କରା ଯାଇଥିବା କର୍ମର ଫଳ ଈଶ୍ୱରଙ୍କ ବିଧାନ ଅନୁସାରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ । ପାପ ଏବଂ ଖରାପ କର୍ମର ଫଳ ହେଉଛି ଦୁଃଖ, ଚିନ୍ତା, ସନ୍ତାପ ଆଉ ପୁଣ୍ୟ କର୍ମର ଫଳ ହେଉଛି ଦୁଃଖର ସମୟ ଆସେ ସେତେବେଳେ ଆମକୁ ଜୀବନ ଜୀଇଁବାର ପ୍ରକୃତ ଅନୁଭବ ଏବଂ ଶିକ୍ଷା ମିଳେ ଆଉ ତତ୍ ସହିତ କିଏ ପର ଆଉ କିଏ ଆପଣାର ତାହା ମଧ୍ୟ ଜଣା ପଡିଯାଏ । ପ୍ରତିକୂଳ ସମୟ ମଣିଷର ବୁଦ୍ଧି,ବିଚାରକୁ ବଢାଏ । ପ୍ରାୟତଃ ଲୋକମାନେ ଭୟଭୀତ ହୋଇଯାଆନ୍ତି ପ୍ରତିକୂଳ ପରିସ୍ଥିତିରେ ଆଉ ଧୈର୍ଯ୍ୟ ହରାଇ ଦିଅନ୍ତି ବ୍ୟସ୍ତ ବିବ୍ରତ ହୋଇ । ଏହା ହେଉଛି ମନୁଷ୍ୟର ଭୀରୁତାର । ପ୍ରତିକୂଳ ପରିସ୍ଥିତିରେ ଯିଏ ସଂଘର୍ଷରତ ରହିଥାଏ, ସେ ହିଁ ଶୂରବୀର ଆଉ କାଳଜୟୀ ରୂପେ ପରିଗଣିତ ହେଇଥାଏ । ଜ୍ଞାନୀ ମଣିଷମାନେ ସୁଖ ହେଉ କି ଦୁଃଖ ହେଉ ସବୁବେଳେ ସମସ୍ଥିତିରେ ରହିଥାନ୍ତି । ନା' ତ ସେମାନେ ଦୁଃଖରେ ଦୁଃଖୀ ହୁଅନ୍ତି ଆଉ ନା' ସୁଖରେ ବହୁତ ଗର୍ବ କରନ୍ତି ।



ନିଜ ଜୀବନର ଗାଡିକୁ ସେମାନେ ପରମାତ୍ମାଙ୍କୁ ସମର୍ପି ଦିଅନ୍ତି ଏହି ଭରସାରେ କି ପରମାତ୍ମା ଯେମିତି ଚାହିଁବେ, ସେମିତି ତାଙ୍କ ଜୀବନର ଗାଡିକୁ ଚଳେଇବେ । ସେମାନେ ସଦା ସର୍ବଦା ପରମାତ୍ମାଙ୍କର ନିର୍ଦ୍ଦେଶ ପାଳନ କରିବାକୁ ନିଜ ଜୀବନ ଜୀଇଁବାର କର୍ତ୍ତବ୍ୟ ଏବଂ ଦାୟିତ୍ୱ ବୋଲି ଭାବନ୍ତି ।

ଭଗବାନ ବିଷ୍ଣୁଙ୍କର ଅବତାର ଶ୍ରୀରାମଙ୍କ ଜୀବନରେ ମଧ୍ୟ ଦୁଃଖ ସବୁବେଳେ ଲାଗି ରହିଥିଲା । ମାତା ସୀତାଙ୍କୁ ଗର୍ଭାବସ୍ଥାରେ ବଣରେ ରହିବାକୁ ପଡିଲା । କିନ୍ତୁ ସେ ଏଥିପାଇଁ କାହାକୁ ଦୋଷୀ ମାନି ନଥିଲେ । ଅଜ୍ଞାନୀ ଗଣ କିନ୍ତୁ ବନଗମନ ବିଷୟରେ କୈକେୟୀ ଏବଂ ମନ୍ଥରାଙ୍କୁ ଦୋଷୀ ମଣନ୍ତି । ମାତ୍ର ପ୍ରକୃତ ସତ୍ୟ ହେଲା କି ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି କି ମା' ସୀତାଙ୍କ ଉପରେ ଗୋଟିଏ ଶୁକ ପକ୍ଷୀର ଦୁଃଖର ପ୍ରକୋପ ଥିଲା । ଶ୍ରୀରାମଙ୍କୁ ବିଶ୍ୱମୋହିନୀ ସ୍ୱୟଂବର ସମୟରେ ଦେବର୍ଷି ନାରଦଙ୍କ ଦ୍ୱାରା ଅଭିଶାପ ମିଳିଥିଲା ।

ରାଜା ଦଶରଥଙ୍କୁ ପୁତ୍ର ବିଚ୍ଛେଦର ଅଭିଶାପ ଶ୍ରବଣ କୁମାରଙ୍କର ବାପାଙ୍କଠୁ ମିଳିଥିଲା । ଅତଏବ ଏଥିରୁ ସ୍ପଷ୍ଟ ହେଉଛି ଯେ ଦୁଃଖ,ସୁଖ ହେଉଛି ଆମ ନିଜ କର୍ମର ଫଳ । ଏଥିପାଇଁ କାହାକୁ ଦୋଷୀ ବୋଲି ବିବେଚନା କରିବା ହେଉଛି ଅଜ୍ଞାନତା,ଯାହା କେବଳ ବିବାଦ ଏବଂ ଦ୍ୱେଷ ବୃଦ୍ଧି କରି ଆମର ସୁନ୍ଦର ଜୀବନକୁ ନଷ୍ଟ କରିବ ।

**ନୃସିଂହ ଚରଣ ବେହେରା**
**ବାୟାବାବା ମଠ ଲେନ୍,**
**ଭୁବନେଶ୍ୱର,ମୋ–୯୦୯୦୪୫୯୭୪୫**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏବିପିଏମ୍‌ଜେଏୱାଇ...

କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଛି । ଖଣି ପ୍ରଭାବିତ ପରିବାରର ସ୍ୱାର୍ଥରକ୍ଷା ଲାଗି ପୂର୍ବ ନିୟମ ତୁଳନାରେ ଅନେକ ଉନ୍ନତି କରାଯାଇଛି । ଏହାଦ୍ୱାରା ଏହି ପରିବାରଗୁଡ଼ିକୁ ଲାଭଜନକ ଜୀବୀକା, ଦକ୍ଷତା ବିକାଶ, କୃଷି ସହାୟତା ଇତ୍ୟାଦି ମିଳିପାରିବ । ଡିଏମ୍ ପାଣ୍ଠି ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଓ କଲ୍ୟାଣମୂଳକ କାର୍ଯ୍ୟ ସାଚୁରେସନ୍ ମୋଡରେ କରାଯିବ । ସେହିଭଳି ଚାକିରିରେ ଥାଇ ସରକାରୀ ଚାକିରିଆଙ୍କର ମୃତ୍ୟୁ ହେବାପରେ ତାଙ୍କର ପରିବାରରୁ ଜଣଙ୍କୁ ଚାକିରି ଦେବା ନିୟମରେ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଥଇଥାନ ସହାୟତାରେ ସମ୍ବନ୍ଧୀତ ସମସ୍ତ ବିଚାରାଧୀନ ଆବେଦନକୁ ବିଚାର କରାଯିବ । ୧୯୯୦ର ପ୍ରଚଳିତ ନିୟମ ଅନୁଯାୟୀ ବିଚାର ହେବ । ଏହି ନିୟମ ଅନୁଯାୟୀ ମଧ୍ୟ ନିଯୁକ୍ତି କରାଯିବ । ଏହାଦ୍ୱାରା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଚାଲିଥିବା ମାମଲା ହ୍ରାସ ପାଇବ । ଏତଦ୍‌ଭିନ୍ନ ରାଜ୍ୟ ସଡ଼କ ନୀତି ୨୦୨୫ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏଥିରେ ରାସ୍ତାଗୁଡ଼ିକର ଆନ୍ତଃବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ନିର୍ଣ୍ଣୟ, ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବାକୁ ସଡ଼କ ନେଟ୍‌ୱାର୍କ, ସୁରକ୍ଷାର ଉନ୍ନତିକରଣ, ସେତୁ ବିକାଶ ଉପରେ ଧ୍ୟାନ ଦିଆଯିବ । ରାଜ୍ୟରେ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସବୁଦିନିଆ ରାସ୍ତା ନିର୍ମାଣ ଜରୁରୀ । ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂ ସହାୟତା ସଂସ୍ଥା ଗଠନ କରିବାକୁ ବ୍ୟବସ୍ଥା କରାଯାଇଛି । ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ପରିସରକୁ ବ୍ୟାପକ କରିବା ପାଇଁ କ୍ୟାବିନେଟ୍ ଅନେକ ପ୍ରସ୍ତାବ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ବାର୍ଷିକ କାର୍ଯ୍ୟ ଯୋଜନାରେ ଆବଶ୍ୟକ ପ୍ରକଳ୍ପ ସ୍ଥାନ ପାଇନଥିବା ସମ୍ପୃକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର ହେଲେ ସେହି ପ୍ରକଳ୍ପଗୁଡ଼ିକୁ ଜିଲ୍ଲାପାଳ ଅନ୍ତର୍ଭୁକ୍ତ କରିପାରିବେ । ଯେଉଁ ବ୍ୟକ୍ତିଙ୍କର ଏକ ଏକରର ୨୫ ଭାଗରୁ ୧ ଭାଗ ଠାରୁ କମ୍ ପରିମାଣ ଘରବାରି ଜମି ଥିବ ସେହି ବ୍ୟକ୍ତି ମଧ୍ୟ ଘର ବାରି ହୀନ ବ୍ୟକ୍ତି ଭାବେ ପରିଗଣତି ହେବେ । ଘର ବାରି ହୀନ ବ୍ୟକ୍ତି କୌଣସି ସରକାରୀ ଜମିକୁ ଅନାଧିକୃତ ଦଖଲରେ ରଖି ଉକ୍ତ ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ ତେବେ ଜମି ମଧ୍ୟରୁ ଅତିବେଶିରେ ଏକ ଏକରର ୨୫ ଭାଗ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇପାରିବ । ଓଡ଼ିଶା ପ୍ରଶାସନିକ ସେବା ଗ୍ରୁପ୍-ଏ, ଓଡ଼ିଶା ପ୍ରଶାସନିକ ସେବା କ୍ୟାଡରର ନିଯୁକ୍ତ ଅଧିକାରୀମାନଙ୍କୁ ସେମାନଙ୍କ ପ୍ରୋବେସନ ସମୟରେ ନିର୍ଦ୍ଧାରିତ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । ଏଥିଲାଗି ବିଭାଗୀୟ ପରୀକ୍ଷା ପାଠ୍ୟକ୍ରମରେ ଆବଶ୍ୟକୀୟ ସଂଶୋଧନ ପାଇଁ ସରକାର ସମ୍ମତି ପ୍ରଦାନ କରିଛନ୍ତି । ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍-ଡି ନିୟମାବଳୀ ଓ ଓଡ଼ିଶା ରାଜସ୍ୱ ସେବା କ୍ୟାଡର ନିଯୁକ୍ତି ଅଧିକାରୀମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରଶିକ୍ଷଣ ସମୟରେ ଥିବା ବିଭାଗୀୟ ପରୀକ୍ଷା ପାଠ୍ୟକ୍ରମରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି । ସେହିଭଳି ରାଜସ୍ୱ ସେବା ଗ୍ରୁପ୍-ଡି ନିୟମାବଳୀ ପାଠ୍ୟକ୍ରମରେ ଆବାଶ୍ୟକ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

## ଆଜିଠୁ...

ହୋଇ ମେ ୨୫ ତାରିଖରେ ଶେଷ ହେବ । ଯେହେତୁ ଗତ ସଂସ୍କରଣରେ କୋଲକାତା ଚାମ୍ପିଅନ୍ ହୋଇଥିଲା । ତେଣୁ ଆଇପିଏଲ୍ ୧୮ର ଉଦ୍‌ଘାଟନୀ ଓ ଫାଇନାଲ ମ୍ୟାଚ ଇଡେନ୍ ଗାର୍ଡେନରେ ଖେଳାଯିବ ।

## ଘଣ୍ଟ...

ଚତୁପାର୍ଶ୍ୱ ପରିକ୍ରମା କରିଥିଲେ । ବିଧାୟକ ଶ୍ରୀ ବାହିନୀପତି ଗୃହ ବାହାରେ କହିଥିଲେ ଯେ ବିଧାନସଭା ହେଉଛି ଆମ ପାଇଁ ମନ୍ଦିର । ଆମେ ଏହାର ଚତୁପାର୍ଶ୍ୱ ପରିକ୍ରମା କରୁଛୁ । ସରକାରଙ୍କ ନିଦ ଭାଙ୍ଗିବା ପାଇଁ ଘଣ୍ଟ ବାଡ଼ାଉଛୁ । ୧୧.୩୦ ପରେ ପୁଣି ଗୃହର କାର୍ଯ୍ୟ ଆରମ୍ଭ ହୋଇଥିଲା । କଂଗ୍ରେସ ବିଧାୟକମାନେ ଅନୁରୂପ ଭାବେ ପ୍ରତିବାଦ ଜାରି ରଖିଥିଲେ । ଗୃହକୁ ବାଚସ୍ପତି ୩୦ ମିନିଟ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ । ଏହାପରେ ପୁଣି ୧୫ ମିନିଟ ଓ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଅପରାହ୍ଣ ଅଧିବେଶନ ଆରମ୍ଭରେ ବିରୋଧୀ କଂଗ୍ରେସ ବିଧାୟକମାନେ ପୁଣି ହଟ୍ଟଗୋଳ ଜାରି ରଖିଥିଲେ । ପ୍ରଥମେ ୩୦ ମିନିଟ ଯାଏ ମୁଲତବୀ ରଖାଯାଇଥିଲା । ଏହାପରେ ମଧ୍ୟ ଗୃହକୁ ଆଉ ୩୦ ମିନିଟ୍ ଲାଗି ମୁଲତବୀ କରାଯାଇଥିଲା । ତେବେ ଗୃହର କାର୍ଯ୍ୟ ପୁଣି ଆରମ୍ଭ ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଆସି ଗତକାଲିର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବାକୁ ଆରମ୍ଭ କରିଥିଲେ । ଏହାପରେ କଂଗ୍ରେସ ବିଧାୟକମାନେ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଗୃହ ତ୍ୟାଗ କରିଥିଲେ । କଂଗ୍ରେସ ବିଧାୟକଙ୍କ ଅନୁପସ୍ଥିତିରେ ଜଳସମ୍ପଦ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା ।

## ମଦ...

୧୫ଟି ସ୍ଥାନରେ ଚଢାଉ କରି ଆୟକର ବିଭାଗ ବିପୁଳ ପରିମାଣର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିବା ସହ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ଏଥିସହ ତାଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି । ସେହିସବୁ ଆକାଉଣ୍ଟରେ କେତେ ଲେଖାଏଁ ଟଙ୍କା ଅଛି, ତାହା ସ୍ପଷ୍ଟ ହୋଇନାହିଁ । ଭୁବନେଶ୍ୱର ବିଳାସପୂର୍ଣ୍ଣ ପ୍ରାସାଦରେ ତାଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଉଛି । ବିକ୍ରମ ପ୍ରଥମେ ଜଣେ ବିହାରୀ ମଦ ବ୍ୟବସାୟୀଙ୍କ ପାଖରେ ଚାକିରି କରୁଥିଲେ । ପରେ ନିଜେ ମଦ ବ୍ୟବସାୟ ଆରମ୍ଭ କରିଥିଲେ । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦେଶୀ ଓ ବିଦେଶୀ ମଦ ଦୋକାନ ମାନ ରହିଛି । ସଂଖ୍ୟାଧିକ ମଦ ଦୋକାନରେ ସେ ମଦ କାରବାର କରୁଥିବା ବେଳେ ଆୟକର ଠିକ୍ ଭାବେ ଦେଉନଥିବାରୁ ଏକସଂଗେ ଭୁବନେଶ୍ୱର, ତାଳଚେର, ଅନୁଗୁଳ, ପୁରୀ ସମେତ ୧୫ଟି ସ୍ଥାନରେ ଯାଞ୍ଚ କରାଯାଉଛି । ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ୧୦୦ କୋଟିରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଅନୁମାନ କରାଯାଉଛି ।

## ଗୁଳି...

ଉଦ୍ୟମ କରିଥିଲେ।ତେବେ ଗୋରୁ ମାଫିଆଙ୍କୁ ସୁରକ୍ଷା ଦେବାପାଇଁ ଅଧଘଣ୍ଟା ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ବାଇକ୍‌ରେ ବିଭିନ୍ନ ମାରଣାସ୍ତ୍ର ଧରି ୩୦ରୁ ଅଧିକ ଯୁବକ ସେଠାରେ ପହଞ୍ଚିଥିଲେ।ସେମାନେ ସ୍ଥାନୀୟ ଲୋକଙ୍କ ୫ଟି ବାଇକ୍ ଓ ଏକ କାର୍କୁ ଖଣ୍ଡାରେ ହାଣିବା ସହ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ଏହି ସମୟରେ ଯାତ୍ରା ଦେଖି ଫେରୁଥିବା ଲୋକଙ୍କୁ ମଧ୍ୟ ମାଫିଆମାନେ ଆକ୍ରମଣ କରିଥିଲେ। ଲୋକମାନେ ଭୟଭୀତ ହୋଇପଡ଼ିବାରୁ ଗୋରୁ ବୋଝେଇ ଗାଡ଼ି ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜୟଦେବକସବା ଫାଣ୍ଡି ଏବଂ ଖନ୍ତାପଡ଼ା ଥାନାକୁ ଖବର ଦିଆଯାଇଥିଲେ ମଧ୍ୟ ପୁଲିସ ବହୁସମୟ ପର୍ଯ୍ୟନ୍ତ କୌଣସି ତତ୍ପରତା ଦେଖାଇନଥିଲା।ଫଳରେ ଲୋକେ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ପୁଲିସ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। କିଛି ଅସାଧୁ ପୁଲିସ କର୍ମଚାରୀ ମାଫିଆଙ୍କଠାରୁ ଅର୍ଥ ନେଇ ବେଆଇନ୍ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଲୋକେ ଖୋଲାଖୋଲି ଅଭିଯୋଗ କରିଥିଲେ। ଶ୍ରୀଜଙ୍ଗଠାରୁ ଥାନା ମାତ୍ର ୧୦ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ପୁଲିସ ଆସିବାକୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନେଇଥିଲାଛ ଯାହାଫଳରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା ଓ ସାଧାରଣ ଲୋକେ ଆକ୍ରମଣର ଶିକାର ହେଲେ ବୋଲି ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳ ଠାରୁ ରାସ୍ତାରୋକ କରିଥିଲେ।ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ, ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକ, ଖନ୍ତାପଡ଼ା ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଟାଉନ ଥାନା ଏସ୍ଆଇ ବିରଞ୍ଚି ନାରାୟଣ ସାହୁ ଓ ଶୁଭେନ୍ଦୁ ମିଶ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସଲ୍ଟ ରୋଡ୍‌ରେ ନାଇଟ୍ ପାଟ୍ରୋଲିଂ, ଗୋରୁ ମାଫିଆଙ୍କ ଦ୍ୱାରା ନଷ୍ଟ କରାଯାଇଥିବା ଦୋକାନ ଓ ଗାଡ଼ିଗୁଡ଼ିକର ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ୬ ଘଣ୍ଟା ଧରି ଚାଲିଥିବା ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ସାମିଲ...

ପଟ୍ଟନାୟକ ଏହି ବୈଠକରେ ଯୋଗଦେବାକୁ ଚେନ୍ନାଇ ଯାଇଛନ୍ତି । ସେମାନେ ବିଜେଡିର ଆଭିମୁଖ୍ୟକୁ ସେଠାରେ ଉପସ୍ଥାପନ କରିବେ । ଚେନ୍ନାଇରେ ପହଞ୍ଚିଲାପରେ ବିମାନବନ୍ଦରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭା ସାଂସଦ ଦୟାନିଧି ମାରାନ ଓ ସାଂସଦ କାନିମୋଝୀ ସୋମୁ ଏମାନଙ୍କୁ ସ୍ୱାଗତ କରିଥିଲେ । ଏହି ବୈଠକରେ ଯୋଗଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଷ୍ଟାଲିନଙ୍କ ନିମନ୍ତ୍ରଣ ପତ୍ର ଧରି ଦୟାନିଧି ମାରାନ ଓ ରାଜ୍ୟ ଶିକ୍ଷମନ୍ତ୍ରୀ ନବୀନ ନିବାସ ଆସି ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧକ୍ରମେ ବିଜେଡି ଏଥିରେ ସାମିଲ ହୋଇଛି । ଏହି ବୈଠକରେ କଂଗ୍ରେସ ପକ୍ଷରୁ ମଧ୍ୟ ପିସିସି ସଭାପତି ଭକ୍ତ ଦାସ ଯୋଗଦେବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ପ୍ରଥମ ଥର ଲାଗି ବିଜେପି ବିରୋଧରେ ଜାତୀୟସ୍ତରରେ ହୋଇଥିବା କୌଣସି ଏକ ବୈଠକରେ ବିଜେଡି ସାମିଲ ହୋଇଛି । ଯାହା ଆଗାମୀ ଦିନରେ ଏକ ସୁଦୂରପ୍ରସାରୀ ରାଜନୈତିକ ବାର୍ତ୍ତା ଦେଉଛି । ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଉଭୟ ଲୋକସଭା ଓ ରାଜ୍ୟସଭାରେ ବିଜେପି ନେତୃତ୍ୱାଧୀନ ସରକାରଙ୍କୁ ଖୋଲା ସମର୍ଥନ ଦେଇଆସିଥିଲା । କେବଳ ସେତିକି ନୁହେଁ ସମଦୂରତ୍ୱ କଥା କହି ନିଜର ନୀତିକୁ ସ୍ପଷ୍ଟ କରିଥିଲା । ତେବେ ୨୦୨୪ରେ ଓଡ଼ିଶାରେ ବିଜେଡି କ୍ଷମତାଚ୍ୟୁତ ହେଲାପରେ ପ୍ରଥମ ଥର ଲାଗି କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନିଷ୍ପତ୍ତି ବିରୋଧରେ ହେବାକୁ ଥିବା ଏକ ବୈଠକରେ ସାମିଲ ହେବାକୁ ଯାଉଛି ।

## ଦେବେନ୍ଦ୍ର...

ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ଏନେଇ ତାଙ୍କ ଝିଅ ଦେବସ୍ମିତା ଶର୍ମା ସୂଚନା ଦେଇଛନ୍ତି । ସ୍ୱର୍ଗତଃ ଦେବେନ୍ଦ୍ର ଶର୍ମା ତୃଣମୂଳ ସ୍ତରରେ ଜଣେ ଭଲ ସଙ୍ଗଠକ ଥିଲେ। ସେ କଂଗ୍ରେସ ଟିକେଟରେ ପଞ୍ଚଦଶ ବିଧାନସଭା (୨୦୧୪-୧୯)କୁ ନିର୍ବାଚିତ ହୋଇଥିଲେ। କଂଗ୍ରେସର ଦୃଢ଼ ସଙ୍ଗଠକ ଥିବା ଦେବେନ୍ଦ୍ର ଅସୁସ୍ଥତା କାରଣରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇନଥିଲେ । ଦେବେନ୍ଦ୍ରଙ୍କ ବଦଳରେ ତାଙ୍କ ଝିଅଙ୍କୁ ପ୍ରାର୍ଥୀ କରିଥିଲା ଦଳ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତଃ ଶର୍ମାଙ୍କ ପରଲୋକରେ ମୁଁ ବିଶେଷଭାବେ ଦୁଃଖିତ ଓ ମର୍ମାହତ । ଲୋକପ୍ରତିନିଧିଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି। ଅନ୍ୟପଟେ ଦେବେନ୍ଦ୍ରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି କଂଗ୍ରେସର ଅନେକ ନେତା । ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କ ବିୟୋଗ ଖବର ପାଇବା ପରେ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।

## ଆଜି...

ହେବାକୁ ଯାଉଛି । ଯେଉଁମାନେ ପୁନଃନିର୍ଦ୍ଧାରଣରେ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ଏଥିରେ ସାମିଲ କରାଯାଇଛି । ମାର୍ଚ୍ଚ ୫ରେ ତାମିଲନାଡୁରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ୫୮ ପଞ୍ଜୀକୃତ ରାଜନୈତିକ ଦଳ ଏଥିରେ ଯୋଗ ଦେଇଥିଲେ । ସମସ୍ତେ ଏକ ନିରପେକ୍ଷ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଲାଗି ସହମତ ହୋଇଛନ୍ତି । ତାମିଲନାଡୁର ସାଂସଦ, ମନ୍ତ୍ରୀମାନେ କ୍ଷତିଗ୍ରସ୍ତ ହେଉଥିବା ରାଜ୍ୟର ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଏହା ଏକ ଆରମ୍ଭ ବୋଲି ସେ କହିବା ସହ ଦେଶର ଭବିଷ୍ୟତ ପାଇଁ ଏହା ଜରୁରୀ ବୋଲି ଉଲ୍ଲେଖ କରିଚନ୍ତି । ଏହି ବୈଠକ ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆନ୍ଧ୍ରର ପୂର୍ବ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ ରେଡ୍ଡୀ, ଓଡ଼ିଶା ପୂର୍ବ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିନିଧିଙ୍କୁ ପଠାଇଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ବୈଠକରେ ସାମିଲ ହେବେ । ବୈଠକରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରର ଦକ୍ଷିଣ ପ୍ରତି ଥିବା ଷଡଯନ୍ତ୍ର ସମ୍ପର୍କରେ ଆଲୋଚନା କରାଯିବ ।

## ରିପୋର୍ଟ...

ପରିବାର ଲୋକଙ୍କ ସୂଚନା ପରେ ଅଗ୍ନିଶମ କର୍ମଚାରୀମାନେ ପୁଲିସ୍ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଆୟତ୍ତ ହେବା ପରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ଜଷ୍ଟିସ ବର୍ମାଙ୍କ ଘରୁ ପୁଳାପୁଳା ଅଘୋଷିତ ନଗଦ ଟଙ୍କା ବିଡ଼ା ଠାବ କରିଥିଲେ । ଜଣେ ବିଚାରପତିଙ୍କ ଘରୁ ଏପରି ଟଙ୍କା ମିଳିବା ଘଟଣାକୁ ସୁପ୍ରିମକୋର୍ଟ କଲେଜିୟମ ଗୁରୁତ୍ୱର ସହ ନେଇଛନ୍ତି । ଏଥିସହ ଜଷ୍ଟିସ ବର୍ମାଙ୍କୁ ତାଙ୍କ ମୂଳ ହାଇକୋର୍ଟ ଆହ୍ଲାବାଦକୁ ପଠାଇ ଦେଇଛନ୍ତି । ଦିଲ୍ଲୀ ହାଇକୋର୍ଟକୁ ଆସିବା ପୂର୍ବରୁ ଜଷ୍ଟିସ ବର୍ମା ସେଠାରେ କାମ କରୁଥିଲେ ।ଇତି ମଧ୍ୟରେ ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ଆହ୍ଲାବାଦ ବାର୍ ଆସୋସିଏସନ୍ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କୁ କାହିଁକି ଏଠାକୁ ପଠାଯାଇଛି ବୋଲି ପ୍ରଶ୍ନ କରିଛି । କାହିଁକି ତାଙ୍କୁ ଅନ୍ୟ ହାଇକୋର୍ଟକୁ ବଦଳି କରାଗଲା ନାହିଁ ? ଆମେ ଡଷ୍ଟବିନ ନୁହଁ ବୋଲି ବାର୍ ଆସୋସିଏସନ ।ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ଚିଠି ଲେଖିଛି ।

ଜଷ୍ଟିସ ବର୍ମା ୨୦୧୪ ମସି ଅକ୍ଟୋବର ୧୩ରେ ଆହ୍ଲାବାଦ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ । ୨୦୧୬ ଫେବୃଆରୀ ୧ରେ ସେ ଆହ୍ଲାବାଦ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ଶପଥ ନେଇଥିଲେ । ୨୦୨୧ ଅକ୍ଟୋବର ୧୧ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ ବଦଳି କରାଯାଇଥିଲା ।ଆହ୍ଲାବାଦ ହାଇକୋର୍ଟରେ ଆଇନଜୀବୀ ଭାବେ କାମ କରୁଥିବା ବେଳେ ସେ ସମ୍ବିଧାନ, ଶ୍ରମ ଓ ଶିଳ୍ପାୟନ, କର୍ପୋରେଟ ଆଇନ, ଟିକସ ଓ ଅନ୍ୟାନ୍ୟ ମାମଲା ଲଢୁଥିଲେ ।

# ରାଜ୍ୟ ଆୟୁର୍ବେଦିକ ଚିକିତ୍ସକ ସଂଘର ନିର୍ବାଚନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ରାଜ୍ୟ ସରକାରୀ ଆୟୁର୍ବେଦିକ ଚିକିତ୍ସକ ସଂଘର ନିର୍ବାଚନ କରିବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ବିଭାଗ ପକ୍ଷରୁ ଏହି ମର୍ମରେ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ୨୦୨୪ ଏପ୍ରିଲ ୧୩ରୁ ସଂଘର କାର୍ଯ୍ୟକାଳ ସରିଗଲାଣି । ନୂତନ କର୍ମକର୍ତ୍ତା ନିର୍ବାଚନ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ସଂଘର ବାଇଲ ଅନୁଯାୟୀ ନିର୍ବାଚନ ପରିଚାଳନା ଲାଗି ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ।

# ଟିପିସିଓଡିଏଲ୍‌ର ଗ୍ରୀଷ୍ମ ପ୍ରସ୍ତୁତି

ଭୁବନେଶ୍ୱର: ୨୦୨୫ ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରଣ କରିବାକୁ ପ୍ରସ୍ତୁତ ରହିଛି। ୨୫୨୪ ମେଗାୱାଟ୍‌ର ସର୍ବୋଚ୍ଚ ଚାହିଦା ସହିତ ଟିପିସିଓଡିଏଲ୍ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି ।

ବିଦ୍ୟୁତ୍ ବଂଟନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରରେ ଏକ କେନ୍ଦ୍ରୀଭୂତ ବିଦ୍ୟୁତ ବିତରଣ ପ୍ରଯୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଉନ୍ନତ ସୁବିଧା ସୁପରଭାଇଜରୀ କଂଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ (ଏସସିଏଡିଏ) ଏବଂ ଏକ ଉନ୍ନତ ବିତରଣ ପରିଚାଳନା ବ୍ୟବସ୍ଥା (ଏଡିଏମଏସ) ମାଧ୍ୟମରେ ନେଟୱାର୍କର ବାସ୍ତବ ସମୟ ନିରୀକ୍ଷଣକୁ ସକ୍ଷମ କରୁଛି, ଯାହା ୩୩ କେଭି ଫିଡର, ପ୍ରାଥମିକ ସବ୍‌ଷ୍ଟେସନ (ପିଏସଏସ) ଏବଂ ୧୧ କେଭି ଫିଡରର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରୁଛି। ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି)ରେ ବ୍ୟାକଅପ୍ ପାୱାର ବ୍ୟବସ୍ଥା ଏବଂ ଉତ୍ସର୍ଗୀକୃତ ଯୋଗାଯୋଗ ଚ୍ୟାନେଲଗୁଡିକ ପରିଚାଳନାଗତ ନିର'ରତାକୁ ଆହୁରି ସୁଦୃଢ଼ କରିପାରିଛି ।

# ବସନ୍ତ କବିତା ଆସର

ଭଣ୍ଡାରିପୋଖରୀ,(ସବ୍ୟୁ) :ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବସନ୍ତ କବିତା ଆସର କବି ପୁରୁଷୋତ୍ତମ ଧଳଙ୍କ ପୌରହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କବି ସନ୍ତୋଷ କୁମାର ସାହୁ, ଜଗନ୍ନାଥ ନାୟକ, ଘନଶ୍ୟାମ ସାହୁ, ନାରାୟଣ ପୋଥାଳ, ଭରତ ଦାସ, ଶରତ କୁଣ୍ଡୁ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗଦେଇ ଋତୁରାଜ ବସନ୍ତର ନୈସର୍ଗିକ ଅନୁଭବକୁ କବିତା ମାଧ୍ୟମରେ କବି ଜୀବନ୍ତଭାବେ ଉପସ୍ଥାପନ ପାଇଁ ଯୁଗେ ଯୁଗେ ପ୍ରୟାସ କରିଥାଏ ବୋଲି ବକ୍ତବ୍ୟରେ କହିବା ସହ ସ୍ୱରଚିତ କବିତା ପାଠ କରିଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଗୁରୁବାର ଖଇରା ବ୍ଲକ କୁପାରୀ ଜୋନରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିବା ସହ ଭାଙ୍ଗିଥିବା ପାଣିଟାଙ୍କିକୁ ଠିକ୍‌ଭାବେ ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମେ ଜିଲାପାଳ ହାଟଡିହି ଠାରେ ପାଣିର ଉତ୍ସ ଦେଖିବା ସହ ବାଉଁଶଗଡିଆ ଠାରେ ଜଳ ପ୍ରକଳ୍ପ,ବାଉଁଶଗଡିଆ ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ଯଥାଶିଘ୍ର ସମ୍ପୁର୍ଣ୍ଣପାଇଁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଖଇରା ବିଡିଓ ନାରାୟଣ ସାହୁ,ଗ୍ରାମ୍ୟପାନୀୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସମିର ଦେ,ବ୍ଲକ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ ଏବଂ ମେଗା ଜଳ ପ୍ରକଳ୍ପ ଠିକାଦାର ଏନସିସିର ଅଧିକାରୀ ମାନେ ଉପସ୍ଥିତ ଥିଲେ । ପରେ କୁପାରୀ ଶୁନ୍ୟମଣ୍ଡପ ବୁଲିବା ଅବସରରେ ସଞ୍ଚାଳକ ଏବଂ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଶୂନ୍ୟମଣ୍ଡପ ଓ ଶୂନ୍ୟମନ୍ଦିର ମହିମା ସମ୍ପର୍କରେ ପଚାରି ବୁଝିବା ସହ ସହଯୋଗର ହାତ ବଢାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।

**AFFIDAVIT**

By virtue of an affidavit before the Executive Magistrate, on dt.: 18.03.2025,Jajpur, I, **Jayanti Jena**, W/o.: Purna Chandra Jena, Village: Senanda, PO.: Nandipur, P.S.: Dasarathpur, Dist.: Jajpur, PIN-755006, currently resideing At: Senanda, PO.: Nandipur, P.S.: Dasarathpur, Dist.: Jajpur, PIN-755006, have changed my minor daughter's name from Mamali Jena to **Anisha Jena** Henceforth my daughter I shall be known as **Anisha Jena** for all purposes.

**ଇ-ନିଲାମ ଜରିଆରେ ଦ.ପୂ. ରେଳପଥ ସ୍କ୍ରାପ୍**

ନଂ. : ଏସଇଆର/ଏଚକ୍ୟୁ-ଏସଟିଓଆରସେଲ(ଡିଏସପିଏଲ)/୬/୨୦୨୪-୨୫ ସେଲ୍/୬ ତାରିଖ : ୨୦.୦୩.୨୦୨୫

ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ନିଲାମ ତାରିଖ |
|---|---|
| ଖଡଗପୁର ଡିପୋ | ୨୭.୦୩.୨୦୨୫ ଦିନ |

ବି.ଦ୍ର : ଦୟାପୂର୍ବକ ଇ-ନିଲାମ ଅନୁସୂଚୀ ଓ କାଟାଲଗର ସବିଶେଷ ବିବରଣୀ ପାଇଁ ଦେଖନ୍ତୁ ୱେବ୍‌ସାଇଟ : www.ireps.gov.in/e-Auction

(PR-1257) ପ୍ରଧାନ ମୁଖ୍ୟ ମେଟେରିଆଲସ ମ୍ୟାନେଜର

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

CAD-2906

ପତ୍ର ସଂଖ୍ୟା ୩୨ **ବିଜ୍ଞାପନ** ତା : ୨୭.୦୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ. ସ୍ୱର୍ଗତ ତପନ ପ୍ରସାଦ ସାହା, ପିତା- ସ୍ୱର୍ଗତ ହୀରାଲାଲ୍ ସାହା, ଗ୍ରା/ପୋ/ଥାନା- ବହରା ଗୋରା ଜିଲ୍ଲା - ସିଂହଭୂମି | ଘର ନଂ-ବି.ଏଲ-୭୭ (BL-77) ବାସନ୍ତୀ କଲୋନୀ, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ଼ | ୧. ସୀତା ଗୁପ୍ତା (ସ୍ତ୍ରୀ) ୨. ଅଭିଲାଷା ସାହା (ବି.କନ୍ୟା) ୩. ପରିଭାଷା ସାହା (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0502/2425

**PANCHAYAT SAMITI; BISSAMCUTTACK (DIST : RAYAGADA)**
**No 941 /2025 DEV Dated. 17.03.2025**
**CORRIGENDUM**

i- In modification of this office Bid Identification No.Bissamcuttack.05/2024-25 Dated 13.03.2025 the following alteration made as under. Rest of the matter is unaltered.

| Sl. No | Description | Published Previously | Alteration Made now |
|---|---|---|---|
| (i) | Period of availability of tenders on-line | From 11.00 Hrs. of 15.03.2025 to 17.00 Hrs. of 24.03.25 | From 11.00 Hrs. of 25.03.2025 to 17.00 Hrs. of 03.04.25 |
| (ii) | Last date & time of seekingclarification | UP TO 17.00 Hrs. of 23.03.25 | UP TO 17.00 Hrs. of 02.04.25 |
| (iii) | Last date & time of bidding on-line | UP TO 17.00 Hrs. of 24.03.25 | UP TO 17.00 Hrs. of 03.04.25 |
| (iv) | Date & time of opening of Bid | 11.00 AM of 25.03.25 onwards | 11.00 AM of 04.04.25 onwards |

Sd/- Block Development Officer,
Bissamcuttack

OIPR : 19149/11/0007/2425

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 586 Date: 20.03.2025

C-1949

**DTCN PART-I (TCHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt, website i.e. **www.tendersorissa.gov.in**

Tender Reference No: **BPDM- 1 of 2025-2026** Tender I.D No : **2025_ORULB_111830**

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.22/03/2025** (01.00 P.M.) to **Dt. 07/04/2025** (5.00 P.M.) |
| (ii) | Last date and time of bidding on-line (Submission of Bids) | Dt. **07/04/2025** (5.00 P.M.) |
| (iii) | Date and time of opening of the Bids received on-line | Dt. **08/04/2025** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e'-procurement portal i.e. **www.tendersorissa.gov.in and Baripada Municipality Website i.e. www.baripadamunicipality.in**
Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

Sd/- Executive Officer,
Baripada Municipality

OIPR : 13078/11/0029/2425

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2024-25/NIT/26**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2024-25/1000002320 | Rate Contract for XDR Solution at TP Odisha DISCOMs |
| 2 | TPCODL/CCG/2024-25/1000002322 | Rate Contract for LAN Works under TPNODL, TPSODL and TPWODL |
| 3 | TPCODL/P&S/2024-25/1000002330 | SITC for the clad rack warehouse at Bhubaneswar Store |
| 4 | TPCODL/CCG/2024-25/1000002335 | Rate Contract for supply of Metering Units at TP Odisha DISCOMs |
| 5 | TPCODL/CCG/2024-25/1000002336 | Rate Contract for supply of Metering Cubicles at TP Odisha DISCOMs |
| 6 | TPCODL/CCG/2024-25/1000002365 | Rate Contract for Supply of Single-Phase Smart Meter at TP Odisha DISCOMs |
| 7 | TPCODL/CCG/2024-25/1000002367 | Two Years rate contract for Hiring of Media Agency for TPCODL (Print / TV / Radio / Web media / Magazine) Services |
| 8 | TPCODL/CCG/2024-25/1000002368 | Rate Contract for SITC of Indoor Switchgear for TP Odisha DISCOMs |
| 9 | TPCODL/CCG/2024-25/1000002369 | Rate Contract for SITC of RTU & Accessories for TP Odisha DISCOMs |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. From **Dtd.24.03.2025**. Future communication / corrigendum to tender documents, if any, shall be available on TPCODL website.

**AFFIDAVIT**

I, Aditya Prasad Mishra, S/o: Late Sankar Mishra, resident of Qtr. No.: LB-36, Brit Colonty, Badagada, PS: Badagada declare by this affidavit No.: 3881, dtd.: 04.12.2004 that now onwards I shall be known as **ADITYA MISHRA** for all future purposes.

**PARADIP PORT AUTHORITY**
**Mechanized Coal Handling Plant**
No.: EM/MCHP/Tender-01/2025/103
Date: 19.03.2025

Corrigendum-II to e-Tender Call Notice No. EM/MCHP-04/2025 for the work "Design, Fabrication, Supply, Erection and Commissioning of one no. Stacker of 4000 TPH Capacity"

The date of submission of bids and opening for the above e-tender call notice are hereby extended as follows:
1. Bid Submission end date : 02.04.2025, 17:15 hrs.
2. Bid Opening date : 04.04.2025, 10:00 hrs.

All Other terms and Conditions of the Original tender remain unchanged.
The prescribed Tender Document is available in the website: https://eprocure.gov.in/eprocure/app for online bidding.

Sd/-
Executive Engineer (Mech.)
Mechanized Coal Handling Plant,
Paradip Port Authority.

PPA/PR/70/2024-2025
21/03/2025

**AFFIDAVIT**

By virtue of an affidavit sworn before the Executive Magistrate Ranpur, dated 20.03.2025 I Rasanjali Mohanty, address W/o- Duryodhan Mohanty, Vill- Nuapalli, Po-Sinduria, PS- Ranpur, Dist.- Nayagarh, Odisha, Pin-752025 declare that I have changed my name from Lili Mohanty to Rasanjali Mohanty. Henceforth, I shall be known as Rasanjali Mohanty for all purpose.

**Rasanjali Mohanty**

**AFFIDAVIT**

By virtue of an affidavit sworn before the Executive Magistrate Ranpur, dated 20.03.2025 I, Sasmita Mohanty, Address W/o- Trinath Mohanty, Vill- Nuapalli, PO-Sinduria, PS- Ranpur, Dist.- Nayagarh, Odisha, Pin-752025 declare that I have changed my name from Juli Mohanty to Sasmita Mohanty. Henceforth I shall be known as Sasmita Mohanty for all purpose.

**Sasmita Mohanty**

**AFFIDAVIT**

By Virtue of An Affidavit in the court of Executive Magistrate Jajpur. I, Sarthi Boity, W/o- Ugresen Boiti, Resident of At- Duduranta, Po- Paripada Nizampur, Ps- Mangalpur, Dist- Jajpur, Odisha, Pin- 755011. Declare that I have changed my name from Sarathilata Boiti To Sarthi Boity. Henceforth, she shall be known as Sarthi Boity for all purposes.

**Sd/- Sarthi Boity**

**LOST**

I, **Hemanta Kumar Singh(66),** son of **Jitray Singh,** resident of Vill-Dhobadhobuni, PS- Badasahi, District-Mayurbhanj, hereby declare that: The original land sale deed documents for **Sale need no. 1826 and 1827** have been lost in transit. The documents were lost on Date 19.03.2025. Despite thorough searches, the documents remain untraceable. If found, please contact me immediately.

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/E-Tender/118, ତା.18.03.2025ରିଖ

(1) ଟେଣ୍ଡର ସଂ.e-TenderNorthKUR-344-2024, ତା.12.03.2025ରିଖ

ବିବରଣୀ: ସିନିୟର ସେକ୍ସନ ଇଂଜିନିୟର/P.Way/ କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ମାନୁଆଲ ଲିଡ୍ ସ୍ଲିପିଙ୍ଗ, ଥ୍ରୁ ପାକିଙ୍ଗ, ବାଲାଷ୍ଟ ଡ୍ରେସିଙ୍ଗ, ଟ୍ରିଂକ୍ ବାନ୍ଧିଙ୍ଗ କାର୍ଯ୍ୟ, ଗ୍ଲୁଡ୍ ଜଏଣ୍ଟ ନବୀକରଣ, SEJ ନବୀକରଣ, AT ୱେଲ୍ଡିଙ୍ଗ, ERC ଗ୍ରୀସିଙ୍ଗ ଇତ୍ୟାଦି ଭଳି ବିଭିନ୍ନ P.Way କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 208.74 ଲକ୍ଷ, EMD (ଟଙ୍କାରେ): 2,54,400/- ।

(2) ଟେଣ୍ଡର ସଂ.e-Tender-CENTKUR-343-2024, ତା.11.03.2025ରିଖ

ବିବରଣୀ: ବୃକ୍ଷାଙ୍କ ଷ୍ଟେସନରେ ଜଳ ଯୋଗାଣ ବ୍ୟବସ୍ଥାକରଣ ପ୍ରାବଧାନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 18.58 ଲକ୍ଷ, EMD (ଟଙ୍କାରେ): 37,200/- ।

ଶେଷ କରିବା ଅବଧି: 12 (ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ: ତା.02.04.2025 ରିଖ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁଙ୍ଖ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍

PR-1116/P/24-25

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହରିରାଜପୁର ମେଲଣ ପଡିଆରେ ହାଇଟେକ୍‌ର ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ଭୁବନେଶ୍ୱର (ସବ୍ୟୁ): ଓଡିଶା ପ୍ରସିଦ୍ଧ ହରିରାଜପୁର ମେଲଣ ପଡିଆରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଉଦ୍‌ଘାଟିତ ହୋଇଛି। ଏହା ୨୩ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଶିବିରକୁ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ଖୋର୍ଦ୍ଧ ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡଯେନା ଉପସ୍ଥିତ ରହି ମେଲଣ ପଡିଆରେ ଶିବିର ଆୟୋଜକଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏଥିରେ ହାଇଟେକ୍ ମେଡିକାଲ କଲେଜର ସୁଦକ୍ଷ ଚିକିତ୍ସାବିତ୍ ସମସ୍ତ ବିଭାଗ ଯଥା ଅସ୍ଥିଶଲ୍ୟ ବିଭାଗ, ସର୍ଜରୀ, ଚକ୍ଷୁ ବିଭାଗ, ଚର୍ମ, କର୍ଣ୍ଣ,ନାସା ଓ ଗଳା ବିଭାଗ, ଶିଶୁରୋଗ ବିଭାଗ, ଦନ୍ତଚିକିତ୍ସା ବିଭାଗ, ଫିଜିଓଥେରାପିର ବିଶିଷ୍ଟ ଡାକ୍ତରମାନେ ଆସନ୍ତା ରବିବାର ପର୍ଯ୍ୟନ୍ତ ଏହାକୁ ଜାରି ରଖିବେବୋଲି ଅଧ୍ୟକ୍ଷ ଡଃ. ତିରୁପତି ପାଣିଗ୍ରାହୀ କହିଥିବାବେଳେ ଯେଉଁ ରୋଗୀମାନେ ଅତ୍ୟଧିକ ଅସୁସ୍ଥ ଅନୁଭବ କରିବେ ବା କୌଣସି ଜଟିଳ ପରିସ୍ଥିତି ସୃଷ୍ଟି ହୁଏ ସେମାନଙ୍କୁ ପାଖ ମେଡିକାଲକୁ ନିଆଯିବ କିମ୍ବା ଦରକାର ପଡିଲେ ହାଇଟେକ୍ ମେଡିକାଲକୁ ନିଆଯାଇ ସେଠାରେ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

# ଇଦୁଲ୍ ଫିତର, ରାମ ନବମୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର, (ସବ୍ୟୁ) : ଇଦୁଲ୍ ଫିତର, ରାମନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ପାଳନକୁ ନେଇ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଥିଲେ । ବୈଠକରେ କଡା ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବା ସହ ସୋସିଆଲ୍ ମିଡିଆରେ ୨୪ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଜିଲ୍ଲା ସାଇବର ସେଲ୍‌ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପର୍ବ ଗୁଡିକ ପାଳନ ଅବସରରେ ରାଜ୍ୟବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ମୁଖ୍ୟାଳୟ ଠାରେ ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସର୍ବଦା ସତର୍କ ରହିବା ସହ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଛନ୍ତି । ବିଶେଷ କରି ବିଭିନ୍ନ ସମୟରେ ସୋସିଆଲ୍ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସର୍ବଦା ନଜର ରଖିବାକୁ ସେ କହିଛନ୍ତି ।

ଏତଦ୍‌ବ୍ୟତୀତ ସମ୍ବେଦନଶୀଳ ସ୍ଥାନଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନଗୁଡିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀମାନଙ୍କ ସହ ବୈଠକ ସ୍ଥାପନ, ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, କରିବାକୁ ସମସ୍ତ ଜିଲ୍ଲାର ଏସ୍‌ପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତାହାକୁ ସାମ୍ନା କରିବାକୁ ସଦାସର୍ବଦା ପ୍ରସ୍ତୁତ ରହିବେ ପୋଲିସ ଟିମ୍ ।

ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ, (କ୍ରାଇମବ୍ରାଞ୍ଚ), ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଯତୀନ୍ଦ୍ର କୋଏଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜନ୍ମତିଥି

# ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ରଛାତ୍ରୀଙ୍କ ସଙ୍ଗୀତ ପରିବେଷଣ



ଭୁବନେଶ୍ୱର (ସବ୍ୟୁ): ଶୁକ୍ରବାର ବରଗଡ଼ ସ୍ଥିତ ବିଜୁପଟ୍ଟନାୟକ ଟାଉନହଲ୍ ଠାରେ ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼ ଆନୁକୂଲ୍ୟରେ ସମ୍ବଲପୁରୀ ବାନ୍ଧଶିଳ୍ପର ପ୍ରତିଷ୍ଠାତା ପଦ୍ମଶ୍ରୀ ଡକ୍ଟର କୃତାର୍ଥ ଆଚାର୍ଯ୍ୟଙ୍କ ୧୨୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସମାରୋହରେ ଆଇଆଇଏମ୍, ସମ୍ବଲପୁରର ଚେୟାରମେନ୍, ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟ୍‌ର ଚେୟାରମେନ୍ ପ୍ରଦୀପ ହୋତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କ୍ରୀଷ୍ଣା ବିକାଶ ଗ୍ରୁପ୍, ବରଗଡ଼ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ସମାରୋହରେ ଉଚ୍ଚକୋଟୀର ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଙ୍ଗୀତ ଶିକ୍ଷକ ନିଗମ କୁମାର ଦାସ ଓ ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରତିମା ସାହୁଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଷଣ କରିଥିଲେ ।

# କ୍ରମ୍ପଟନର ଅଲଟ୍ରାସ୍ଲିକ୍ ଆକର୍ଷଣ ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ପାରମ୍ପରିକ ଡ଼େକୋରେଟିଭ ଉଚ୍ଚମାନ ଆଲୋକ ବ୍ୟବସ୍ଥାର ଏକ ନୂତନ ସମ୍ଭାରକୁ ପ୍ରଦାନ କରିବାକୁ ଯାଇ କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍‌ଟ୍ରିକାଲ ଲିମିଟେଡ୍,ଏହାର ବ୍ୟାଟେନ ଲାଇଟିଙ୍ଗ ପୋର୍ଟଫୋଲିଓର ସମ୍ଭାରକୁ ଅଧିକ ବିସ୍ତାରିତ କରିବାକୁ ଯାଇ ଦୁଇଟି ନୂତନ ସାମଗ୍ରୀର ଶୁଭାରମ୍ଭ କରିଛି – ଇନଫାଇନିଆ ୨୪ୱାଟର ଏକ ଅନନ୍ୟ ଅପ୍ରତ୍ୟକ୍ଷ ଆଲୋକ ସାମଗ୍ରୀର ଡ଼ିଜାଇନ ସହିତ ପ୍ରିଷଟେକ୍ ଜ୍ଞାନକୌଶଳ। ଏହି ଇନଫାଇନିଆ ୨୪ୱାଟ ଏକ ଅନନ୍ୟ ଡ଼ିଜାଇନ ସହିତ ଡ଼େକୋରେଟିଭ ଶେଷ ସ୍ୱର୍ଶସମସ୍ତଙ୍କ ପାଇଁ ଉଜ୍ଜ୍ୱଳତମ ପାରମ୍ପରିକ ପ୍ରଦର୍ଶନର ଏକ ଆକର୍ଷଣ ଆଣିପାରିଛି। ଏଥି ସହିତ ସ୍ଲିମଓ ୨୦ୱାଟ – ୧୫ ପ୍ରତିଶତ ସ୍ଲିମ ବ୍ୟାଟେନ ଯୁକ୍ତ ଡ଼େକୋରେଟିଭ ଶେଷ ସ୍ୱର୍ଶ ଯାହାକି ଆଧୁନିକ ଜୀବନ ଧାରଣାର ଅବସ୍ଥିତିକୁ ଅଧିକ ଅଭିନନ୍ଦନୀୟ କରିପାରିଛି। ଏହି ଏଲଇଡ଼ି ଆଲୋକ ବ୍ୟବସ୍ଥା ଆଧୁନିକତମ ଆଲୋକିତ ଜ୍ଞାନକୌଶଳର ମିଶ୍ରଣ ସହିତ ପାରମ୍ପରିକ ସ୍ଲିକ୍‌କୁ ନେଇ ଆସିଅଛି ଯାହାକି ଉଭୟ ଘରୋଇ ତଥା କାର୍ଯ୍ୟାଳୟର ସଠିକ୍ ଅଭିଳାଷାର ସୃଜନଶୀଳତାକୁ ଆଣିପାରିଛି।

# ବିଶ୍ୱନାଥ ବିଦ୍ୟାପୀଠ ୧୯୭୮ ବ୍ୟାଚ ବିଦ୍ୟାର୍ଥୀ ସମାବେଶ



କଟକ (ସବ୍ୟୁ): ଆଠଗଡର ସର୍ବପୁରାତନ ବିଶ୍ୱନାଥ ବିଦ୍ୟାପୀଠର ୧୯୭୮ ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀଙ୍କର ଏକ ସମାବେଶ ଶୁକ୍ରବାର ଅଂଶୁପା ହ୍ରଦ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏକ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ଏହି ସମାବେଶରେ ଦୀର୍ଘ ୪୭ ବର୍ଷର ବ୍ୟବଧାନ ପରେ ଅନେକ ସହପାଠୀ ପରସ୍ପରକୁ ଭେଟି ସ୍କୁଲ ଜୀବନର ସ୍ମୃତି ରୋମନ୍ଥନ କରି ଉଲ୍ଲସିତ ହୋଇ ପଡିଥିଲେ । ଉକ୍ତ ବ୍ୟାଚର ବିଦ୍ୟାର୍ଥୀମାନେ ରାଜ୍ୟ ଓ ରାଜ୍ୟ ବାହାରେ, ଏପରିକି ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାରେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ବଳରେ ଉଚ୍ଚ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ଉକ୍ତ ବ୍ୟାଚର ସହପାଠୀ ସୁଧୀ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶ ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ଡେଟ୍ରଏଟ ସହରରେ ସ୍ଥାୟୀ ବସବାସ କରୁଥିବା କୃଷି ବୈଷୟିକ ବିଶେଷଜ୍ଞ ଡ.ଯୋଗେଶ ଚନ୍ଦ୍ର ପଣ୍ଡା ତାଙ୍କ ସହଧର୍ମିଣୀ ଶିକ୍ଷାବିତ ଡ. ସ୍ମିତି ପଣ୍ଡାଙ୍କ ସହ ଏଥିରେ ଯୋଗଦେଇ ବିଶ୍ୱନାଥ ବିଦ୍ୟାପୀଠ ସ୍କୁଲ ଜୀବନ ତାଙ୍କ ପାଇଁ ବରଦାନ ସଦୃଶ ବୋଲି ପ୍ରକାଶ କରିଥିଲେ । ଶ୍ରୀ ପଣ୍ଡା ଦୀର୍ଘ ୩୫ ବର୍ଷ ଧରି ଆମେରିକାରେ ରହି ସେଠାରେ ଓଡିଆ ଓ ଭାରତୀୟଙ୍କ ମଧ୍ୟରେ ଓଡିଶାର ଲୋକକଳା 'ପାଲା ଓ ଦାସକାଠିଆ'ର ପ୍ରଚାର ପ୍ରସାର ଦିଗରେ ନିରବଛିନ୍ନ ଭାବେ ଉଦ୍ୟମ ଜାରି ରଖିବା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା । ବିଶ୍ୱନାଥ ବିଦ୍ୟାପୀଠରେ ଶିକ୍ଷାଲାଭ ସେମାନଙ୍କ ପାଇଁ ବରଦାନ ସଦୃଶ ବୋଲି ଅଧିକାଂଶ ସହପାଠୀ ମତବ୍ୟକ୍ତ କରିଥିଲେ । ହାଇଦ୍ରାବାଦରୁ ଆସିଥିବା ସାରଦା ମହାପାତ୍ର, ବିଶ୍ୱଭୂଷଣ ମହାନ୍ତି, ଅଶୋକ ଦାସ, ଆଲୋକ ପଟ୍ଟନାୟକ, ନିରୋଦ ପଟ୍ଟନାୟକ, , ରାଜକିଶୋର ନାୟକ, ପ୍ରଭାତ କୁମାର ବାରିକ, ବ୍ରଜ କିଶୋର ବେହେରା, ନରେନ୍ଦ୍ର କୁମାର ମନ୍ତ୍ରୀ, ସରୋଜ ମିଶ୍ର, ଜିତେନ୍ଦ୍ର ପରିଡା, ଅଶୋକ ବରାଳ, ପ୍ରଶାନ୍ତ ସିଂହ, ସରୋଜ ମିଶ୍ର, ଜୀବନ ପଟ୍ଟନାୟକ, ଦେବନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟ ବହୁ ସହପାଠୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆମାଜନ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗରେ

# ଶୀର୍ଷ ବ୍ରାଣ୍ଡର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଉପରେ ଆକର୍ଷଣୀୟ ଲାଭ

ଭୁବନେଶ୍ୱର (ସବ୍ୟୁ): ଆମାଜନ.ଇନ ଏହାର ପ୍ରଥମ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ଘୋଷଣା କରିବାକୁ ଯାଉଛି, ଯେଉଁଥିରେ ସ୍ମାର୍ଟଫୋନ୍, ବଡ଼ ଉପକରଣ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଟେଲିଭିଜନର ବିଭିନ୍ନ ଚୟନରେ ଶୀର୍ଷ ବ୍ରାଣ୍ଡ୍ ଗୁଡ଼ିକରେ ଆକର୍ଷଣୀୟ ଡିଲ୍ ଏବଂ ଅଫର ରହିଛି। ଅତ୍ୟାଧୁନିକ ସ୍ମାର୍ଟଫୋନ୍ ଏବଂ ଶକ୍ତିଶାଳୀ ଲାପଟପ୍ ଠାରୁ ଆରମ୍ଭ କରି ପ୍ରିମିୟମ୍ ସ୍ମାଟର୍‌ୱାଚ୍, ହେଡଫୋନ୍, ଟେଲିଭିଜନ ଆଦି ବିଷୟରେ ଗ୍ୟାଜେଟ୍ ପ୍ରେମୀମାନେ ଅନୁସନ୍ଧାନ କରିପାରିବେ। ଏହାବ୍ୟତୀତ ଗ୍ରାହକମାନେ ନୋ କଷ୍ଟ ଇଏମଆଇ, ଇନଷ୍ଟାଂଟ ବ୍ୟାଙ୍କ ରିହାତି, ଏକ୍ସଚେ ବୋନସ ଏବଂ ଅନ୍ୟାନ୍ୟ ସୁଲଭ ବିକଳ୍ପ ସହିତ ଏହି ମାସରେ ନିଜର ଟେକ୍ ଗେମ୍ ଅପଗ୍ରେଡ୍ କରିପାରିବେ। ଏହା ୨୬ ମାର୍ଚ୍ଚ ୨୦୨୫ ପର୍ଯ୍ୟ' ଲାଇଭ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ କାରବାର ଉପରେ ୭.୫% ସଂଚୟ ସୁବିଧା ରହିଛି । ସ୍ମାର୍ଟଫୋନ୍ ଏବଂ ଆକ୍ସେସରିଜ୍ ଉପରେ ୪୦% ପର୍ଯ୍ୟ' ରିହାତି ଏବଂ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଗୁଡ଼ିକ ୧୯୯୯ ଟଙ୍କା/ମାସରୁ ନୋ କଷ୍ଟ ଇଏମଆଇ ସହିତ ଉପଲବ୍ଧ ହେବ । ସାମସଙ୍ଗ, ସୋନି ଏବଂ ଭିୟୁ ଭଳି ଲୋକପ୍ରିୟ ବ୍ରାଣ୍ଡର ସ୍ମାର୍ଟ ଟିଭି ଏବଂ ପ୍ରୋଜେକ୍ଟର ଉପରେ ୬୫% ପର୍ଯ୍ୟନ୍ତ ରିହାତି ଏବଂ ବଡ଼ ସ୍କ୍ରିନ୍ ୪କେ ଟିଭି ବିନା ମୂଲ୍ୟ ଇଏମଆଇ ସହିତ ମାସକୁ ୭୫୦ ଟଙ୍କାରୁ ଉପଲବ୍ଧ ହେବ ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଅଞ୍ଚଳର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ) : ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାରିପଦା ଅଞ୍ଚଳ ଅଧିନସ୍ଥ ବାଲେଶ୍ୱର ଜିଲ୍ଲା ଭୋଗରାଇ ଏବଂ ଭଦ୍ରକ ଜିଲ୍ଲାର ବାସୁଦେବପୁରଠାରେ ଦୁଇଟି ନୂତନ ଶାଖା ଉଦ୍ଘାଟିତ ହୋଇଯାଇଛି । ଉପ-ମହାପ୍ରବନ୍ଧକ ତଥା ବାରିପଦା ଆଞ୍ଚଳିକ ବିଭିନ୍ନ ଋଣ ଯୋଜନାରେ ଆବେଦନ କରିବା ପାଇଁ ତଥା ନୂତନ ଆକାଉ ଖୋଲିବା ପାଇଁ ଜନସାଧାରଣ ଉତ୍ସାହ ଦେଖାଇଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାରିପଦା ଅଞ୍ଚଳ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୭୦ଟି ଶାଖା ମାଧ୍ୟମରେ ନିରବଚ୍ଛିନ୍ନ ସେବା



କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଏହି ଶାଖାଗୁଡିକର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ଆର୍ଥିକ କାରବାରରେ ବ୍ୟାଙ୍କର ଭୂମିକା ଏବଂ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଓ ଋଣ ସୁବିଧା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ । ପ୍ରଦାନ କରିଆସୁଛି। ଲୋକମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ବ୍ୟାଙ୍କର ଭୂମିକା ତଥା ସମସ୍ତ ବର୍ଗର ଲୋକମାନେ କିପରି ସହଜରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ ସେ ବିଷୟରେ ଶ୍ରୀ ଦାସ ଆଲୋକପାତ କରିଥିଲେ। ବ୍ୟାଙ୍କ ଅଧିକାରୀ ଅରୁପ ରତନ କୁଣ୍ଡୁ ଭୋଗରାଇ ଶାଖା ପ୍ରବନ୍ଧକ ଭାବେ ଏବଂ ଜିତେନ୍ଦ୍ର ଭଞ୍ଜ ବାସୁଦେବପୁର ଶାଖା ପ୍ରବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ପଖାଳ ଦିବସ ପାଳନ କଲେ ମେୟର ସୁବାସ ସିଂହ



କଟକ, (ସବ୍ୟୁ): ପଖାଳ ଦିବସ ଉପଲକ୍ଷେ କଟକ ମେୟର ସୁବାସ ସିଂହ, ନିଜ ସରକାରୀ ଆବାସ ଠାରେ ମହା ଆଡମ୍ବରରେ ପଖାଳ ଦିବସ ପାଳନ କରିଥିଲେ । ଓଡ଼ିଶା ର ପାରମ୍ପରିକ ଖାଦ୍ୟ ପଖାଳ ଆଜି ଦିନରେ ସବୁ ମହଲରେ ଆଦୃତ । ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ର ଏହି ପାରମ୍ପରିକ ଖାଦ୍ୟ କୋଟି କୋଟି ଓଡିଆ ଙ୍କ ସବୁଠାରୁ ବେଶୀ ପ୍ରିୟ ଖାଦ୍ୟ ଭାବେ ପରିଚିତ । ଓଡ଼ିଶା ରେ ଧନୀ ଗରିବ ସବୁ ବର୍ଗର ଲୋକ ମାନଙ୍କର ଏହା ପ୍ରିୟ ଖାଦ୍ୟ , ଏହି ଦିବସକୁ ବ୍ୟାପକ ରୂପରେଖା ଦେବା ଓ ଓଡିଶା ର ପାରମ୍ପରିକ ଖାଦ୍ୟ ପଖାଳ ର ଆଦୃତି ବଢାଇବା ପାଇଁ କଟକ ମେୟର ଙ୍କ ଏହା ଥିଲା ଏକ ଛୋଟ ପ୍ରୟାସ । ଏହି ଅବସରରେ କଟକ ମେୟର ସୁବାସ ସିଂ ଙ୍କ ସହତ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ସମାଜର ପୂର୍ବତନ ସମ୍ପାଦକ ଡ଼. ସତ୍ୟ ରାୟ, ବିଶିଷ୍ଟ କବି ଅମରେସ ପଟ୍ଟନାୟକ , ଚଳଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ , ବିଶିଷ୍ଟ ଗାୟିକା ସୁଶ୍ରୀ ସୋହିନୀ ମିଶ୍ର , ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡ଼.ଜୟନ୍ତ ପଣ୍ଡା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ , କଟକ ମହାନଗର ଶାନ୍ତି କମିଟି କାର୍ଯ୍ୟକରି ସଭାପତି ପ୍ରଦୀପ କୁମାର ସିହ୍ନା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ , ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ କୁମାର ସାହୁ , ପୁର୍ବାଞ୍ଚଳ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ,୨୫ ଭାଗ ସର୍ବାଧିକାରୀ ସୁରେଶ କୁମାର ସାହୁ , ସୁରେଶ ମହାପାତ୍ର ,ଜୟଦେବ ଜେନା, ଆରଜ୍ୟମାଣି ସେନାପତି, ବିଜପି ବରିଷ୍ଠ ନେତା ସ୍ମୃତି ପଟ୍ଟନାୟକ , ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ , ବିଜୁ ଜନତା ଦଳ ର ବରିଷ୍ଠ ନେତା ପ୍ରଫୁଲ ସିଂହ, ପ୍ରଶାନ୍ତ ନାୟକ, ଚିତ୍ତ ରଞ୍ଜନ ମହାନ୍ତି , ଦେବେନ୍ଦ୍ର ସୁତାର , ବସୁନ୍ଧରା ର ସମ୍ପାଦିକା ଶୈଳ ବେହେରା , ଡ଼େପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ପ୍ରଫେସର ତରୁଣ କୁମାର ଦାସ, କଟକ ମହାନଗର ନିଗମ ର ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଆଇନଜୀବୀ ସ୍ୱଦେଶ ଦାସ , ଅର୍ଦ୍ଧେନ୍ଦୁ ଶେଖର ମାଝୀ, ବହୁ ବରିଷ୍ଠ ନାଗରିକ, ସମାଜସେବୀ, ବୁଦ୍ଧିଜୀବୀ ,ଯୁବ ସମାଜ ଓ ପଖାଳ ପ୍ରେମୀ ପ୍ରମୁଖ ଯୋଗଦାନ କରିଥିଲେ । ଜଗନ୍ନାଥ ସ୍ୱାଇଁ , ଦେବେନ୍ଦ୍ର ପାଣିଗ୍ରାହୀ , ଆଇନଜୀବି ବିନୋଦ ପଣ୍ଡା, କାଳିଚରଣ ପାଣିଗ୍ରାହୀ, ସୌମେନ୍ଦ୍ର ସାହୁ, ଜନ ଆଶିଷ ବରାଳ, ସାକିଲ ଏକତାର, ସୟଦ ଶେଖାଓ୍ୱ ଅଲି , ଦୀପ୍ତି ରଞ୍ଜନ ରାୟ , ମିହିର କୁମାର ସାହୁ ,ମିତାଲି ଭଞ୍ଜ, ସୁବୋଧ ସେଠି, କେ ନିଖିଳ କୁମାର ପ୍ରମୁଖ ସଭା ପରିଚାଳନା କରିଥିଲେ ।

# ସୋଆରେ 'ବିକଶିତ ଭାରତ ଯୁବ ସଂସଦ ୨୦୨୫' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର , (ସବ୍ୟୁ): ସୋଆ ଏନ୍‌ଏସ୍‌ଏସ୍ ବ୍ୟୁରୋ ଦ୍ୱାରା ଆୟୋଜିତ ଦୁଇ ଦିନିଆ 'ବିକଶିତ ଭାରତ ଯୁବ ସଂସଦ ୨୦୨୫' କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ସାଧୁବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସୋଆ ଆଉଟ୍‌ରିଚ୍ ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡକ୍ଟର ନଚିକେତା ଶର୍ମା ସମସ୍ତ ଅତିଥିବୃନ୍ଦଙ୍କୁ ସ୍ୱାଗତ କରିଥିଲେ । ଏନଏସ୍‌ଏସ୍ ଭୁବନେଶ୍ୱରର ଯୁବ ଅଧିକାରୀ



ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) କ୍ୟାମ୍ପସର ବାଂଶୁରୀଗୁରୁ ଅଡିଟୋରିୟମ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖୋର୍ଦ୍ଧା ଜିଲ୍ଲା ପାଇଁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟକୁ 'ବିକଶିତ ଭାରତ ଯୁବ ସଂସଦ ୨୦୨୫'ର ନୋଡାଲ କେନ୍ଦ୍ର ଭାବେ ଚୟନ କରିଥିବାରୁ ନେହେରୁ ଯୁବ କେନ୍ଦ୍ର ସଂଗଠନ ଭୁବନେଶ୍ୱର ଓ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରକୁ ଅଜିତ କୁମାର ଯୁବ ସଂସଦ କାର୍ଯ୍ୟକ୍ରମର ଗଠନ ଉପରେ ବକ୍ତବ୍ୟ ରଖିଥିଲେ । ଏନଏସଏସ୍ ଭୁବନେଶ୍ୱରର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ 'ଭାରତ ସରକାରଙ୍କର ଏହି 'ବିକଶିତ ଭାରତ ଯୁବ ସଂସଦ ୨୦୨୫' କାର୍ଯ୍ୟକ୍ରମ ଅନେକ ଯୁବାପ୍ରତିଭାଙ୍କୁ ଆଗକୁ ଆସିବାର ସୁଯୋଗ ପ୍ରଦାନ କରିଛି । କାର୍ଯ୍ୟକ୍ରମର ସଂଯୋଜକ ସୋଆ ଏନଏସଏସ୍ ବ୍ୟୁରୋ ଡକ୍ଟର କମଳଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନୌକରୀ ଜବ୍ ସ୍ପିକ୍

# ଫେବୃୟାରୀ ୨୦୨୫ରେ ଭାରତୀୟ ଜବ୍ ମାର୍କେଟରେ ୪ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ): ୨୦୨୫ ଫେବୃୟାରୀ ସୁଦ୍ଧା ଭାରତୀୟ ଜବ୍ ମାର୍କେଟରେ ୪ ପ୍ରତିଶତ ବୃଦ୍ଧି ହୋଇଛି ବୋଲି ନୌକରୀ ଜବ୍ ସ୍ପିକ୍ ସୂତ୍ରରୁ ଜଣାପଡିଛି । ତେବେ ଏହି ଧାରା ବଜାୟ ରହିଛି । ଏହି ସୂତ୍ର ଅନୁଯାୟୀ ବ୍ୟାକିଂ କ୍ଷେତ୍ରରେ ୬ ପ୍ରତିଶତ ବୃଦ୍ଧି ଘଟି ଆହ୍ୱାନପୂର୍ଣ୍ଣ ଥିଲାବେଳେ ରିଏଲ୍ ଇଷ୍ଟେଟ୍ କ୍ଷେତ୍ରରେ ୯ ପ୍ରତିଶତ, ଏଫ୍‌ଏମ୍‌ସିଜିରେ ୮ ପ୍ରତିଶତ, ଫାର୍ମା କ୍ଷେତ୍ରରେ ୫ ପ୍ରତିଶତ ଅଭିବୃଦ୍ଧି ଘଟିଛି । ନୂତନ ଭାବେ ସୃଷ୍ଟି ହୋଇଥିବା ଟେକ୍ ହବ୍ ଗୁଡ଼ିକର ଆଇଟି ନିଯୁକ୍ତି ପ୍ରୋତ୍ସାହନ ସହ ବିଭିନ୍ନ ସହର ଯଥା ଜୟପୁରରେ ୧୯ ପ୍ରତିଶତ ଏବଂ କୋଏମ୍ବାଟୁରେ ୧୦ ପ୍ରତିଶତ ଦୃଢ଼ ଅଭିବୃଦ୍ଧି ଘଟିଛି ।

ନୌକରୀ ଜବ୍ ସ୍ପିକ୍ ଇଣ୍ଡେକ୍ସ ଅନୁଯାୟୀ ବାର୍ଷିକ ୪ ପ୍ରତିଶତ ଅଭିବୃଦ୍ଧି ରେକର୍ଡ ସହ ଭାରତୀୟ ଜବ୍ ମାର୍କେଟ ଫେବୃୟାରୀ ୨୦୨୫ରେ ନିଜର ବୃଦ୍ଧି ଗତି ବଜାୟ ରଖିଥିଲା । ଏହି ଇଣ୍ଡେକ୍ସ ୨,୮୯୦ ପଏଣ୍ଟ ରହିଥିଲା । ଫେବୃୟାରୀ ୨୦୨୫ରେ ଏଆଇ-ଏମ୍‌ଏଲ୍ ୨୧ ପ୍ରତିଶତ, ହସ୍ପିଟାଲିଟି ୨୦ପ୍ରତିଶତ, ରିଏଲଇଷ୍ଟେଟ୍ କ୍ଷେତ୍ରରେ ୯ ପ୍ରତିଶତ ପ୍ରତୀୟମାନ ହୋଇ ପ୍ରମୁଖ କ୍ଷେତ୍ରରେ ସ୍ଥାନ ପାଇଛି । ଏଫ୍‌ଏମ୍‌ସିଜି ୮ ପ୍ରତିଶତ, ଫାର୍ମା ୫ ପ୍ରତିଶତ ଏବଂ ଜିସିସି ୨ ପ୍ରତିଶତ ଅଭିବୃଦ୍ଧି ହାସଲ କରି ମିଶ୍ରିତ ପ୍ରଦର୍ଶନ କରିଛନ୍ତି ଏବଂ ବ୍ୟାକିଂ ନିଯୁକ୍ତି କ୍ଷେତ୍ରରେ ୬ ପ୍ରତିଶତ ବୃଦ୍ଧି ଘଟିଛି । ଆଇଟି ନିଯୁକ୍ତି ସାମଗ୍ରିକ ସ୍ତରରେ ସ୍ଥିର ରହିଥିଲାବେଳେ ୨୦୨୪ ମସିହାରେ ଏକ୍ଷେତ୍ରରେ ତୀବ୍ର ହ୍ରାସ ହୋଇଥିଲେ ମଧ୍ୟ ଏକ୍ଷେତ୍ର ଗୁଡ଼ିକରେ ଉନ୍ନତିର ସଙ୍କେତ ଦେଖାଯାଇଥିଲା । ନୂତନ ଭାବେ ସୃଷ୍ଟି ହୋଇଥିବା ଆଇଟି ସହର ଜୟପୁରରେ ୧୯ପ୍ରତିଶତ, କୋଏମ୍ବାଟୁରେ ୧୦ ପ୍ରତିଶତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ଏକ ଦୃଢ଼ ଅଭିବୃଦ୍ଧି ହାସଲ କରିଛି । ମୋଟାମୋଟି ଭାବେରେ ଫେବୃୟାରୀ ୨୦୨୫ରେ ନୂତନ ନିଯୁକ୍ତି ସ୍ଥିର ରହିଥିଲେ ବି ହସ୍ପିଟାଲିଟି ଏବଂ ଟେଲିକମ୍ କ୍ଷେତ୍ରରେ ନୂତନ ନିଯୁକ୍ତିରେ ଯଥାକ୍ରମେ ୨୩ ପ୍ରତିଶତ ଏବଂ ୧୧ ପ୍ରତିଶତ ଅଭିବୃଦ୍ଧି ଘଟିଛି । ହସ୍ପିଟାଲିଟି କ୍ଷେତ୍ର ବାର୍ଷିକ ୨୦ ପ୍ରତିଶତ ଅଭିବୃଦ୍ଧି ସହିତ ଏକ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଭାବରେ ପ୍ରତୀୟମାନ ହୋଇପାରିଛି । ଟେକ୍‌ନୋଲୋଜି କ୍ଷେତ୍ରରେ ଡାଟା ସାଇଣ୍ଟିଷ୍ଟ ୭୬ ପ୍ରତିଶତ ଏବଂ ମେସିନ୍ ଲର୍ଣ୍ଣିଂ ଇଞ୍ଜିନିୟର ୭୦ ପ୍ରତିଶତ ଅଭିବୃଦ୍ଧି ଘଟି ବର୍ଷକୁ ବର୍ଷ ସର୍ବାଧିକ ଅଭିବୃଦ୍ଧିର ରେକର୍ଡ କରିଛନ୍ତି । ଫେବୃୟାରୀ ୨୦୨୫ର ଶ୍ରେଷ୍ଠ ୫ଟି ଭୂମିକାରେ ସର୍ଚ୍ଚ ଇଞ୍ଜିନିୟର ୫୨ପ୍ରତିଶତ, ଡାଟା/ବିଗ୍‌ଡାଟା ଟେଷ୍ଟିଂ ଇଞ୍ଜିନିୟର ୪୮ ପ୍ରତିଶତ ଏବଂ ସିକ୍ୟୁରିଟି କନ୍‌କଲଟାଣ୍ଟ ୪୪ ପ୍ରତିଶତ ବୃଦ୍ଧି ଘଟି ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

## ବିଶ୍ୱ ଜଳ ଦିବସ : ବେଦାନ୍ତ ଆଲୁମିନିୟମ୍ ଆର୍ଥିକ ବର୍ଷ ୨୫ରେ

# ୧୬ ବିଲିୟନ ଲିଟର ଜଳ ପୁନଃଚକ୍ରଣ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଆର୍ଥିକ ବର୍ଷ ୨୫ରେ ଏହାର କାର୍ଯ୍ୟରେ ପ୍ରାୟ ୧୬ ବିଲିୟନ ଲିଟର ଜଳ ପୁନଃଚକ୍ରଣ କରିଛି, ଯାହା ଏହାର ସ୍ଥାୟୀତ୍ୱ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ । ସନ୍ଦର୍ଭରେ, ଏହି ପରିମାଣ ପ୍ରାୟ ୬,୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲ୍ ସହିତ ସମାନ। ୧୫% ଜଳ ପୁନଃଚକ୍ରଣ ହାର ସହିତ, କମ୍ପାନୀ ଏହାର କାର୍ଯ୍ୟରେ ଜଳ ସଂରକ୍ଷଣରେ ଉଲ୍ଲେଖନୀୟ ଅଗ୍ରଗତି ଜାରି ରଖିଛି। ଗତ ବର୍ଷ, ବିଭିନ୍ନ ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ପାଇଁ ୮୧ଟି ସାମୁଦାୟିକ ପୋଖରୀର ନବୀକରଣ କରିଛି ଏବଂ ସ୍ଥାନୀୟ ଜଳ ସଂରକ୍ଷଣରେ ଅତିରିକ୍ତ ୧୦,୦୦୦ ଘନ ମିଟର ଯୋଗଦାନ କରି ଅତି କମରେ ୨୦ଟି ଅତିରିକ୍ତ ଫାର୍ମ ପୋଖରୀ ନିର୍ମାଣ କରିବାକୁ ଯୋଜନା କରିଛି।

ଏହି ବର୍ଷର 'ହିଶାବଳୀ ସଂରକ୍ଷଣ' ବିଷୟବସ୍ତୁ ଅନୁଯାୟୀ, ବେଦାନ୍ତ ମଧୁର ଜଳ ସମ୍ପଦର ସ୍ଥାୟୀ ପରିଚାଳନା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ: ବେଦାନ୍ତର ଆଲୁମିନା ରିଫାଇନାରୀ ଲାଞ୍ଜିଗଡ଼ରେ, ସମନ୍ୱିତ ଜଳବିଭାଜିକା ପ୍ରକଳ୍ପ ଜଳ ପୁନଃଚାର୍ଜକୁ ୨ ଲକ୍ଷ ଘନ ମିଟର ଦ୍ୱାରା ଉଲ୍ଲେଖନୀୟ ଭାବରେ ଉନ୍ନତ କରିଛି, ୧୭୦ ଏକରରୁ ଅଧିକ ଜମିକୁ ଜଳସେଚନ ଯୋଗାଇଛି, ୫୦୦ ରୁ ଅଧିକ ଚାଷୀଙ୍କୁ ଲାଭ ଦେଇଛି। ଜଳବାୟୁ-ସ୍ମାର୍ଟ କୃଷି ପଦ୍ଧତି, ଯେପରିକି ଡ୍ରିପ୍ ଜଳସେଚନ, ୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ସଂରକ୍ଷଣ କରିଛି, ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ୨,୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି। ଏହା ସହିତ, ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଜଳ ଉପଲବ୍ଧ କରାଇ, କମ୍ପାନୀ ସ୍ଥାୟୀ ଜଳ ପରିଚାଳନା ଏବଂ ସାମଗ୍ରିକ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ପ୍ରଦର୍ଶନ କରିଛି। ସମ୍ପ୍ରତି, କମ୍ପାନୀ ୧୨ ଟି ନୂତନ କୃଷି ପୋଖରୀ ପ୍ରତିଷ୍ଠା କରି ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ସହିତ ମଧ୍ୟ ସହଭାଗୀ ହୋଇଛି। ଏହା ବ୍ୟତୀତ, ଏହାର ଖଣି ସ୍ଥାନଗୁଡ଼ିକରେ, ବେଦାନ୍ତ ଆଲୁମିନିୟମ ବର୍ଷାଜଳ ଅମଳ ପ୍ରଣାଳୀ କାର୍ଯ୍ୟକାରୀ କରିଛି ଏବଂ ଅତିରିକ୍ତ ୭୫,୦୦୦ ଘନ ମିଟର ସଂରକ୍ଷଣ ପାଇଁ ପୋଖରୀକୁ ପୁନରୁଦ୍ଧାର କରିଛି, ଯେତେବେଳେ ବାୟୋ-ଟଏଲେଟ୍, ସୌର ବୋରୱେଲ୍ ଏବଂ ଡିଜିଟାଲ୍ ଜଳ ପ୍ରବାହ



ମିଟର ଭଳି ପଦକ୍ଷେପ ନିର୍ମଳ ପ୍ରକଳ୍ପ ମାଧ୍ୟମରେ ସମ୍ପଦ ବ୍ୟବହାରକୁ ଉନ୍ନତ କରିଥାଏ ଏବଂ ସ୍ୱଚ୍ଛ ଜଳ ପାଇଁ ସମ୍ପ୍ରଦାୟର ପ୍ରବେଶକୁ ବୃଦ୍ଧି କରିଛି। ଝାରସୁଗୁଡାରେ, ଯେଉଁଠାରେ ବେଦାନ୍ତର ମେଗା ଆଲୁମିନିୟମ ସ୍ମେଲ୍ଟର ଅବସ୍ଥିତ, କମ୍ପାନୀ ଏହାର ସ୍ୱେରେଜ୍ ଟ୍ରିଟମେଂଟ ପ୍ଲାଂଟର ଉନ୍ନତିକରଣ ଘୋଷଣା କରିଛି, ଯାହା ସବୁଜ ବେଲ୍ଟ ବିକାଶ ପାଇଁ ପୁନଃବ୍ୟବହୃତ ବିଶୋଧିତ ଜଳ ସହିତ ଦୈନିକ ୨୪୦ କିଲୋଲିଟର ପ୍ରକ୍ରିୟାକରଣ କରିବ। ବିଶ୍ୱ ଜଳ ଦିବସ ଅବସରରେ, କମ୍ପାନୀ ଏହାର କାର୍ଯ୍ୟ ନିକଟରେ ଏକ ଫାର୍ମ ପୋଖରୀ ଉଦଘାଟନ କରିଛି, ଯାହା ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଜଳ ସଂରକ୍ଷଣ ଏବଂ ପ୍ରବେଶଯୋଗ୍ୟତାକୁ ବୃଦ୍ଧି କରିଛି। ବାଲକୋରେ, କୋଇଲା ପରିଚାଳନା ପ୍ଲାଂଟ ପାଇଁ ସମ୍ପ୍ରତି କମିଶନ ହୋଇଥିବା ଇଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟ ଏବଂ ରିଭର୍ସ ଅସମୋସିସ୍ ନିଯୁକ୍ତ ସିଷ୍ଟମଗୁଡ଼ିକ ପ୍ରଭାବଶାଳୀ ବର୍ଜ୍ୟଜଳ ବିଶୋଧନ ଏବଂ ପୁନଃବ୍ୟବହାର ସୁନିଶ୍ଚିତ କରିଛି। ଜଳ ସ୍ଥାୟୀତ୍ୱ ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ସ୍ୱୀକାର କରୁଛୁ ଯେ ଜଳ ହିଁ ଜୀବନ, ସମ୍ପ୍ରଦାୟ ଏବଂ ଶିଳ୍ପକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ମୂଲ୍ୟବାନ ଏବଂ ସହଭାଗୀ ସମ୍ପଦ । ଏହି ବିଶ୍ୱ ଜଳ ଦିବସରେ, ଆମେ ଅଭିନବ ପ୍ରଯୁକ୍ତିବିଦ୍ୟା, ଦକ୍ଷ ଜଳ ପରିଚାଳନା ଅଭ୍ୟାସ ଏବଂ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବଂଟନ ଅଧିବେଶନ ଭଳି ସମ୍ପ୍ରଦାୟ-ଚାଳିତ ପଦକ୍ଷେପ ମାଧ୍ୟମରେ ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭ୍ ସ୍ଥିତି ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛୁ।

## ପେଶୱାର ମସଜିଦରେ ବିସ୍ଫୋରଣ, ୫ମୃତ

**ପେଶୱାର :** ପାକିସ୍ତାନରେ ଆତଙ୍କବାଦୀ କାଣ୍ଡ ବଢ଼ିଚାଲିଛି । ବିଶେଷକରି ଶୁକ୍ରବାର ନମାଜ ବେଳେ ମସଜିଦରେ ବିସ୍ଫୋରଣ ଘଟଣା ବାରମ୍ବାର ଘଟିଚାଲିଛି । ଶୁକ୍ରବାର ପେଶାୱାରର କିସା ଖ୍ୱାନି ଜାମିଆ ମସଜିଦରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି । ପ୍ରାରମ୍ଭିକ ସୂଚନା ଅନୁସାରେ ଏହି ବିସ୍ଫୋରଣରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ମସଜିଦରେ ଶୁକ୍ରବାର ନମାଜ ପାଇଁ ଭିଡ ଥିଲା ବେଳ ବିସ୍ଫୋରଣ ଘଟିଥିଲା । ଏଣୁ କ୍ଷୟକ୍ଷତି ଆହୁରି ବଢ଼ିବାର ଆଶଙ୍କା ରହିଛି । ଏହା ଆତ୍ମଘାତୀ ବିସ୍ଫୋରଣ କି ପୂର୍ବରୁ ମସଜିଦରେ ବିସ୍ଫୋରକ ରଖାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ ।

ଆହତଙ୍କ ମଧ୍ୟରୁ କେତେ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ମସଜିଦରେ ଶୁକ୍ରବାର ନମାଜ ପାଇଁ ଭିଡ ଥିଲା ବେଳ ବିସ୍ଫୋରଣ ଘଟିଥିଲା । ଏଣୁ କ୍ଷୟକ୍ଷତି ଆହୁରି ବଢ଼ିବାର ଆଶଙ୍କା ରହିଛି । ଏହା ଆତ୍ମଘାତୀ ବିସ୍ଫୋରଣ କି ପୂର୍ବରୁ ମସଜିଦରେ ବିସ୍ଫୋରକ ରଖାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ । ଆହତ ମାନଙ୍କୁ ଉଦ୍ଧାର କରି ପେଶାୱରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗତ ସପ୍ତାହରେ ପାକିସ୍ତାନର ଦକ୍ଷିଣ ୱାଜିରିସ୍ତାନରେ ଥିବା ଏକ ମସଜିଦରେ ଶୁକ୍ରବାର ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିଲା । ଏଥିରେ ୪ ଜଣ ଲୋକ ଆହତ ହୋଇଥିଲେ । ୨୦୨୨ରେ ପେଶାୱାରର କିସା ଖ୍ୱାନି ଅଂଚଳରେ ଥିବା ଏକ ମସଜିଦରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା । ସେଥିରେ ୩୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ବିସ୍ଫୋରଣ ମଧ୍ୟ ଶୁକ୍ରବାର ନମାଜ ସମୟରେ ହୋଇଥିଲା ।

# ରୁଷ୍ ଉପରେ ୟୁକ୍ରେନର ହମ୍‌ଲା

**କିଭ୍:** ଥମୁନାହିଁ ରୁଷ-ୟୁକ୍ରେନ୍ ବିବାଦ । ଏହି ଦୁଇ ଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଯୁଦ୍ଧ ବନ୍ଦ୍ ହେବା ନେଇ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ୍ ରୁଷ ଉପରେ କରିଛି ଏବ ବଡ଼ ଧରଣର ଆକ୍ରମଣ । ଉଭୟ ଦେଶ ପରସ୍ପର ଉପରକୁ ଘାତକ ଆକ୍ରମଣ ଜାରି ରଖିଛନ୍ତି । ରୁଷର ଆଣବିକ ବୋମାବର୍ଷୀ ବିମାନ ଥିବା ଘାଟି ଉପରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଛି । ଏହି ଘାଟିଟି ରୁଷ୍-ୟୁକ୍ରେନ୍ ସୀମାଠାରୁ ପ୍ରାୟ ୭୦୦ କିମି ଦୂରରେ ଅବସ୍ଥିତ ।



ଏମିତି କି ୟୁକ୍ରେନ୍- ରୁଷ୍ ମଧ୍ୟରେ ଯୁଦ୍ଧବିରତି ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ ଜାରି ରଖିଛନ୍ତି । ଆକ୍ରମଣ ଯୋଗୁ ଆକାଶରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଓ ଧୂଆଁ ଦେଖିବାକୁ ମିଳିଛି । ନିକଟରେ ଥିବା କେତେକ ଘର ସହିତ ହସ୍ପିଟାଲ ଆଦି କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପଟେ ବୁଧବାର ରାତିସାରା ଇସ୍ରାଏଲ ଗାଜା ଉପରେ ବୋମା ବର୍ଷା କରିଛି । ଅନେକ ଘରକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିଥିବାରୁ ଏଥିରେ ମହିଳା, ଶିଶୁଙ୍କ ସମେତ ୯୫ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିବା ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି । ଇସ୍ରାଏଲ ବିମାନ ଆକ୍ରମଣରେ ମଙ୍ଗଳବାର କେବଳ ୪୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିଲା । ଜାନୁଆରିରେ ଯୁଦ୍ଧବିରତି ହେବାପରେ ଇସ୍ରାଏଲ ପ୍ରଥମ ଥର ପାଇଁ ଗାଜାରେ ସ୍ଥଳ ଅପରେସନ୍ ଆରମ୍ଭ କରିଛି । ଗାଜାକୁ ଖାଦ୍ୟ, ଇନ୍ଧନ ସମେତ ଅନ୍ୟାନ୍ୟ ମାନବୀୟ ସହାୟତା ବନ୍ଦ କରି ଦେଇଥିବା ଇସ୍ରାଏଲ ମଧ୍ୟ ହମାସ୍ ବିରୋଧରେ ଅପରେସନ୍ ଜୋରଦାର କରିବ ବୋଲି ପ୍ରତିଜ୍ଞା କରିଛି ।

### ଟ୍ରମ୍ପଙ୍କ ଶୁଳ୍କ ବ୍ୟବସ୍ଥା ଲାଗୁ ପ୍ରସଙ୍ଗ

# ରାଜ୍ୟସଭାରେ ଜବାବ ରଖିଲେ ମନ୍ତ୍ରୀ

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ସମାନୁପାତିକ ଶୁଳ୍କ ବ୍ୟବସ୍ଥା ଏପ୍ରିଲ ୨ରୁ ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି । ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟସଭାରେ ଏକ ବିବୃତି ଆସିଛି । ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଆମେରିକା ପକ୍ଷରୁ ସମାନୁପାତିକ ବାଣିଜ୍ୟ ଓ ଶୁଳ୍କ ନେଇ ଏକ ମେମୋରେଣ୍ଡମ ପ୍ରଦାନ କରାଯାଇଛି । ତେବେ ବାଣିଜ୍ୟ ସଚିବ ଓ ଆମେରିକାର ବାଣିଜ୍ୟ ପ୍ରତିନିଧିଙ୍କ ମଧ୍ୟରେ ଏନେଇ ଆଲୋଚନା କରାଯାଉଛି । ଏ ସମ୍ପର୍କରେ କ'ଣ କରାଯିବ ସେନେଇ ବିଚାର ବିମର୍ଶ ଚାଲିଛି । ସମାନୁପାତିକ ଟିକସରେ ଭାରତର କ'ଣ କ୍ଷତି ହେବ ଓ କ'ଣ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା କରାଯାଉଛି । ଏ ଘଟଣା ସମ୍ପର୍କରେ ମଧ୍ୟ ଅନୁସନ୍ଧାନ ହେଉଛି । ଆମେରିକାର ଆସିଥିବା ଏହି ଆଇନର କେତେଦୂର ବାସ୍ତବତା ରହିଛି, ତାହା ମଧ୍ୟ ଖୋଜାଯାଉଛି ବୋଲି ସେ କହିଥିଲେ ।



ସୂଚନାଯୋଗ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଅଧିକ ଶୁଳ୍କ ନେଇ ସମାଲୋଚନା କରୁଛନ୍ତି । ଟ୍ରମ୍ପ କହୁଛନ୍ତି ଯେ ଆମେରିକାରୁ ଯାଉଥିବା ସାମଗ୍ରୀ ଉପରେ ଭାରତ ଅତ୍ୟଧିକ ଶୁଳ୍କ ଲାଗୁ କରୁଛି । ତେଣୁ ଏପ୍ରିଲ ୨ରୁ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ତଦନୁଯାୟୀ ଶୁଳ୍କ ଲାଗୁ କରାଯିବ । ଭାରତରୁ ଯାଉଥିବା ଇସ୍ପାତ ଓ ଆଲୁମିନା ଉପରେ ମଧ୍ୟ ଶୁଳ୍କରେ ରିହାତି ଦିଆଯିବ ନାହିଁ ଓ ସମାନୁପାତିକ ଶୁଳ୍କ ଲାାଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସିପିଏମ୍ ସଦସ୍ୟ ଜନ୍ ବ୍ରିଟାସ୍‌ଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଅତିରିକ୍ତ ଶୁଳ୍କ ଲାଗିଲେ କ'ଣ ପ୍ରଭାବ ପଡ଼ିବ ଅତ୍ୟନ୍ତ ଗମ୍ଭୀର ଭାବେ ଏହାର ନିରୀକ୍ଷଣ କରାଯାଉଛି । ବିଶେଷକରି ଅଧିକ ରପ୍ତାନୀ କରୁଥିବା ଦେଶକୁ ଛାଡ଼ କରିବା ପାଇଁ ପୂର୍ବରୁ ଯେଉଁ ବ୍ୟବସ୍ଥା ଥିଲା, ତାହା ଉପରେ ଆଲୋଚନା ହେଉଛି । ଉଭୟ ଦେଶ ଏବେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି ନେଇ ଆଲୋଚନା କରୁଛନ୍ତି । ଉଭୟ ଦେଶ ପକ୍ଷରୁ ୨୦୨୫ ଫେବୃଆରୀ ୧୩ରେ ମିଳିତ ବିବୃତି ପ୍ରକାଶ ପାଇଥିଲା । ଏଥିରେ ଆମେରିକା ଓ ଭାରତର ବାଣିଜ୍ୟିକ କାରବାର ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି । ବିଭିନ୍ନ କ୍ଷେତ୍ରରେ ଏହି ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇବ । ଉଭୟ ଦେଶ ପରସ୍ପରର ସୁବିଧା ଓ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି ବୃଦ୍ଧି ଉପରେ ଫୋକସ କରୁଛନ୍ତି । ଶୁଳ୍କ ହ୍ରାସ କରିବା, ଅଣଶୁଳ୍କ ପ୍ରତିବନ୍ଧକ ହଟାଇବା, ଯୋଗାଣ ଶୃଙ୍ଖଳାକୁ ସମନ୍ୱିତ କରିବା ନେଇ ଦ୍ୱିପାକ୍ଷିକ ଆଲୋଚନାରେ ସମାଧାନ କରାଯିବ । ତେବେ ଗୁରୁବାର ଆମେରିକା ରାଷ୍ଟ୍ରପତି ଟମ୍ପ କହିଥିଲେ ଯେ ଭାରତ ସହ ତାଙ୍କର ଭଲ ସମ୍ପର୍କ ରହିଛି । କିନ୍ତୁ ସମସ୍ୟା ହେଉଛି ଯେ ସେମାନେ ଅତ୍ୟଧିକ ଶୁଳ୍କ ଲାଗୁ କରୁଛନ୍ତି । ମୋର ବିଶ୍ୱାସ ଯେ ଏପ୍ରିଲ ୨ ପୂର୍ବରୁ ସେମାନେ ଶୁଳ୍କ ହ୍ରାସ କରିବେ ।



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗହଣରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସାଂସଦ ଓ ମନ୍ତ୍ରୀଗଣ । ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ପ୍ରାତଃଭୋଜି ସଭାରେ ଏମାନେ ଯୋଗଦେଇଛନ୍ତି ।

## ଏପ୍ରିଲ ୧ରୁ ଚାଲିବନି ୟୁପିଆଇ !

**ନୂଆଦିଲ୍ଲୀ:** ଆସନ୍ତା ମାସରୁ ମୋବାଇଲ୍ ନମ୍ବରଗୁଡ଼ିକରେ ବନ୍ଦ ହୋଇଯିବ ୟୁପିଆଇ ସେବା । ଟଙ୍କା ପଠାଇ ପାରିବେନି ଲୋକେ । ତେବେ ସବୁ ନମ୍ବରରେ ନୁହେଁ କେବଳ ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକରେ ୟୁପିଆଇ ସେବା ଆଉ କାମ କରିବ ନାହିଁ । ଜାଲିଆତି ଏବଂ ଅନଧିକୃତ କାରବାରକୁ ରୋକିବା ପାଇଁ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ), ବ୍ୟାଙ୍କ ଏବଂ ପେମେଣ୍ଟ୍ ସେବା ପ୍ରଦାନକାରୀ (ପିଏସପି) ଗୁଡ଼ିକୁ ଏପରି ନମ୍ବରଗୁଡ଼ିକୁ ଡିଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛି । ୟୁପିଆଇ ସହିତ ଲିଙ୍କ୍ ହୋଇଥିବା ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକ ସୁରକ୍ଷା ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି । ବ୍ୟବହାରକାରୀମାନେ ସେମାନଙ୍କର ନମ୍ବର ପରିବର୍ତ୍ତନ କଲେ କିମ୍ବା ଲମ୍ବା ସମୟ ପର୍ଯ୍ୟନ୍ତ ନମ୍ବରକୁ ବ୍ୟବହାର ନକଲେ ବି ସେମାନଙ୍କର ୟୁପିଆଇ ଆକାଉଣ୍ଟଗୁଡ଼ିକ ପ୍ରାୟତଃ ସକ୍ରିୟ ରହିଥାଏ । ଏହା ଦ୍ୱାରା ଅନ୍‌ଲାଇନ୍ ଠକ ଫାଇଦା ଉଠାନ୍ତି । ଏହାକୁ ରୋକିବା ପାଇଁ, ଏନପିସିଆଇର ନିର୍ଦ୍ଦେଶ ଅନୁଯାୟୀ, ଗୁଗୁଲ ପେ', ଫୋନ୍‌ପେ' ଏବଂ ପେଟିଏମ ପରି ବ୍ୟାଙ୍କ ଓ ପେମେଣ୍ଟ ଆପ୍ ଏବେ ୟୁପିଆଇ ସିଷ୍ଟମରୁ ନିଷ୍କ୍ରିୟ ନମ୍ବରଗୁଡ଼ିକୁ ହଟାଇବେ ।

## ବ୍ୟାଙ୍କ ଧର୍ମଘଟ ସ୍ଥଗିତ

**ନୂଆଦିଲ୍ଲୀ :** ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ ଦ୍ୱାରା ୨୪ ଏବଂ ୨୫ ମାର୍ଚ୍ଚରେ ଡାକରା ଦିଆଯାଇଥିବା ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ଏହା ଫଳରେ ଆସନ୍ତା ସୋମବାର ଓ ମଙ୍ଗଳବାର ବ୍ୟାଙ୍କ ଖୋଲା ରହିବ । ନୂଆଦିଲ୍ଲୀର ମୁଖ୍ୟ ଶ୍ରମ କମିସନରଙ୍କ ମଧ୍ୟସ୍ଥତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ବ୍ୟାଙ୍କ କର୍ମଚାରୀଙ୍କ ଦାବି ଉପରେ ସକାରାତ୍ମକ ପ୍ରତିଶ୍ରୁତି ଦିଆଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଡିଏଫଏସର ଯୁଗ୍ମ ସଚିବ ଭିଡିଓ କଲ୍ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ଏବଂ ସୂଚନା ଦେଇଥିଲେ ଯେ ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ଏବଂ ଅର୍ଥ ସଚିବଙ୍କ ସହ ଏକ ସକାରାତ୍ମକ ଆଲୋଚନା ହୋଇଛି । ସୂଚନା ଅନୁଯାୟୀ, ନୂଆଦିଲ୍ଲୀର ମୁଖ୍ୟ ଶ୍ରମ କମିସନରଙ୍କ ମଧ୍ୟସ୍ଥତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ବ୍ୟାଙ୍କ କର୍ମଚାରୀଙ୍କ ଦାବି ଉପରେ ସକାରାତ୍ମକ ପ୍ରତିଶ୍ରୁତି ଦିଆଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଡିଏଫଏସର ଯୁଗ୍ମ ସଚିବ ଭିଡିଓ କଲ୍ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ଏବଂ ସୂଚନା ଦେଇଥିଲେ ଯେ ପାଞ୍ଚ ଦିନିଆ ବ୍ୟାଙ୍କିଂ ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ଏବଂ ଅର୍ଥ ସଚିବଙ୍କ ସହ ଏକ ସକାରାତ୍ମକ ଆଲୋଚନା ହୋଇଛି । ବୈଠକରେ ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ଏବଂ ଆର୍ଥିକ ସେବା ବିଭାଗ (ଡିଏଫଏସ)ର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ସମୟରେ, ଆଇବିଏ ନିଯୁକ୍ତି, ପିଏଲଆଇ (ପର୍ଫମାନ୍ସ ଲିଙ୍କଡ୍ ଇନସେଣ୍ଟିଭ୍) ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆହୁରି ଆଲୋଚନା ଜାରି ରଖିବାକୁ ପ୍ରସ୍ତାବ ଦେଇଥିଲା ।

## ବିଦେଶୀ ଜେଲରେ ୧୦,୧୫୨ ଭାରତୀୟ ବନ୍ଦୀ

**ନୂଆଦିଲ୍ଲୀ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨୫ ଜଣ ଭାରତୀୟ ନାଗରିକଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିବା ଭାରତ ସରକାର ପ୍ରକାଶ କରିଛନ୍ତି । କିନ୍ତୁ ସେମାନଙ୍କୁ ଏପର୍ଯ୍ୟନ୍ତ ଫାଶୀ ଦିଆଯାଇନାହିଁ । ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି । ଶ୍ରୀ ସିଂହ ବିଦେଶରେ ମୃତ୍ୟୁଦଣ୍ଡାଦେଶ ପାଇଥିବା କଏଦୀଙ୍କ ସମେତ ଭାରତୀୟ କଏଦୀଙ୍କ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବର୍ତ୍ତମାନ ସୁଦ୍ଧା ବିଦେଶୀ ଜେଲରେ ବିଚାରାଧୀନ କଏଦୀଙ୍କ ସମେତ ୧୦,୧୫୨ ଜଣ ଭାରତୀୟ କଏଦୀ ଅଛନ୍ତି । ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ସରକାର ଉଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି । ଶ୍ରୀ ସିଂହଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଜଣାପଡିଛି ଯେ ବିଭିନ୍ନ ଦେଶରେ ବହୁ ସଂଖ୍ୟକ ଭାରତୀୟ ନାଗରିକଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି । ଏମାନଙ୍କ ମଧ୍ୟରେ ୟୁଏଇର ୨୫, ସାଉଦି ଆରବରେ ୧୧, ମାଲେସିଆରେ ୬, କୁଏତରେ ୩ ଏବଂ ଇଣ୍ଡୋନେସିଆ, କତର, ଆମେରିକା ଓ ୟେମେନର ଜଣେ ଲେଖାଏଁ ଅଛନ୍ତି । ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତୀୟ ନାଗରିକମାନଙ୍କୁ ଭାରତ ସରକାର ସହାୟତା ପ୍ରଦାନ କରୁଛନ୍ତି, ଯେଉଁଥିରେ ସେମାନଙ୍କୁ ଆବେଦନ ଏବଂ କ୍ଷମା ଆବେଦନ କରିବା ଭଳି ଆଇନଗତ ପ୍ରତିକାର ଖୋଜିବାରେ ସାହାଯ୍ୟ କରାଯାଉଛି । ବିଦେଶୀ ଅଦାଲତ ଦ୍ୱାରା ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତୀୟ ନାଗରିକମାନଙ୍କୁ ବିଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିଥାନ୍ତି ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି । ଗତ ୫ ବର୍ଷ ମଧ୍ୟରେ ବିଦେଶରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହ କହିଛନ୍ତି ଯେ ମାଲେସିଆ, କୁଏତ, କତର ଓ ସାଉଦି ଆରବରେ ଏଭଳି ଘଟଣା ଘଟିଛି । ୨୦୨୪ରେ କୁଏତ ଓ ସାଉଦି ଆରବରେ ୩ ଜଣ ଭାରତୀୟଙ୍କୁ ଫାଶୀ ଦିଆଯାଇଥିବା ବେଳେ ଜିମ୍ବାୱେରେ ଜଣେ ଭାରତୀୟଙ୍କୁ ଫାଶୀ ଦିଆଯାଇଥିଲା । ୨୦୨୩ରେ କୁଏତ ଓ ସାଉଦି ଆରବରେ ୫ ଜଣ ଭାରତୀୟଙ୍କୁ ଫାଶୀ ଦିଆଯାଇଥିବା ବେଳେ ମାଲେସିଆରେ ଜଣେ ଭାରତୀୟଙ୍କୁ ଫାଶୀ ଦିଆଯାଇଛି ।

## ଡିଜିଟାଲ୍ ଆରେଷ୍ଟ: ୨୦ କୋଟି ହରାଇଲେ ବୃଦ୍ଧା

**ମୁମ୍ବାଇ:** ଦକ୍ଷିଣ ମୁମ୍ବାଇର ଜଣେ ୮୬ ବର୍ଷୀୟ ବୃଦ୍ଧା ସାଇବର ଅପରାଧୀଙ୍କ ଶିକାର ହୋଇଛନ୍ତି । ଡିଜିଟାଲ୍ ଗିରଫର ଭୟ ଦେଖାଇ ଅପରାଧୀମାନେ ବୃଦ୍ଧାଙ୍କର ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଛନ୍ତି । ପୁଲିସର ସୂଚନାନୁସାରେ, ଜଣେ ବ୍ୟକ୍ତି ନିଜକୁ 'ସିବିଆଇ ଅଧିକାରୀ'ର ପରିଚୟ ନେଇ ବୃଦ୍ଧାଙ୍କୁ ଫୋନ୍ କରିଥିଲା । ୨୬ ଡିସେମ୍ବର ୨୦୨୪ରୁ ଚଳିତ ବର୍ଷ ମାର୍ଚ୍ଚ ୩ ତାରିଖ ମଧ୍ୟରେ ଘଟିଥିବା ଏକ ଅପରାଧ ମାମଲାରେ ତିନିଜଣ ଗିରଫ ହୋଇ ସାରିଛନ୍ତି । ତାଙ୍କର ଆଧାର କାର୍ଡ ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସହ ଏଥିରେ କୋଟିକୋଟି ଟଙ୍କା ବେଆଇନ କାରବାର କରାଯାଇଛି ବୋଲି କହିଥିଲା ।ଏହି ମାମଲାରେ ତାଙ୍କୁ 'ଡିଜିଟାଲ୍ ଗିରଫ' କରାଯାଇଛି । ଏହି ସମୟ ମଧ୍ୟରେ ସେ କେଉଁ ଆଡ଼େ ଯାଇପାରିବେ ନାହିଁ । ମୋବାଇଲ୍ ବନ୍ଦ କରିପାରିବେ ନାହିଁ । ପ୍ରତି ତିନିଘଣ୍ଟାରେ ଥରେ ଫୋନରେ କଥା ହେବେ । ଯଦି ଏହାର ଅମାନ୍ୟ ହୁଏ ତେବେ ବୃଦ୍ଧା ଓ ତାଙ୍କ ସନ୍ତାନମାନଙ୍କୁ ଗିରଫ କରାଯିବ ବୋଲି ଠକ ଜଣକ ଧମକ ଦେଇଥିଲେ । ଗିରଫ ଭୟରେ ବୃଦ୍ଧାଜଣକ ୨ ମାସ ଧରି ଘରେ ରହିଥିଲେ । କେବଳ ଖାଇବା ନିମନ୍ତେ ପ୍ରକୋଷ୍ଠରୁ ବାହାରକୁ ଆସୁଥିଲେ । ଠକଙ୍କ କହିବାନୁସାରେ ୨୦ କୋଟି ୨୬ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ । ତଦନ୍ତ ଶେଷ ହେବା



ପରେ ଏହି ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ବୃଦ୍ଧାଙ୍କ ହାବଭାବରେ ପରିବର୍ତ୍ତନ ନେଇ ଘରର ଚାକରାଣୀ ବୃଦ୍ଧାଙ୍କ ଝିଅକୁ ଜଣାଇଥିଲେ । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଆକାଉଣ୍ଟ ଗୁଡ଼ିକ ମଧ୍ୟରୁ ମାଲାଡ୍ ଅଞ୍ଚଳର ସାୟାନ୍ ଜାମିଲ୍ ଶେଖ୍ (୨୦) ନାମକ ଜଣେ ବ୍ୟକ୍ତିର ଆକାଉଣ୍ଟକୁ ଚିହ୍ନଟ କରାଯାଇଛି । ଆକାଉଣ୍ଟରେ ଥିବା ୭୭ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

# ହନିଟ୍ରାପ୍ ପ୍ରସଙ୍ଗ ନେଇ କର୍ଣ୍ଣାଟକ ବିଧାନସଭାରେ ହଙ୍ଗାମା

## ୧୮ ବିଜେପି ବିଧାୟକ ୬ ମାସ ପାଇଁ ସସ୍‌ପେଣ୍ଡ

**ବେଙ୍ଗାଲୁରୁ:** କର୍ଣ୍ଣାଟକ ବିଧାନସଭାରୁ ୧୮ ଜଣ ବିଜେପି ବିଧାୟକଙ୍କୁ ନିଲମ୍ବିତ କରାଯାଇଛି । 'ହନି ଟ୍ରାପ୍' ମାମଲା ପ୍ରସଙ୍ଗରେ ହଙ୍ଗାମା କରିବା ଏବଂ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ବିଧାନସଭା ବାଚସ୍ପତି ୟୁଟି ଖାଦେର ଶୁକ୍ରବାର ୧୮ ଜଣ ବିଜେପି ବିଧାୟକଙ୍କୁ ବିଧାନସଭାରୁ ଛଅ ମାସ ପାଇଁ ନିଲମ୍ବିତ କରିଛନ୍ତି । କର୍ଣ୍ଣାଟକ ସରକାରଙ୍କ ଜଣେ ମନ୍ତ୍ରୀ ଏବଂ ଅନ୍ୟ ରାଜନେତାଙ୍କ ସହ ଜଡିତ 'ହନି-ଟ୍ରାପ୍' ମାମଲାରେ ବିରୋଧୀ ନେତାମାନେ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ । ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ । ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା



ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି । ଏହି ବିଲ୍ କୁ କର୍ଣ୍ଣାଟକ ଆଇନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଆଗତ କରିଥିଲେ । ନିକଟରେ, କର୍ଣ୍ଣାଟକରେ ଏକ ହାଇ-ପ୍ରୋଫାଇଲ୍ ହନି ଟ୍ରାପ୍ ମାମଲା ଚର୍ଚ୍ଚାକୁ ଆସିଛି, ଯାହା ରାଜ୍ୟର ରାଜନୀତିକୁ ହଲଚଲ କରିଦେଇଛି । ଏହି ଘଟଣାଟି ସେତେବେଳେ ଜଣାପଡ଼ିଲା ଯେତେବେଳେ କର୍ଣ୍ଣାଟକର ସମବାୟ ମନ୍ତ୍ରୀ କେ.ଏନ୍. ରାଜନ୍ନା ବିଧାନସଭାରେ ପ୍ରକାଶ କରିଥିଲେ ଯେ କେବଳ ସେ ହନିଟ୍ରାପରୁ ରକ୍ଷା ପାଇ ଥିଲେ ବି ବରଂ ଅନ୍ୟ ୪୮ ଜଣ ରାଜ୍ୟ ନେତା, ବିଧାୟକ ଏବଂ କେନ୍ଦ୍ରୀୟ ନେତା ମଧ୍ୟ ଏପରି ଫାଶର ଶିକାର ହୋଇଛନ୍ତି ।

## ଆଇପିଏଲ୍ ସୂଚୀ

| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | କୋଲକାତା-ବେଙ୍ଗାଲୁରୁ | ଇଡେନ୍ | ରାତି ୭.୩୦ |
| ମାର୍ଚ୍ଚ ୨୩ | ହାଇଦ୍ରାବାଦ-ରାଜସ୍ଥାନ | ହାଇଦ୍ରାବାଦ | ଅପରାହ୍ଣ ୩.୩୦ |
| ମାର୍ଚ୍ଚ ୨୩ | ଚେନ୍ନାଇ-ମୁମ୍ବାଇ | ଚେନ୍ନାଇ | ରାତି ୭.୩୦ |
| ମାର୍ଚ୍ଚ ୨୪ | ଦିଲ୍ଲୀ-ଲକ୍ଷ୍ନୌ | ବିଶାଖାପଟନମ୍ | ରାତି ୭.୩୦ |
| ମାର୍ଚ୍ଚ ୨୫ | ଗୁଜରାଟ-ପଞ୍ଜାବ | ଅହମ୍ମଦାବାଦ | ରାତି ୭.୩୦ |
| ମାର୍ଚ୍ଚ ୨୬ | ରାଜସ୍ଥାନ-କୋଲକାତା | ଗୌହାଟୀ | ରାତି ୭.୩୦ |
| ମାର୍ଚ୍ଚ ୨୭ | ହାଇଦ୍ରାବାଦ-ଲକ୍ଷ୍ନୌ | ହାଇଦ୍ରାବାଦ | ରାତି ୭.୩୦ |
| ମାର୍ଚ୍ଚ ୨୮ | ଚେନ୍ନାଇ-ବେଙ୍ଗାଲୁରୁ | ଚେନ୍ନାଇ | ରାତି ୭.୩୦ |
| ମାର୍ଚ୍ଚ ୨୯ | ଗୁଜରାଟ-ମୁମ୍ବାଇ | ଅହମ୍ମଦାବାଦ | ରାତି ୭.୩୦ |
| ମାର୍ଚ୍ଚ ୩୦ | ଦିଲ୍ଲୀ-ହାଇଦ୍ରାବାଦ | ବିଶାଖାପଟନମ୍ | ଅପରାହ୍ଣ ୩.୩୦ |
| ମାର୍ଚ୍ଚ ୩୦ | ରାଜସ୍ଥାନ-ଚେନ୍ନାଇ | ଗୌହାଟୀ | ରାତି ୭.୩୦ |
| ମାର୍ଚ୍ଚ ୩୧ | କୋଲକାତା-ମୁମ୍ବାଇ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୧ | ଲକ୍ଷ୍ନୌ-ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୨ | ବେଙ୍ଗାଲୁରୁ-ଗୁଜରାଟ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୩ | କୋଲକାତା-ହାଇଦ୍ରାବାଦ | ଇଡେନ୍ | ରାତି ୭.୩୦ |
| ଏପ୍ରିଲ ୪ | ଲକ୍ଷ୍ନୌ-ମୁମ୍ବାଇ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୫ | ଚେନ୍ନାଇ-ଦିଲ୍ଲୀ | ଚେନ୍ନାଇ | ଅପରାହ୍ଣ ୩.୩୦ |
| ଏପ୍ରିଲ ୫ | ପଞ୍ଜାବ-ରାଜସ୍ଥାନ | ମୁଲାନପୁର | ରାତି ୭.୩୦ |
| ଏପ୍ରିଲ ୬ | କୋଲକାତା-ଲକ୍ଷ୍ନୌ | ଇଡେନ୍ | ଅପରାହ୍ଣ ୩.୩୦ |
| ଏପ୍ରିଲ ୬ | ହାଇଦ୍ରାବାଦ-ଗୁଜରାଟ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୭ | ମୁମ୍ବାଇ-ବେଙ୍ଗାଲୁରୁ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୮ | ପଞ୍ଜାବ-ଚେନ୍ନାଇ | ମୁଲାନପୁର | ରାତି ୭.୩୦ |
| ଏପ୍ରିଲ ୯ | ଗୁଜରାଟ-ରାଜସ୍ଥାନ | ଅହମ୍ମଦାବାଦ | ରାତି ୭.୩୦ |
| ଏପ୍ରିଲ ୧୦ | ବେଙ୍ଗାଲୁରୁ-ଦିଲ୍ଲୀ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୧ | ଚେନ୍ନାଇ-କୋଲକାତା | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୧୨ | ଲକ୍ଷ୍ନୌ-ଗୁଜରାଟ | ଲକ୍ଷ୍ନୌ | ଅପରାହ୍ଣ ୩.୩୦ |
| ଏପ୍ରିଲ ୧୨ | ହାଇଦ୍ରାବାଦ-ପଞ୍ଜାବ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୩ | ରାଜସ୍ଥାନ-ବେଙ୍ଗାଲୁରୁ | ଜୟପୁର | ଅପରାହ୍ଣ ୩.୩୦ |
| ଏପ୍ରିଲ ୧୩ | ଦିଲ୍ଲୀ-ମୁମ୍ବାଇ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୧୪ | ଲକ୍ଷ୍ନୌ-ଚେନ୍ନାଇ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୧୫ | କୋଲକାତା-ପଞ୍ଜାବ | ମୁଲାନପୁର | ରାତି ୭.୩୦ |
| ଏପ୍ରିଲ ୧୬ | ଦିଲ୍ଲୀ-ରାଜସ୍ଥାନ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୧୭ | ମୁମ୍ବାଇ-ହାଇଦ୍ରାବାଦ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୧୮ | ବେଙ୍ଗାଲୁରୁ-ପଞ୍ଜାବ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୯ | ଗୁଜରାଟ-ଦିଲ୍ଲୀ | ଅହମ୍ମଦାବାଦ | ଅପରାହ୍ଣ ୩.୩୦ |
| ଏପ୍ରିଲ ୧୯ | ରାଜସ୍ଥାନ-ଲକ୍ଷ୍ନୌ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ-ବେଙ୍ଗାଲୁରୁ | ମୁଲାନପୁର | ଅପରାହ୍ଣ ୩.୩୦ |
| ଏପ୍ରିଲ ୨୦ | ମୁମ୍ବାଇ-ଚେନ୍ନାଇ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୨୧ | କୋଲକାତା-ଗୁଜରାଟ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ-ଦିଲ୍ଲୀ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୨୩ | ହାଇଦ୍ରାବାଦ-ମୁମ୍ବାଇ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୨୪ | ବେଙ୍ଗାଲୁରୁ-ରାଜସ୍ଥାନ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୨୫ | ଚେନ୍ନାଇ-ହାଇଦ୍ରାବାଦ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୨୬ | କୋଲକାତା-ପଞ୍ଜାବ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୨୭ | ମୁମ୍ବାଇ-ଲକ୍ଷ୍ନୌ | ମୁମ୍ବାଇ | ଅପରାହ୍ଣ ୩.୩୦ |
| ଏପ୍ରିଲ ୨୭ | ଦିଲ୍ଲୀ-ବେଙ୍ଗାଲୁରୁ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୨୮ | ରାଜସ୍ଥାନ-ଗୁଜରାଟ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୯ | ଦିଲ୍ଲୀ-କୋଲକାତା | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ-ପଞ୍ଜାବ | ଚେନ୍ନାଇ | ରାତି ୭.୩୦ |
| ମେ ୧ | ରାଜସ୍ଥାନ-ମୁମ୍ବାଇ | ଜୟପୁର | ରାତି ୭.୩୦ |
| ମେ ୨ | ଗୁଜରାଟ-ହାଇଦ୍ରାବାଦ | ଅହମ୍ମଦାବାଦ | ରାତି ୭.୩୦ |
| ମେ ୩ | ବେଙ୍ଗାଲୁରୁ-ଚେନ୍ନାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ମେ ୪ | କୋଲକାତା-ରାଜସ୍ଥାନ | କୋଲକାତା | ଅପରାହ୍ଣ ୩.୩୦ |
| ମେ ୪ | ଲକ୍ଷ୍ନୌ-ପଞ୍ଜାବ | ଧର୍ମଶାଳା | ରାତି ୭.୩୦ |
| ମେ ୫ | ହାଇଦ୍ରାବାଦ-ଦିଲ୍ଲୀ | ହାଇଦ୍ରାବାଦ | ରାତି ୭.୩୦ |
| ମେ ୬ | ମୁମ୍ବାଇ-ଗୁଜରାଟ | ମୁମ୍ବାଇ | ରାତି ୭.୩୦ |
| ମେ ୭ | କୋଲକାତା-ଚେନ୍ନାଇ | କୋଲକାତା | ରାତି ୭.୩୦ |
| ମେ ୮ | ପଞ୍ଜାବ-ଦିଲ୍ଲୀ | ଧର୍ମଶାଳା | ରାତି ୭.୩୦ |
| ମେ ୯ | ଲକ୍ଷ୍ନୌ-ବେଙ୍ଗାଲୁରୁ | ଲକ୍ଷ୍ନୌ | ରାତି ୭.୩୦ |
| ମେ ୧୦ | ହାଇଦ୍ରାବାଦ-କୋଲକାତା | ହାଇଦ୍ରାବାଦ | ରାତି ୭.୩୦ |
| ମେ ୧୧ | ପଞ୍ଜାବ-ମୁମ୍ବାଇ | ଧର୍ମଶାଳା | ଅପରାହ୍ଣ ୩.୩୦ |
| ମେ ୧୧ | ଦିଲ୍ଲୀ-ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ମେ ୧୨ | ଚେନ୍ନାଇ-ରାଜସ୍ଥାନ | ଚେନ୍ନାଇ | ରାତି ୭.୩୦ |
| ମେ ୧୩ | ବେଙ୍ଗାଲୁରୁ-ହାଇଦ୍ରାବାଦ | ବେଙ୍ଗାଲୁରୁ | ରାତି ୭.୩୦ |
| ମେ ୧୪ | ଗୁଜରାଟ-ଲକ୍ଷ୍ନୌ | ଅହମ୍ମଦାବାଦ | ରାତି ୭.୩୦ |
| ମେ ୧୫ | ମୁମ୍ବାଇ-ଦିଲ୍ଲୀ | ମୁମ୍ବାଇ | ରାତି ୭.୩୦ |
| ମେ ୧୬ | ରାଜସ୍ଥାନ-ପଞ୍ଜାବ | ଜୟପୁର | ରାତି ୭.୩୦ |
| ମେ ୧୭ | ବେଙ୍ଗାଲୁରୁ-କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ମେ ୧୮ | ଲକ୍ଷ୍ନୌ-ହାଇଦ୍ରାବାଦ | ଲକ୍ଷ୍ନୌ | ରାତି ୭.୩୦ |
| **ମେ ୨୦** | **କ୍ୱାଲିଫାୟର-୧** | **ହାଇଦ୍ରାବାଦ** | **ରାତି ୭.୩୦** |
| **ମେ ୨୧** | **ଏଲିମିନେଟର** | **ହାଇଦ୍ରାବାଦ** | **ରାତି ୭.୩୦** |
| **ମେ ୨୩** | **କ୍ୱାଲିଫାୟର-୨** | **କୋଲକାତା** | **ରାତି ୭.୩୦** |
| **ମେ ୨୫** | **ଫାଇନାଲ** | **କୋଲକାତା** | **ରାତି ୭.୩୦** |

# ଆଜିଠୁ ଆଇପିଏଲ୍ ମହାକୁମ୍ଭ

## କୋଲକାତା-ବେଙ୍ଗାଲୁରୁ ଉଦ୍‌ଘାଟନୀ ମ୍ୟାଚ



କୋଲକାତା,୨୧।୩ (ଏଜେନ୍ସି): ଶନିବାରଠୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ତମ ସଂସ୍କରଣ ବିଗୁଲ ବାଜିବାକୁ ଯାଉଛି । କୋଲକାତାର ଐତିହାସିକ ଇଡେନ୍ ଗାର୍ଡେନରେ ଗତଥରର ଚାମ୍ପିଅନ୍ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଏବଂ ଉପବିଜେତା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ । ଏନେଇ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଛି । ବେଶ କିଛି ଦିନ ହେବ ଉଭୟ ଦଳ ଇଡେନ୍‌ରେ ଜୋରଦାର ଅଭ୍ୟାସ କରିଛନ୍ତି । କେବଳ ଶନିବାର ଲଢ଼େଇକୁ ଅପେକ୍ଷା । ସନ୍ଧ୍ୟା ୭.୩୦ ମିନିଟ୍‌ରେ ଏହି ମ୍ୟାଚ ଆରମ୍ଭ ହେବ ।

ଜିଓ ହଟ୍‌ଷ୍ଟାରରେ ଏହି ମ୍ୟାଚର ସିଧା ପ୍ରସାରଣ ଦର୍ଶକ ଦେଖିବାକୁ ପାଇବେ । ଶେଷଥର ପାଇଁ ଉଭୟ ଦଳ ୨୦୦୮ ଅର୍ଥାତ୍ ୧୭ ବର୍ଷ ତଳେ ପରସ୍ପରକୁ ଭେଟିଥିଲେ । ତେଣୁ ଉଭୟ ଦଳ ମଧ୍ୟରେ ଏହି ମ୍ୟାଚ ବେଶ ରୋଚକ ହେବ ବୋଲି ଆଶା କରାଯାଉଛି ।

ଚଳିତ ସିଜନ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳ ଗୁଡିକ ମଧ୍ୟରେ ୬୫ ଦିନରେ ୭୪ଟି ମ୍ୟାଚ ଖେଳାଯିବ । ଏହି ସମସ୍ତ ମ୍ୟାଚ ଗୁଡିକ ଭାରତର ୧୩ଟି ଭେନ୍ୟୁରେ ଖେଳାଯିବ । ଏଥର ଆଇପିଏଲ୍‌ର ୬୨ଟି ମ୍ୟାଚ ସନ୍ଧ୍ୟାରେ ଓ ୧୨ଟି ମ୍ୟାଚ ଅପରାହ୍ଣ ୩.୩୦ରୁ ଆରମ୍ଭ ହେବ । ସନ୍ଧ୍ୟା ମ୍ୟାଚ ଗୁଡିକ ୭.୩୦ରୁ ଖେଳାଯିବ ।

ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚ ପାଇଁ ଇଡେନ୍‌ଗାର୍ଡେନର ସବୁ ଟିକେଟ୍ ବିକ୍ରି ହୋଇସାରିଛି । ଟ୍ରଫି ଟୁର ମଧ୍ୟ ସରିଛି । ସବୁ ଖେଳାଳି ମହାଲଢ଼େଇ ପୂର୍ବରୁ ପ୍ରସ୍ତୁତି ହୋଇସାରିଛନ୍ତି । ବିରାଟ କୋହଲିଙ୍କୁ ଦେଖିବା ପାଇଁ ଇଡେନ୍‌ରେ ମଧ୍ୟ ଅହେତୁକ ଆଗ୍ରହ ବଢ଼ିବାରେ ଲାଗିଛି । ତେଣୁ ଶନିବାର ମହାଲଢ଼େଇ ପାଇଁ କୋଲକାତା ଓ ବେଙ୍ଗାଲୁରୁ ଦଳ ପ୍ରସ୍ତୁତି ହୋଇସାରିଛି । କୋଲକାତା ନାଇଟ ରାଇଡର୍ସର ଅଧିନାୟକ ଦାୟିତ୍ୱ ଆଜିଙ୍କ୍ୟ ରାହାଣେ ତୁଲାଇବେ । ସେହିଭଳି ରଜତ ପଟିଦାର ହେବେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦଳର ନୂଆ ଅଧିନାୟକ । ନୂଆ ପୁରୁଣା ଖେଳାଳିଙ୍କ ସହ ସୁସଂଗଠିତ ହୋଇଛି କେକେଆର୍ । ଦଳରେ ଇଣ୍ଡିଜ୍‌ର ସୁନୀଲ ନାରିନ, କ୍ୱିଣ୍ଟନ ଡିକକ୍, ରିଙ୍କୁ ସିଂ, ଆନ୍ଦ୍ରେ ରସେଲଙ୍କ ପରି ଗେମ୍ ଚେଞ୍ଜର୍ସ ରହିଛନ୍ତି । ସେହିଭଳି ବେଙ୍ଗାଲୁରୁ ଦଳରେ ଫିଲସଲ୍ଟ, ବିରାଟ କୋହଲି, ଲିଆମ୍ ଲିଭିଂ ଷ୍ଟୋନ୍, କ୍ରୁନାଲ ପାଣ୍ଡ୍ୟା, ଜୋସ ହାଜଲେଉଡଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଖେଳିବାର ଏତେଟା ସୁଯୋଗ ପାଇନଥିବା ରିଙ୍କୁ ସିଂ କିନ୍ତୁ କୋଲକାତା ପାଇଁ ପ୍ରମୁଖ ଅସ୍ତ୍ର ସାଜିବାକୁ ଯାଉଛନ୍ତି । ଏହି ଆଇପିଏଲ୍ ଯୋଗୁଁ ରିଙ୍କୁ ସିଂ ନିଜର ପରିଚୟ ପାଇଥିଲେ । ଗୋଟିଏ ଓଭରରେ ୫ଟି ଛକା ମାରି ଜାତୀୟ ଦଳକୁ ଏଣ୍ଟ୍ରି ମାରିଥିଲେ । ତେଣୁ ଉଦ୍‌ଘାଟନୀ ମ୍ୟାଚରେ ରିଙ୍କୁଙ୍କ ବ୍ୟାଟ ଚାଲିଲେ କେକେଆର୍‌ର ବିଜୟ ସହଜ ହୋଇପାରିବ ।

### ଆଜିର ମ୍ୟାଚ

**କୋଲକାତା-ବେଙ୍ଗାଲୁରୁ**
**ସମୟ:** ରାତି ୭.୩୦
**ସ୍ଥାନ:** ଇଡେନ୍ ଗାର୍ଡେନ
**ପ୍ରସାରଣ:** ଷ୍ଟାରନେଟୱର୍କ, ହଟ୍‌ଷ୍ଟାର



## ଧୋନି, ରୋହିତ, ବିରାଟଙ୍କ ପାଇଁ ଶେଷ ଆଇପିଏଲ୍ !

କୋଲକାତାର ଇଡେନ୍ ଗାର୍ଡେନରେ ଆଇପିଏଲ୍ ବିଗୁଲ ବାଜିବ । ଅନେକ କ୍ରିକେଟ୍‌ର ଆଇପିଏଲ୍‌କୁ ମଞ୍ଚ କରି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଉଭା ହୋଇପାରିଛନ୍ତି । କିନ୍ତୁ ସବୁ ଭଲ ଜିନିଷର ଶେଷ ମଧ୍ୟ ଥାଏ । ବର୍ଷ ବର୍ଷ ଧରି ନିଜ ପ୍ରଦର୍ଶନ ଓ ଜଲ୍‌ୱା ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଆସୁଥିବା କିଛି ଲିଜେଣ୍ଡଙ୍କ କ୍ୟାରିୟର ମଧ୍ୟ ଶେଷ ହେବାକୁଯାଉଛି । ତେବେ ୨୦୨୫ କଣ ସେମାନଙ୍କ ପାଇଁ ଶେଷ ଆଇପିଏଲ୍ ହେବ ? ମହେନ୍ଦ୍ର ସିଂ ଧୋନି, ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଏକାଧିକ ଖେଳାଳି କଣ ଶେଷଥର ପାଇଁ ଆଇପିଏଲ୍‌ର ନଜର ଆସିବେ କି ? ଏହି ପ୍ରଶ୍ନ ଉଠିବାର ଯଥେଷ୍ଟ କାରଣ ରହିଛି । ଯେଉଁମାନେ ସମ୍ଭବତଃ ସେମାନଙ୍କ କ୍ୟାରିୟର ଶେଷ ଆଇପିଏଲ୍ ଖେଳିବାକୁ ଯାଉଛନ୍ତି ସେମାନଙ୍କ ଉପରେ ନଜର ପକାଇବା ।...

**୧. ରୋହିତ ଶର୍ମା:** ତାଙ୍କ ନେତୃତ୍ୱରେ ମୁମ୍ବାଇ ୫ଥର ଆଇପିଏଲ୍ ଟ୍ରଫି ଜିତିଛି । କିନ୍ତୁ ବିଗତ କିଛି ବର୍ଷ ହେବ ଆଇପିଏଲ୍‌ରେ ରୋହିତ ଶର୍ମାଙ୍କ ବ୍ୟାଟ ଆତ୍ମବିଶ୍ୱାସ ଭରା ଇନିଂସ ଦେଖିବାକୁ ମିଳୁନାହିଁ । ୨୦୨୪ ଆଇପିଏଲ୍ ବେଳେ ସେ ମୁମ୍ବାଇର ଅଧିନାୟକ ପଦରୁ ହଟିଥିଲେ । ୩୭ ବର୍ଷ ରୋହିତ ଗତ ସିଜନ୍‌ରେ ୧୪ଟି ମ୍ୟାଚ ଖେଳି ୪୧୭ ରନ୍ କରିଥିଲେ । ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ କ୍ରିକେଟ୍‌ର ଏହି ଫର୍ମାଟରୁ ସନ୍ୟାସ ନେଇଥିଲେ । କଣ ରୋହିତ ଶର୍ମା ସମାନ ଢ଼ଙ୍ଗରେ ଆଇପିଏଲ୍‌ରୁ ଅବସର ନେବେ କି ?

**୨.ବିରାଟ କୋହଲି:** କିଙ୍ଗ କୋହଲିଙ୍କ ପାଇଁ ୨୦୨୪ ଆଇପିଏଲ୍ ଭଲ ଥିଲା । ସେ ୧୫ଟି ମ୍ୟାଚ ଖେଳି ୭୧୪ ରନ୍ କରିଥିଲେ । ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକ ବଳରେ ୬୧.୭୫ ହାରରେ ରନ୍ ସଂଗ୍ରହ କରିଥିଲେ । ତାଙ୍କର ଫିଲ୍ଡିଂ ବେଶ ଚମତ୍କାର ଥିଲା । ତଥାପି ଆର୍‌ସିବି ଟାଇଟଲ ଜିତିବାକୁ ସକ୍ଷମ ହୋଇନାହିଁ । ବିରାଟ ତାଙ୍କ କ୍ରିକେଟ୍ କ୍ୟାରିୟରରେ ପ୍ରାୟ ସବୁ ଟ୍ରଫି ହାତେଇବାକୁ ସଫଳ ହୋଇଛନ୍ତି । କିନ୍ତୁ ଆଇପିଏଲ୍ ଟ୍ରଫି ଜିତିପାରିନାହାନ୍ତି । ରୋହିତଙ୍କ ଭଳି ବିରାଟ ମଧ୍ୟ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇସାରିଛନ୍ତି । ସମ୍ଭବତଃ କୋହଲି ନିଜର ଶେଷ ଆଇପିଏଲ୍ ସିଜନ୍‌ରେ ଟ୍ରଫି ଜିତିବାକୁ ଉଦ୍ୟମ କରିବେ ।

**୩. ମହେନ୍ଦ୍ର ସିଂ ଧୋନି:** ବେଶ କିଛି ବର୍ଷ ହେଲାଣି ମହେନ୍ଦ୍ର ସିଂଙ୍କ ଆଇପିଏଲ୍ ଚର୍ଚ୍ଚା ଲାଗିରହିଛି । ଏହା ସତ୍ତ୍ୱେ ଭେଟେରାନ୍ କ୍ରିକେଟ୍‌ର ଧୋନି ଚେନ୍ନାଇ ସୁପରକିଙ୍ଗ୍ସ କିମ୍ବା ଆଇପିଏଲ୍‌ରୁ ଦୂରେଇ ଯିବା ମୁଡରେ ନାହାନ୍ତି । ଗତ ସଂସ୍କରଣରେ ସେ ୧୪ଟି ମ୍ୟାଚରେ ୧୬୧ ରନ୍ କରିଥିଲେ । ୪୩ ବର୍ଷୀୟ ଧୋନି ୨୦୨୫ ଆଇପିଏଲ୍ ସଂସ୍କରଣରେ ଅବସର ଘୋଷଣା କରିବେ ବୋଲି ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି । ଆଇପିଏଲ୍ ଓ ଚେନ୍ନାଇ ପାଇଁ ଧୋନି କେତେ ଗୁରୁତ୍ୱପୂର୍ଣ୍ଣ ତାକୁ ଦୃଷ୍ଟିରେ ରଖି ବିସିସିଆଇ ରିଟେର୍ଣ୍ଣ ନିୟମରେ ସଂଶୋଧନ କରିଥିଲା । ଧୋନିଙ୍କୁ ଅନ୍‌କ୍ୟାପଡ ଖେଳାଳି ଭାବେ ଚେନ୍ନାଇ ରିଟେର୍ଣ୍ଣ ରଖିଥିଲା । ଚେନ୍ନାଇ ଷଷ୍ଠଥର ଟାଇଟଲ ଜିତି ଧୋନିଙ୍କୁ ବିଦାୟ ଜଣାଇବା ପାଇଁ ଯୋଜନା କରିଛି ।

**୪. ସୁନୀଲ ନାରିନ:** ଘାତକ ସ୍ପିନ୍ ବଲ ମାଧ୍ୟମରେ ସମସ୍ତଙ୍କୁ ଘାଇଲା କରୁଥିଲେ ସୁନୀଲ ନାରିନ । କିନ୍ତୁ ଆଇପିଏଲ୍‌ରେ ସେ ବିସ୍ଫୋରକ ଅଲ୍‌ରାଉଣ୍ଡର ବନି ଯାଇଛନ୍ତି । ଗତ ସଂସ୍କରଣରେ ସେ କୋଲକାତାର ବିସ୍ଫୋରକ ଓପନର ଭାବେ ୧୫ଟି ମ୍ୟାଚରେ ୪୮୮ ରନ୍ କରିଥିଲେ । ଏହା ମଧ୍ୟରେ ୩ଟି ଅର୍ଦ୍ଧଶତକ ସହ ଗୋଟିଏ ଶତକ ରହିଥିଲା । ଫିଲ୍‌ସଲ୍ଟଙ୍କ ସହ ତାଙ୍କର ପାର୍ଟନରସିପ୍ କୋଲକାତାର ଟାଇଟଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସେ ୧୭ଟି ୱିକେଟ୍ ମଧ୍ୟ ନେଇଥିଲେ । ୩୬ ବର୍ଷୀୟ ନାରିନ୍ ସମ୍ଭବତଃ ଚଳିତ ସିଜନ୍ ରେ ଆଇପିଏଲ୍‌ରୁ ବିଦାୟ ନେଇପାରନ୍ତି ।

## ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ

ଭୁବନେଶ୍ୱର,୨୧।୩(ସବ୍ୟୁ): ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ । ୬ଟି ଦଳ ଏଥିରେ ଭାଗ ନେଇଛନ୍ତି । ଦଳ ଗୁଡ଼ିକ ହେଲେ ପଟିଆ ଟାଇଗର୍ସ, ପଟିଆ କିଙ୍ଗ୍ସ, ପଟିଆ ବାରିୟର୍ସ, ପଟିଆ ରେନବୋ, ପଟିଆ ରେଞ୍ଜର୍ସ ଏବଂ ପଟିଆ ସନରାଇଜ । ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା । ପଟିଆ ଟାଇଗର୍ସ ୩୮-୨୩ରେ ବାରିୟର୍ସକୁ ଏବଂ ଦ୍ୱିତୀୟ ମ୍ୟାଚରେ ରେନବୋ ୪୭-୩୪ରେ କିଙ୍ଗ୍ସକୁ ହରାଇଥିଲା ।

ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ବିଜେଡି ନେତା ସୁବାଷ ପାତ୍ର, ମନ୍ମଥ ରାଉତ, ପଟିଆ ଗ୍ରାମର ସଭାପତି ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ନୃସିଂହଚରଣ ରାଉତ, ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ପୂର୍ବତନ ସରପଞ୍ଚ ସନ୍ତୋଶ ନାଥ, ବିଷ୍ଣୁଚରଣ ପାତ୍ର ଏବଂ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ ।

## ୨୩ରୁ ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗ୍

ଭୁବନେଶ୍ୱର, ୨୧।୩(ସବ୍ୟୁ): ଶିକ୍ଷା ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗର ୨୦୨୫ ସଂସ୍କରଣ । ମୋଟ ୧୦ଟି ଫ୍ରାଞ୍ଚାଇଜ ଦଳ ଏଥିରେ ସାମିଲ ହୋଇଛନ୍ତି । ଚାମ୍ପିଅନ ଦଳକୁ ୭୫ ହଜାର ଏବଂ ରନର୍ସଅପ୍ ଦଳକୁ ୪୫ ହଜାର ଟଙ୍କା ପ୍ରଦାନ କରାଯିବ । ସମସ୍ତ ଦଳର ଅଧିନାୟକମାନେ ଉପସ୍ଥିତ ରହି ଟୁର୍ଣ୍ଣମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚନ କରିଥିଲେ ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ, 'ଟୁର୍ଣ୍ଣମେଣ୍ଟକୁ ଆଇପିଏଲ୍ ଢାଞ୍ଚାରେ ଆୟୋଜନ କରାଯାଉଛି । ପ୍ରଥମେ ୧୦ ଫ୍ରାଞ୍ଚାଇଜ ଚୟନ ହୋଇ ଖେଳାଳି ନିଲାମୀ ହୋଇଥିଲା । ୩୪୪ ଜଣ ଖେଳାଳି ଏଥିରେ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୬୭ ଜଣ ବିକ୍ରୀ ହୋଇଥିଲେ । ଖେଳାଳିମାନଙ୍କ ସର୍ବନିମ୍ନ ବୟସ ସୀମା ୨୫ ବର୍ଷ ରଖାଯାଇଛି । ପ୍ରତ୍ୟେକ ଦଳରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ଦୁଇ ଜଣ ଖେଳାଳି ରହିବା ବାଧ୍ୟତାମୂଳକ କରାଯାଇଛି । ୧୦ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ ହୋଇଛନ୍ତି । ଏପ୍ରିଲ ୨୩ ତାରିଖରେ ଫାଇନାଲ ଖେଳାଯିବାର କ୍ରୀଡ଼ାସୂଚୀ ରହିଛି ।'

## କମ୍ପିବ ଇଡେନ୍, ଝୁମିବେ ଦର୍ଶକ

କୋଲକାତାର ଇଡେନ୍ ଗାର୍ଡେନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆଇପିଏଲ୍ ୧୮ତମ ସଂସ୍କରଣ ବିଗୁଲ ବାଜିବ । ମ୍ୟାଚ ପୂର୍ବରୁ ଉଦ୍‌ଘାଟନୀ ସମାରୋହରେ ବଲିଉଡ ତାରକାଙ୍କ ନାଚଗୀତରେ କମ୍ପିବ ଇଡେନ୍ ଆଉ ଝୁମିବେ ଦର୍ଶକ । ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବ ବାବଦରେ ଆନୁଷ୍ଠାନିକ ସୂଚନା ଦିଆଯାଇଥିଲା । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡର ଲୋକପ୍ରିୟ କଳାକାର ଓ କଣ୍ଠଶିଳ୍ପୀ ନିଜ ଦମ୍‌ଦାର ପ୍ରଦର୍ଶନ ଦେଖାଇବେ । ବଲିଉଡ ଅଭିନେତ୍ରୀ ଦିଶା ପଠାଣି, ପ୍ରସିଦ୍ଧ କଣ୍ଠଶିଳ୍ପୀ ଶେୟା ଘୋଷାଲ, ରାପର କରନ କରନ୍ ଉଜ୍ୱଲା ଉଦ୍‌ଘାଟନୀରେ ଧମାଲ କରିବେ ।ସାହାରୁଖ ଖାନ୍, ସଲମାନ ଖାନ୍, ଭିକି କୌଶଲ, କ୍ୟାଟ୍ରିନା କୈଫ, ପ୍ରିୟଙ୍କା ଚୋପ୍ରା ଓ ସଞ୍ଜୟ ଦତ୍ତଙ୍କ ସମେତ ଅନେକ ବଲିଉଡ୍ ଅଭିନେତା କାର୍ଯ୍ୟକ୍ରମ ପରିବେଷଣ କରିବେ । ସଲମାନ ତାଙ୍କ ଆଗାମୀ ଫିଲ୍ମ ସିକନ୍ଦରର ପ୍ରମୋସନ ଆଇପିଏଲ୍ ଉଦ୍‌ଘାଟନୀରେ କରିପାରନ୍ତି ବୋଲି ଆଶା ରହିଛି । ମାର୍ଚ୍ଚ ୩୦ରେ ଏହି ଫିଲ୍ମ ଇଦ୍ ଅବସରରେ ରିଲିଜ୍ ହେବ । ଅନ୍ୟମାନଙ୍କ ମଧ୍ୟରେ ଲୋକପ୍ରିୟ ଗାୟକ ଅରିଜିତ୍ ସିଂ, ଶ୍ରେୟା ଘୋଷାଲଙ୍କ ମଧୁର ସ୍ୱର ଇଡେନ୍‌ଗାର୍ଡେନରେ ଝୁମିବ । ଦିଶା ପଠାନୀ, ପଞ୍ଜାବୀ ଗାୟକ କରନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ । କ୍ୟାଟ୍ରିନା କୈଫ, ତୃପ୍ତି ଡିମରୀ, ଅନନ୍ୟା ପାଣ୍ଡେ, ମଧୁରୀ ଦିକ୍ଷିତ, ଉର୍ବସୀ ରୌତଲା, ପୂଜା ହେଗ୍‌ଡେ ଓ କରିନା କପୁର ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହେବେ ।

## ଓସଜା ଏଜିଏମ: ଜୁନରେ ଭୁବନେଶ୍ୱରରେ ଏସଜେଏଫଆଇ ବୈଠକ



ଭୁବନେଶ୍ୱର,୨୧।୩(ସବ୍ୟୁ): ଶୁକ୍ରବାର ଓସଜା ବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ବାର୍ଷିକ ସାଧାରଣ ବରିଷଦ ବୈଠକ ସଂଘର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ଥିବା ଦିଲୀପ ତିର୍କୀ ହଲରେ ଅନୁଷ୍ଠିତ ଏଜିଏମରେ ୨୦୨୪-୨୫ ଆର୍ଥିକ ବର୍ଷରେ ସଂଗଠନର କାର୍ଯ୍ୟଧାରା ଓ ଉତ୍ସବର ସମୀକ୍ଷା ସାଙ୍ଗକୁ ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଆସନ୍ତା ଜୁଲାଇ ୨ ତାରିଖରେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ସମାରୋହ ଆଡମ୍ବର ସହ ପାଳନ କରାଯିବା ଏବଂ ସେହି ଅବସରରେ ସ୍ମରଣିକା ପ୍ରକାଶର ନିଷ୍ପତ୍ତି ହୋଇଥିଲା । ଅଗଷ୍ଟ ୧୮ ତାରିଖରେ ସ୍ୱର୍ଗତ ଅଶୋକ ପଟ୍ଟନାୟକ ଶ୍ରାଦ୍ଧ ଦିବସ ସମାରୋହ ମଧ୍ୟ ଆୟୋଜନ ବାବଦରେ କରାଯାଇଥିଲା ଚର୍ଚ୍ଚା । ରାଜ ସରକାରଙ୍କୁ ନିକଟ ଅତୀତରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରର ସ୍ଥିତିକୁ ନେଇ ଏଜିଏମରେ ସଦସମାନଙ୍କୁ ଅବଗତ କରାଇଥିଲେ ସଭାପତି ସନ୍ଦୀପ ମିଶ୍ର । ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ବା ଏସଜେଏଫଆଇର ଏଜିଏମ ଆସନ୍ତା ଜୁନ ମାସରେ ଭୁବନେଶ୍ୱରରେ ଆୟୋଜନ ପାଇଁ ଓସଜାକୁ ଦାୟିତ୍ୱ ମିଳିଥିବାରୁ ତା'ର ସଫଳ ଆୟୋଜନ ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା ।


### ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି